

'କକ୍‌ଟେଲ୍ ୨'ରେ ଦୀପିକା
▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-301 ♦WEDNESDAY ♦29 APRIL 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୦୧ ♦ବୁଧବାର ♦୨୯ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବିଜେପି ମନ୍ତ୍ରୀ ନୀତେଶ ରାଣେଙ୍କୁ ମାସେ ଜେଲ୍‌ଦଣ୍ଡ



### ଇଞ୍ଜିନିୟରଙ୍କ ଉପରକୁ କାଦୁଅ ଫିଙ୍ଗିବା ମାମଲାରେ କୋର୍ଟ ରାୟ

■ ସିନ୍ଧୁଦୁର୍ଗ, ୨୮ ।୪ (ଏଜେନ୍ସି): ମହାରାଷ୍ଟ୍ର ସରକାରରେ ଥିବା ବିବାଦୀୟ ମନ୍ତ୍ରୀ ତଥା ବିଜେପି ନେତା ନୀତେଶ ରାଣେଙ୍କୁ କାର୍ଯ୍ୟରତ ଜଣେ ସରକାରୀ ଇଞ୍ଜିନିୟରଙ୍କ ଉପରକୁ କାଦୁଅ ଫିଙ୍ଗିବା ମାମଲାରେ ସିନ୍ଧୁଦୁର୍ଗ କୋର୍ଟ ସୋମବାର ଏକ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ତେବେ ଉଚ୍ଚ ନ୍ୟାୟାଳୟରେ ଅପିଲ୍ କରିବା ପାଇଁ କୋର୍ଟ ବର୍ତ୍ତମାନ ଏହି ସଜା ଉପରେ ରୋକ୍ ଲଗାଇଛନ୍ତି । ମୁମ୍ବାଇ-ଗୋଆ ହାଇୱେ ସମ୍ପ୍ରସାରଣ କାର୍ଯ୍ୟର ଅନୁଧ୍ୟାନ ପାଇଁ ସେତେବେଳେ କଂଗ୍ରେସରେ ଥିବା ନୀତେଶ ରାଣେ ଇଞ୍ଜିନିୟର ପ୍ରକାଶ ଶେଡେକରଙ୍କୁ ଡକାଇଥିଲେ। ରାସ୍ତାର ଖରାପ ଅବସ୍ଥାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ । ନୀତେଶ ଓ ତାଙ୍କ ସମର୍ଥକମାନେ ଇଞ୍ଜିନିୟରଙ୍କ ଉପରକୁ ବାଲ୍ଟିରେ କାଦୁଅ ଫିଙ୍ଗିଥିଲେ । କେବଳ ସେତିକି ନୁହେଁ, ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି କାଦୁଅ ପାଣିରେ ଚାଲିବାକୁ ବାଧ କରିଥିଲେ । ଅତିରିକ୍ତ ସେସନ୍ସ ଜଜ୍ ଭିଏସ୍ ଦେଶମୁଖ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ହୋଇ ଆଇନକୁ ନିଜ ▸ପୃଷ୍ଠା-୭

## ସିବିଆଇ ନିର୍ଦ୍ଦେଶକଙ୍କୁ ୩ ମାସ ଜେଲ୍ ଦଣ୍ଡାଦେଶ



### ୨୫ ବର୍ଷ ପରେ ମିଳିଲା ନ୍ୟାୟ
### ଆଇଆରଏସ୍ ଅଧିକାରୀଙ୍କୁ ମାଡ଼ ମାରିଥିଲେ

■ ନୂଆଦିଲ୍ଲୀ, ୨୮ ।୪ (ଏଜେନ୍ସି): ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କ ଘରେ ଅନଧିକାର ପ୍ରବେଶ ଏବଂ ମାଡ଼ ମାରିବା ଅଭିଯୋଗରେ ଦିଲ୍ଲୀର ଏକ କୋର୍ଟ ସିବିଆଇର ଜଣେ ବର୍ତ୍ତମାନର ଯୁଗ୍ମ ନିର୍ଦ୍ଦେଶକ ଓ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ୩ ମାସର ଜେଲ୍ ଦଣ୍ଡ ଶୁଣାଇଛନ୍ତି । ଏହି ରାୟ ପ୍ରାୟ ୨୫ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଆଇନଗତ ଲଢେଇ ପରେ ଆସିଛି । ଏହି ମାମଲା ପ୍ରାୟ ଦୁଇ ଦଶନ୍ଧି ପୂର୍ବର, ଅର୍ଥାତ୍ ୧୯ ଅକ୍ଟୋବର ୨୦୦୦ ମସିହାର । କୋର୍ଟ ବର୍ତ୍ତମାନର ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ରମନୀଶ ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଭିକେ ପାଣ୍ଡେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେତେବେଳେ ଏହି ଦୁଇଜଣ ଏସପି ଭାବେ କାର୍ଯ୍ୟ କରୁଥିଲେ । ଆଇଆରଏସ୍ ଅଧିକାରୀ ଅଶୋକ କୁମାର ଅଗ୍ରୱାଲ ଅଭିଯୋଗ କରିଥିଲେ ଯେ, ଏକ ରେଡ୍ ସମୟରେ ସିବିଆଇ ଟିମ୍ ବିନା ଅନୁମତିରେ ତାଙ୍କ ଘରେ ପଶିଥିଲେ ଏବଂ ଗିରଫ ▸ପୃଷ୍ଠା-୭

### ବିମାନ ପେଟ୍ରୋଲ୍ ମୂଲ୍ୟ ବୃଦ୍ଧି; ଚାପରେ କମ୍ପାନୀ

## ସଙ୍କଟରେ ବିମାନ ସେବା

■ ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି): ଉଚ୍ଚ ଇନ୍ଧନ ମୂଲ୍ୟ ଏବଂ ଭୂ-ରାଜନୈତିକ ଅସ୍ଥିରତା ଯୋଗୁଁ ଦେଶର ବିମାନ ଶିଳ୍ପ ଏହାର ଅସ୍ତିତ୍ୱକୁ ନେଇ ବର୍ତ୍ତମାନ ସଂଘର୍ଷ କରୁଛି । ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ବୃଦ୍ଧି ଯୋଗୁ ବିମାନ କମ୍ପାନୀଗୁଡିକ ଏକ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦେଶର ପ୍ରମୁଖ ବିମାନ କମ୍ପାନୀଗୁଡିକୁ ନେଇ ଗଠିତ ସଂଘ ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍‌ଆଇଏ) ଉତ୍ପାଦ ଶୁଳ୍କ ଏବଂ ଭାଟ୍ କମ୍ କରିବାକୁ ସରକାରଙ୍କ ନିକଟରେ ଦାବି କରିଛି । ସଂଘ ଚେତାବନୀ ଦେଇଛି ଯେ, ଯଦି ସମୟୋଚିତ ପଦକ୍ଷେପ ନିଆ ନ ଯାଏ ତେବେ ବିମାନ ଉଡ଼ାଣ ବନ୍ଦ କରିଦିଆଯିବ । ନିକଟରେ ଏଫ୍‌ଆଇଏ , ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ପକ୍ଷରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏ ନେଇ ଚିଠି ଲେଖାଯାଇଛି । ଏହି ଚିଠିରେ ବିମାନ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ରମୁଖ ଚିନ୍ତା ଏବଂ ଦାବି ଉଲ୍ଲେଖ କରିଛନ୍ତି ।



ଉତ୍ପାଦ ଶୁଳ୍କ , ଭାଟ୍ କମ୍ କରିବାକୁ ଦାବି

ଏଠାରେ ସୂଚନାଯୋଗ୍ୟ ଯେ, ଏକ ବିମାନ କମ୍ପାନୀର ମୋଟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% ଏଟିଏଫ୍ । ଉଚ୍ଚ ଇନ୍ଧନ ମୂଲ୍ୟ ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ହେତୁ ବିମାନ କମ୍ପାନୀଙ୍କ ଖର୍ଚ୍ଚ ଢ଼େର ବଢ଼ିଯାଇଛି । ଏହାକୁ ଦୃଷ୍ଟିରେ ରଖି, ବିମାନ କମ୍ପାନୀଗୁଡ଼ିକ ଏଟିଏଫ୍ ଉପରେ ୧୧% ଉତ୍ପାଦ ଶୁଳ୍କକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି । ଆହୁରିମଧ୍ୟ ସରକାରୀ ଏବଂ ଘରୋଇ ବିମାନ ଉଡ଼ାଣ ପାଇଁ ଏକ ସମାନ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ପନଃସ୍ଥାପନ କରିବାକୁ ସଂଘ କହିଛି । ପଶ୍ଚିମ ଏସିଆରେ ଅଶାନ୍ତି ଯୋଗୁଁ ଅନେକ ରୁଟ୍‌ରେ ପ୍ରତିବନ୍ଧକ ଲାଗୁ କରାଯାଇଥିବାରୁ ବିମାନଗୁଡିକୁ ଲମ୍ବା ରୁଟ୍ ଦେଇ ଉଡ଼ାଣ କରିବାକୁ ପଡୁଛି । ପରିଣାମସ୍ୱରୂପ କମ୍ପାନୀଗୁଡିକର ପରିଚାଳନା ଖର୍ଚ୍ଚ ବହୁତ ବଢ଼ିଯାଇଛି । ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ପାଇଁ ଏକ ପ୍ରମୁଖ ସମସ୍ୟା ହେଉଛି, ମୂଲ୍ୟ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଅସନ୍ତୁଳନ । ଏଫ୍‌ଆଇଏ ତଥ୍ୟ ଅନୁଯାୟୀ, ଗତ ମାସରେ ସରକାର ଘରୋଇ ବିମାନ ପାଇଁ ଏଟିଏଫ୍ ମୂଲ୍ୟ ବୃଦ୍ଧିକୁ ୧୫ ଟଙ୍କା ପ୍ରତି ଲିଟର ପର୍ଯ୍ୟନ୍ତ ସୀମିତ କରିଥିଲେ । ବିପରୀତରେ, ଅନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକ ପାଇଁ ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୭୩ ଟଙ୍କା ବୃଦ୍ଧି କରାଯାଇଥିଲା । ଏଟିଏଫ୍ ମୂଲ୍ୟରେ ଏପରି ଅଯଥା ବୃଦ୍ଧି ବିରୁଦ୍ଧରେ ମନ୍ତ୍ରଣାଳୟକୁ ସଂଘ ଚେତାବନୀ ଦେଇଛି । ଏହା ବିମାନ କମ୍ପାନୀଗୁଡ଼ିକୁ ବହୁତ କ୍ଷତି ପହଞ୍ଚାଉଛି । ଏମିତି ପରିସ୍ଥିତି ଜାରି ରହିଲେ ବିମାନ କମ୍ପାନୀଗୁଡ଼ିକ ବନ୍ଦ ହୋଇଯାଇପାରେ । ଯଦି ବର୍ତ୍ତମାନର ମୂଲ୍ୟ ବୃଦ୍ଧି ପାଇବା ଜାରି ରହେ, ତେବେ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକୁ ପରିଚାଳନା କରିବା ଅସମ୍ଭବ ହୋଇଯିବ । ଯାହା ସମଗ୍ର ବିମାନ ଶିଳ୍ପକୁ ଏକ ଗଭୀର ସଙ୍କଟ ଭିତରକୁ ଠେଲିଦେବ ।

## ପଶ୍ଚିମ ବଙ୍ଗରେ ଶେଷ ଲଢ଼େଇ ଆଜି

## ୧୪୨ ଆସନ, ୧୪୪୮ ପ୍ରାର୍ଥୀ, ୩.୨ କୋଟି ଭୋଟର



■ କୋଲକାତା, ୨୮।୪ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ହେବାକୁ ଯାଉଛି । ପ୍ରବଳ ଉତ୍ତେଜନା ମଧ୍ୟରେ ୧୪୧ଟି ଆସନରେ ହେବାକୁ ଥିବା ନିର୍ବାଚନରେ ୧୪୪୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି । ପ୍ରାର୍ଥୀ ଅଧିକାରୀ । ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ୪୦ ହଜାର ବୁଥ୍‌ରେ ପ୍ରାୟ

### ୪୦ ହଜାର ମତଦାନ କେନ୍ଦ୍ରରେ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ଯବାନ
### ୟୁପି ଆଇପିଏସ୍‌ଙ୍କୁ ନେଇ ହଙ୍ଗାମା

ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ତାଙ୍କ କ୍ୟାବିନେଟର ଅଧିକାଂଶ ମନ୍ତ୍ରୀ ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ତଥା ବିଜେପିର ଶୁଭେନ୍ଦୁ ଅଧିକାରୀ । ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସହଯୋଗୀ ତଥା ବିଜେପି ୩ କୋଟି ୨୨ ଲକ୍ଷ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ରାଜ୍ୟରେ କ୍ରମାଗତ ଚତୁର୍ଥ ଥର ଲାଗି କ୍ଷମତା ବଜାୟ ରଖିବା ଲକ୍ଷରେ ମମତା ଥିବା ବେଳେ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ସମସ୍ତ ଶକ୍ତି ଖଟାଇଛି । ତେବେ ଉତ୍ତର ପ୍ରଦେଶର ଜଣେ ଆଇପିଏସ୍ ଅଧିକାରୀଙ୍କୁ ନେଇ ପଶ୍ଚିମ ବଙ୍ଗରେ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି । ଉତ୍ତର ପ୍ରଦେଶର ଏନକାଉଣ୍ଟର ସ୍ପେଶାଲିଷ୍ଟ ରୂପେ ପରିଚିତ ଅଜୟପାଲ ଶର୍ମା ଟିଏମସି ପ୍ରାର୍ଥୀ, ତାଙ୍କ ପରିବାର ଓ ସମର୍ଥକଙ୍କୁ ଧମକାଉଥିବାର ଭିଡିଓ ଭାଇରାଲ ହୋଇଛି । ଟିଏମସି ଅଭିଯୋଗ କରିଛି ଯେ ୟୁପି ପୁଲିସକୁ ଲଗାଇ ଏହାର ନେତା ଓ କର୍ମକର୍ତ୍ତାଙ୍କୁ ଧମକ ଦିଆଯାଉଛି । ଶର୍ମା ଜଣେ ପର୍ଯ୍ୟବେକ୍ଷକ ହୋଇଥିବା ବେଳେ କେଉଁ କ୍ଷମତା ବଳରେ ସେ ଟିଏମ୍‌ସି ପ୍ରାର୍ଥୀଙ୍କ ଘରକୁ ଯାଇ ଧମକ ଦେଉଛନ୍ତି? ଟିଏମ୍‌ସି କର୍ମକର୍ତ୍ତାମାନେ ଆଜି ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରତିବାଦ କରିବା ସହିତ ଶର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ସେମାନେ ▸ପୃଷ୍ଠା-୭

## ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଇଛି ୧୦୦ କୋଟି !

### କଳା ସ୍କର୍ପିଓ ଗାଡ଼ିରେ ବୁହାଯାଇଛି ଟଙ୍କା
### ମମତା ବାନାର୍ଜୀଙ୍କ ସାଂଘାତିକ ଅଭିଯୋଗ

■ ଭୁବନେଶ୍ୱର, ୨୮।୪ (ସମିସ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ସକାଳେ ଅନୁଷ୍ଠିତ ହେବ । ଏହି ସମୟରେ ଓଡ଼ିଶାର ବିଜେପି ନେତାଙ୍କ ଉପରେ ସାଂଘାତିକ ଅଭିଯୋଗ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ମୁଖ୍ୟ ମମତା ବାନାର୍ଜୀ । ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଓଡ଼ିଶା ବିଜେପି ନେତାମାନେ ୧୦୦ କୋଟି ଟଙ୍କା ଆଣି ଭୋଟ କିଣିବାକୁ ଷଡ଼ଯନ୍ତ୍ର କରିଛନ୍ତି । ଗୋଟିଏ କଳା ରଙ୍ଗର ସ୍କର୍ପିଓରେ ଏହି ଟଙ୍କା ଆସିଛି ଏବଂ ଭବାନୀପୁର ଅଞ୍ଚଳରେ ଏହି ଟଙ୍କା ବଣ୍ଟା ଯାଇଛି । ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଓଡ଼ିଶା ସୀମା ଦେଇ ଏହି ଟଙ୍କା ଆଣାଯାଇଛି । ଏହା ସହିତ ଉତ୍ତରପ୍ରଦେଶ ▸ପୃଷ୍ଠା-୭

## ଉଚ୍ଚବାଲିରେ ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ଶିଳାନ୍ୟାସ

■ କେନ୍ଦୁଝର/ଯୋଡ଼ା, ୨୮।୪ (ସମିସ): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲ ଅଞ୍ଚଳର ଉଚ୍ଚବାଲିଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ-ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ି ତୋଳିବାକୁ ଘୋଷଣା କରିଛନ୍ତି । ଏହାସହ କାର୍ଯ୍ୟକ୍ରମରେ ୫ଟି ନୂଆ ଟ୍ରାନ୍ସମିସନ୍ ଲାଇନ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା । ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



### ୭ ଲକ୍ଷରୁ ଅଧିକ ଉପଭୋକ୍ତା ପାଇବେ ନିରବଚ୍ଛିନ୍ନ ବିଦ୍ୟୁତ୍
### ୨୦୩୬ ସୁଦ୍ଧା ରାଜ୍ୟରେ ନିର୍ମିତ ହେବ ଆହୁରି ୩୪ଟି ନୂଆ ଗ୍ରୀଡ୍
### ବିଦ୍ୟୁତ୍ କାଟ୍ ହେବନି; 'ହଟ୍‌ଲାଇନ ମେଣ୍ଟେନାନ୍‌ସ' ମାଧ୍ୟମରେ ମରାମତି

ସେ ଦର୍ଶାଇଛନ୍ତି ଯେ ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ୪୦୦ କେଭି ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ ରହିବ । ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତୀକରଣ ତଥା ପ୍ରାଥମିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏକ 'ହଟ୍‌ଲାଇନ ମେଣ୍ଟେନାନ୍‌ସ' ମାଧ୍ୟମରେ ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ । ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ ।

ରାଜ୍ୟର ମଞ୍ଜେଶ୍ୱରଠାରେ ନିର୍ମିତ ନୂତନ ଏସ୍‌ଏଲ୍‌ଡିସି ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ । ଏହାସହ ଏସଏଏମ୍‌ଏସ ପ୍ରକଳ୍ପ ▸ପୃଷ୍ଠା-୭

## ବିଧାୟକଙ୍କ ଗାଡ଼ି କାଚ ଭାଙ୍ଗିଲେ ମହିଳା

■ ରାଇରଙ୍ଗପୁର, ୨୮।୪ (ସମିସ): ନ୍ୟାୟ ପାଇଁ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କୁ ସର୍ବସମ୍ମୁଖରେ ମହିଳା ଟଣାଓଟରା କରିବା ସହ ତାଙ୍କ କାର୍ କାଚକୁ ଭାଙ୍ଗି ଦେଇଥିବା ସୂଚନା ମିଳିଛି । ଏଥିସହିତ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତିରିଂ ଥାନାରେ ନିଜେ ମହିଳା ଏତଲା ଦେଇଛନ୍ତି । ମହିଳା ଜଣଙ୍କ ହେଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କା । ତାଙ୍କ ସହିତ ୩୦ ବର୍ଷରୁ ଉର୍ଦ୍ଧ୍ୱର ହେବ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ଜଣାଶୁଣା ରହିଛି । ବିଧାୟକ ଶ୍ରୀ ନାଏକ ପୂର୍ବରୁ ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକ ନିର୍ବାଚନ ସମୟରେ ଅନେକ ଆର୍ଥିକ ସହାୟତା ମହିଳାଙ୍କ ଠାରୁ ନେଇଥିଲେ । ନିଜ ଦରମା ଟଙ୍କାରୁ ତାଙ୍କୁ କାର ଆଦି ମଧ୍ୟ କିଣି ଦେଇଥିବାର ସେ କହିଛନ୍ତି । ତେବେ କୌଣସି କାରଣ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । ବିଧାୟକ ଶ୍ରୀ ନାଏକ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଘଟିକା ସମୟରେ ତିରିଂ ଥାନା ଅନ୍ତର୍ଗତ ରତନସାହି ବଜାର ସ୍ଥିତ ଏକ ସେଲୁନରେ ବସିଥିଲେ । ଉକ୍ତ ସମୟରେ ମହିଳା ଜଣକ ସେଠାରେ ପହଞ୍ଚି ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହାପରେ ମହିଳା ଜଣକ

### ଜୀବନ ପ୍ରତି ବିପଦ ଦର୍ଶାଇ ତିରିଂ ଥାନାରେ ମହିଳାଙ୍କ ଏତଲା, ମାମଲା ରୁଜୁ କରୁନି ପୁଲିସ

ସର୍ବ ସମ୍ମୁଖରେ ତାଙ୍କୁ ଟଣ ଓଟରା କରିଥିଲେ । ତେବେ ସଙ୍ଗେ ସଙ୍ଗେ ବିଧାୟକ ଉକ୍ତ ସ୍ଥାନରୁ ଖସି ପଳାଇ ଯାଇଥିଲେ । ଏହାପରେ ସେ ଉତ୍ତେଜିତ ହୋଇ ବିଧାୟକଙ୍କ କାର କାଚକୁ ଏକ ପଥର ଫିଙ୍ଗି ଭାଙ୍ଗି ଦେଇଥିଲେ । ଘଟଣା ପରେ ବିଧାୟକ ଓ ତାଙ୍କ ସମର୍ଥକଙ୍କ ପାଖରୁ ଧମକ ପାଇ ନିଜ ଜୀବନ ପ୍ରତି ବିପଦ ରହିଛି । ପୂର୍ବରୁ ମଧ୍ୟ ତାଙ୍କୁ ଜୀବନ ମାରିଦେବାକୁ ଉଦ୍ୟମ ହୋଇଛି । ତେଣୁ ସୁରକ୍ଷା ନିମନ୍ତେ ତିରିଂ ଥାନାରେ ମହିଳା ଜଣକ ଏତଲା ଦେଇଛନ୍ତି । କିନ୍ତୁ ଥାନାରେ ମାମଲା ରୁଜୁ ହୋଇନଥିବାର ସୂଚନା ମିଳିଛି । ଅପରପକ୍ଷରେ ମହିଳା ଜଣକ ତାଙ୍କ ଭାଇଙ୍କ ସହ ଆଲୋଚନା କରିବା ପରେ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି । ଉକ୍ତ ଘଟଣା ସତ୍ୟ ଅଟେ, କୌଣସି କାରଣ ନଥିଲେ ଜଣେ ମହିଳା ସର୍ବ ସମ୍ମୁଖରେ ବିଧାୟକଙ୍କୁ ଆକ୍ରମଣ କରିବାକୁ ସାହସ କରିବ ନାହିଁ । ତେଣୁକରି ଏନେଇ ତଦନ୍ତ ଆବଶ୍ୟକ ଅଟେ ବୋଲି ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ଼ କହିଛନ୍ତି । ଅନ୍ୟପଟେ ଉକ୍ତ ଘଟଣାକୁ ବିଜେଡି ମୟୂରଭଞ୍ଜ-୨ କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ନିନ୍ଦା ▸ପୃଷ୍ଠା-୭

### ଥମିବା ପୂର୍ବରୁ ଜାଳିଲା ତାତି; ରାଜ୍ୟରେ ପାରା ଟପିଲା ୪୫

## ଝାରସୁଗୁଡ଼ା ବିଶ୍ୱର ତୃତୀୟ ଉତ୍ତପ୍ତ ସହର

### କାଳବୈଶାଖୀ ଲାଗି ୧୪ ଜିଲ୍ଲାକୁ ଆଲର୍ଟ
### ଭୀଷଣ ବଜ୍ରପାତ, ଅଶାନ୍ତ ରହିବ ସମୁଦ୍ର
### ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

■ ଭୁବନେଶ୍ୱର, ୨୮।୪ (ସମିସ): କାଳବୈଶାଖୀ ପୂର୍ବରୁ ରାଜ୍ୟରେ ତାତି ଭାଙ୍ଗିଛି ରେକର୍ଡ । ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି । ମଙ୍ଗଳବାର ୪୫.୩ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ଦେଶର ଦ୍ୱିତୀୟ ଓ ବିଶ୍ୱର ତୃତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି । ଗତ ସପ୍ତାହେ ହେବ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇ ଆସୁଛି । ବିଶେଷ କରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ମଙ୍ଗଳବାର ରାଜ୍ୟର ମୋଟ୍ ୧୩ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି । ବୌଦ୍ଧରେ ତାପମାତ୍ରା ୪୩.୭, ସମ୍ବଲପୁରରେ ତାପମାତ୍ରା ୪୩.୫, ହୀରାକୁଦ ୪୩.୪, ବରଗଡ଼ରେ ତାପମାତ୍ରା ୪୨.୯ ଡିଗ୍ରୀ ରେକର୍ଡ କରାଯାଇଛି ।

ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ରାଜ୍ୟରେ ଭୀଷଣ କାଳବୈଶାଖୀ ଆଶଙ୍କା କରିଛି ପାଣିପାଗ ବିଭାଗ । ରାଜ୍ୟକୁ ଏବେ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି । ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ଯୋଗୁଁ ଭୀଷଣ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଓ ପବନ ପାଇଁ ପାଗ ଅନୁକୂଳ କରିଛି । ଏହି କ୍ରମରେ ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ରହିବ ଏବଂ ବୁଧବାର ଓ ଗୁରୁବାର ଏହାର ପ୍ରଭାବ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ▸ପୃଷ୍ଠା-୭

## ଜୁନ୍ ୧୨ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୪ (ସମିସ): ଓଡ଼ିଶାରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବ୍ ଶୀଘ୍ର ହେବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏ ସଂକ୍ରାନ୍ତରେ ସବୁଜ ସଙ୍କେତ ଦେଇଛନ୍ତି ଦଳର ଶୀର୍ଷ ନେତୃତ୍ୱ । ବିଭିନ୍ନ ବିଭାଗର କାର୍ଯ୍ୟ ଓ ମନ୍ତ୍ରୀମାନଙ୍କ ଦକ୍ଷତା ଆକଳନ କରି ଏକ ସାନି ରିପୋର୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି । ତେବେ କେଉଁ ଆଧାରରେ ମନ୍ତ୍ରୀମାନଙ୍କ ଦକ୍ଷତା ଓ କାର୍ଯ୍ୟକୁ ଆକଳନ କରାଯିବ ସେ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଏହି ରିପୋର୍ଟ ମିଳିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କେବେ ହେବ ତାହା ସ୍ଥିର କରାଯିବ । ତେବେ ଜୁନ୍ ୧୨ ତାରିଖରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତିର ଅବ୍ୟବହିତ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଆପାତତଃ ନିଷ୍ପତ୍ତି ହୋଇଛି ।

ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱସ୍ତରରେ ଚାଲିଥିବା ବିଚାରବିମର୍ଷ ଅନୁସାରେ ଓଡ଼ିଶାରେ ଯେଉଁ ଜିଲ୍ଲାଗୁଡ଼ିକୁ ମନ୍ତ୍ରୀପଦ ମିଳିନାହିଁ, ସମ୍ପ୍ରସାରଣ ସମୟରେ ସେହି ଜିଲ୍ଲାଗୁଡ଼ିକୁ ପ୍ରଥମେ ଗୁରୁତ୍ୱ ଦେବାକୁ କୁହାଯାଇଛି । ଅନୁରୂପ ଭାବରେ ଯେଉଁ ମନ୍ତ୍ରୀମାନଙ୍କର କାର୍ଯ୍ୟ ସନ୍ତୋଷଜନକ

### ମନ୍ତ୍ରୀଙ୍କ ଦକ୍ଷତା ରିପୋର୍ଟ ଦେବେ ମୁଖ୍ୟମନ୍ତ୍ରୀ
### ପରିବର୍ତ୍ତନ ହେବେ ଅଧ ଡ଼ଜନରୁ ଉର୍ଦ୍ଧ୍ୱ ମନ୍ତ୍ରୀ
### ବଦଳିପାରେ ଅଧିକାଂଶ ମନ୍ତ୍ରୀଙ୍କ ବିଭାଗ



ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମନ୍ତ୍ରିମଣ୍ଡଳ ପରିବର୍ତ୍ତନର ଲାଗି ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ କେତେକ ଦିଗକୁ ଦୃଷ୍ଟି ଦେବାକୁ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି । ଯେଉଁ ହୋଇନାହିଁ ବା ସାଧାରଣ ଲୋକମାନଙ୍କ ସମସ୍ୟା ଦୂର କରିବାରେ ଯେଉଁ ବିଭାଗ ବିଫଳ ହୋଇଛି, ସେହି ବିଭାଗର ମନ୍ତ୍ରୀମାନଙ୍କୁ ପରିବର୍ତ୍ତନ କରିବା ବା ସେମାନଙ୍କୁ ବାଦ ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ଅପରପକ୍ଷରେ ସାଧାରଣ ଲୋକ ସ୍ୱାର୍ଥସମ୍ବଳିତ ପ୍ରସଙ୍ଗ ଜଡ଼ିତ ଥିବା ବିଭାଗଗୁଡ଼ିକ ମଧ୍ୟରୁ କୌଣସି ମନ୍ତ୍ରୀଙ୍କ ନିକଟରେ ଯେପରି ଏକାଧିକ ବିଭାଗ ରହିବ ନାହିଁ; ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

ଅତୀତରେ ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଆସାମ ଓ ଉତ୍ତରପ୍ରଦେଶରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରାୟ ଦୁଇ ବର୍ଷରେ କରାଯାଇଥିବା ଦେଖାଯାଇଛି । ମଝିରେ ମଝିରେ ଜରୁରୀ ସ୍ଥିତି ଓ ଆବଶ୍ୟକତାନୁସାରେ ଜଣେ ଦୁଇ ଜଣ ନୂଆ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲେ ହେଁ ପୂର୍ଣ୍ଣାଙ୍ଗ ସମ୍ପ୍ରସାରଣ ପ୍ରାୟ ଦୁଇ ବର୍ଷରେ କରାଯାଇଥିବା ଦୃଷ୍ଟାନ୍ତ ରହିଛି । ଛତିଶଗଡ଼, ଆସାମରେ ଏହି ଢ଼ାଞ୍ଚା ପ୍ରୟୋଗ କରାଯାଇଛି ଏବଂ ଉତ୍ତରପ୍ରଦେଶରେ ଯୋଗୀ ସରକାରଙ୍କ ଦ୍ୱିତୀୟ ପାଳିରେ ବି ▸ପୃଷ୍ଠା-୭

# ଆଫଗାନିସ୍ତାନରେ ପାକିସ୍ତାନର କ୍ଷେପଣାସ୍ତ୍ର ମାଡ଼

କାବୁଲ/ଇସଲାମାବାଦ,୨୮ ।୪(ଏଜେନ୍ସି): ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ମଧ୍ୟସ୍ଥତା କରୁଥିବା ପାକିସ୍ତାନର ଅସଲ ମୁଖା ଖୋଲିଯାଇଛି । ଶାନ୍ତି କଥା କହୁଥିବା ପାକିସ୍ତାନ ଏହାର ପଡ଼ୋଶୀ ଆଫଗାନିସ୍ତାନ ଉପରେ ଆକ୍ରମଣ ଜାରି ରଖିଛି । ଗତ ସୋମବାର ପୂର୍ବ ଆଫଗାନିସ୍ତାନର କୁନାର ପ୍ରଦେଶରେ ପାକିସ୍ତାନ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ମାଡ଼ରେ ଅତିକମ୍‌ରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୭୫ରୁ ଅଧିକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ପାକିସ୍ତାନର ୬ ସୈନିକଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ଏହି ଆକ୍ରମଣ କରାଯାଇଥିବା କୁହାଯାଉଥିବା ବେଳେ, ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି । କୁନାର ପ୍ରଦେଶର ରାଜଧାନୀ ଅସଦାବାଦ ସ୍ଥିତ ସୟଦ ଜମାଲୁଦ୍ଦିନ ଆଫଗାନି ବିଶ୍ୱବିଦ୍ୟାଳୟ ଏବଂ ନିକଟସ୍ଥ ଜନବସତିକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା । ତାଲିବାନ ସରକାରଙ୍କ ମୁଖପାତ୍ର ହମଦୁଲ୍ଲା ଫିତ୍ରତଙ୍କ ଅଭିଯୋଗ ମୁତାବକ, ଅପରାହ୍ନ ପ୍ରାୟ ୨ଟା ସମୟରେ ପାକିସ୍ତାନୀ ସେନା ପକ୍ଷରୁ ଅତର୍କିତ ଭାବେ ରକେଟ୍ ମାଡ଼ କରାଯାଇଥିଲା । ଏହି ହିଂସାକାଣ୍ଡରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଶିଶୁ ଶିକାର ହୋଇଥିବା ଜଣାପଡ଼ିଛି । କିନ୍ତୁ, ପାକିସ୍ତାନ ସୂଚନା ମନ୍ତ୍ରଣାଳୟ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରି ଏହାକୁ ଭିତ୍ତିହୀନ ବୋଲି ଦର୍ଶାଇଛି । ଏହି ରକ୍ତାକ୍ତ ସଂଘର୍ଷର ସୂତ୍ରପାତ ରବିବାର ରାତିରେ କାନ୍ଦାହାରର ସ୍ପିନ୍ ବୋଲଡାକ୍ ଅଞ୍ଚଳରୁ ହୋଇଥିଲା । ସୀମାନ୍ତରେ ଗୁଳି ବିନିମୟ ଯୋଗୁଁ ଜଣେ ଆଫଗାନ ଶିଶୁର ମୃତ୍ୟୁ ଘଟିବା ପରେ ତାଲିବାନ ଯୋଦ୍ଧାମାନେ ପାଲଟା ଆକ୍ରମଣ କରିଥିଲେ । ଏଥିରେ ପାକିସ୍ତାନର ୬ ଜଣ ସୈନିକ ନିହତ ହେବା ସହ ଜଣକୁ ବନ୍ଦୀ କରାଯାଇଥିବା ଖବର ମିଳିଛି । ପୂର୍ବରୁ ମାର୍ଚ୍ଚ ମାସରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ବିଫଳ ହେବାକୁ ବସିଛି ।



# ମାର୍ଚ୍ଚରେ ୩୩ ହଜାର ରୁଷୀୟ ଡ୍ରୋନ୍ ଖସାଇଲା ୟୁକ୍ରେନ୍

କିଭ୍,୨୮ ।୪(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧରେ ଡ୍ରୋନ୍ ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି । ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରଣାଳୟର ଏ ନେଇ ଚକିତ କଲା ଭଳି ସୂଚନା ଦେଇଛି । ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ୟୁକ୍ରେନର ଏୟାର ଡିଫେନ୍ସ ସିଷ୍ଟମ ପ୍ରାୟ ୩୩,୦୦୦ ରୁଷୀୟ ଡ୍ରୋନକୁ ନଷ୍ଟ କରିଦେଇଛି । ଗୋଟିଏ ମାସରେ ସର୍ବାଧିକ ସଂଖ୍ୟକ ଡ୍ରୋନ୍ ଖସାଇ ୟୁକ୍ରେନ ଏକ ରେକର୍ଡ କରିଛି କହିଲେ ଭୁଲ ହେବ ନାହିଁ । ୟୁକ୍ରେନ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ 'ଇଣ୍ଟରସେପ୍ଟର ଡ୍ରୋନ' ବ୍ୟବହାର କରି ରୁଷର ଆକ୍ରମଣକୁ ପ୍ରତିହତ କରୁଛି । ଏହି ଟେକ୍ନୋଲୋଜି ପାଇଁ ଏବେ ମଧ୍ୟ-ପ୍ରାଚ୍ୟ ଏବଂ ଗଲ୍ଫ ଦେଶଗୁଡ଼ିକ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି । ୟୁକ୍ରେନର ଲଙ୍ଗ-ରେଞ୍ଜ ଡ୍ରୋନ୍‌ଗୁଡ଼ିକ କୃଷ୍ଣ ସାଗର କୂଳରେ ଥିବା ରୁଷର ତୁଆପସେ ତୈଳ ବିଶୋଧନାଗାର ଉପରେ ଏହି ମାସରେ ତୃତୀୟ ଥର ପାଇଁ ଆକ୍ରମଣ କରିଛନ୍ତି । ଏହା ଫଳରେ ସେଠାରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୟୁକ୍ରେନ ନିଜର ଆକ୍ରମଣ କ୍ଷମତାକୁ ପ୍ରାୟ ଦୁଇଗୁଣ ବୃଦ୍ଧି କରିଛି । ପୂର୍ବରୁ ୟୁକ୍ରେନ ୬୩୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ବେଳେ ଏବେ ୧,୭୫୦ କିଲୋମିଟର ଦୂରରେ ଥିବା ରୁଷର ସାମରିକ ଘାଟିକୁ ଟାର୍ଗେଟ୍ କରୁଛି । ମଙ୍ଗଳବାର ଦିନ ରୁଷ ପକ୍ଷରୁ ହୋଇଥିବା ଡ୍ରୋନ ଆକ୍ରମଣରେ ୟୁକ୍ରେନର ୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ସେହିପରି ୟୁକ୍ରେନର ଆକ୍ରମଣରେ ବେଲଗୋରୋଡ୍ ଅଞ୍ଚଳରେ ୩ ଜଣ ରୁଷୀୟ ନାଗରିକ ପ୍ରାଣ ହରାଇଛନ୍ତି । ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରୀ ମାଇଖାଇଲୋ ଫେଡୋରୋଭ୍ କହିଛନ୍ତି ଯେ, ଦେଶର ବାୟୁସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏକ ନୂତନ କମାଣ୍ଡ ଗଠନ କରାଯାଇଛି, ଯାହା ରୁଷର ଆକାଶମାର୍ଗ ଆକ୍ରମଣକୁ ସଫଳତାର ସହ ରୋକିପାରିବ ।



# ହର୍ମୁଜରେ ଆମେରିକା ସେନାକୁ ଚକ୍‌ମା

## କଟକଣା ସତ୍ତ୍ୱେ ମୁମ୍ବାଇ ପହଞ୍ଚିଛି ତେଲ ଓ ଗ୍ୟାସ୍ ଟ୍ୟାଙ୍କର

ନୂଆଦିଲ୍ଲୀ,୨୮ ।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀ ଏବେ ବିଶ୍ୱର ସବୁଠାରୁ ଅଶାନ୍ତ ସାମୁଦ୍ରିକ ପଥରେ ପରିଣତ ହୋଇଛି । ଆମେରିକା ପକ୍ଷରୁ ଏହି ପଥରେ କଡ଼ା ଅବରୋଧ କରାଯାଇଥିଲେ ହେଁ, ଭାରତୀୟ ପୋତ ଏବଂ ଅନ୍ୟାନ୍ୟ ତୈଳ ଟ୍ୟାଙ୍କରଗୁଡ଼ିକ ସଫଳତାର ସହ ମୁମ୍ବାଇ ବନ୍ଦରରେ ପହଞ୍ଚୁଥିବା ଜଣାପଡ଼ିଛି । ଆମେରିକୀୟ ନୌସେନାର ଚକ୍ଷୁରେ ଧୂଳି ଦେଇ ଏହି ଜାହାଜଗୁଡ଼ିକ କେଉଁ ଗୁପ୍ତ ପଥ ବ୍ୟବହାର କରୁଛନ୍ତି, ତାହାକୁ ନେଇ ଏବେ ବିଶେଷଜ୍ଞଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ରିପୋର୍ଟ ଅନୁଯାୟୀ, ଗତ ଏପ୍ରିଲ ୧୩ରୁ ଆମେରିକା ଏହି ଅବରୋଧ ଜାରି କରିଥିଲେ ହେଁ, ୩୪ରୁ ଅଧିକ ତୈଳ ଟ୍ୟାଙ୍କର ଏହାକୁ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି । ନିକଟରେ ଭାରତୀୟ ଜାହାଜ 'ଦେଶ ଗରିମା' କାତାରରୁ ୯୭,୦୦୦ ମେଟ୍ରିକ ଟନ ଅଶୋଧିତ ତୈଳ ଧରି ସୁରକ୍ଷିତ ଭାବେ ମୁମ୍ବାଇରେ ପହଞ୍ଚିଛି । ଅନ୍ୟପକ୍ଷରେ, 'ଜଗ ଅର୍ଣ୍ଣବ' ଏବଂ 'ସାନମାର ହେରାଲ୍ଡ' ପରି ଜାହାଜଗୁଡ଼ିକ ଇରାନ ସେନାର ଆକ୍ରମଣର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ଅଧିକାଂଶ ପୋତ ନିରାପଦରେ ଯାତ୍ରା କରୁଛନ୍ତି । ବିଶେଷଜ୍ଞମାନେ ଦୁଇଟି ମୁଖ୍ୟ ପଥ ବିଷୟରେ ସୂଚନା ଦେଇଛନ୍ତି, ଯାହା



ଆମେରିକୀୟ ନୌସେନାର କ୍ଷମତା ପରିସର ବାହାରେ । ଜାହାଜଗୁଡ଼ିକ ଆନ୍ତର୍ଜାତୀୟ ଜଳରାଶିକୁ ନଯାଇ ଇରାନର ସାମୁଦ୍ରିକ ସୀମା ଦେଇ ଗତି କରୁଛନ୍ତି । ସେଠାରୁ ସେମାନେ ସିଧାସଳଖ ପାକିସ୍ତାନର ମକରାନ ଉପକୂଳ ଦେଇ ଆରବ ସାଗରରେ ପ୍ରବେଶ କରୁଛନ୍ତି । ଯେହେତୁ ଏହି ସୀମା ଭିତରେ ଆମେରିକାର କୌଣସି ଅଧିକାର ନାହିଁ, ତେଣୁ ସେମାନେ ସେଠାରେ ଜାହାଜ ଅଟକାଇ ପାରୁନାହାନ୍ତି । ଦ୍ୱିତୀୟଟି ହେଲା ଅନ୍ୟ ଏକ ପଥ ହେଉଛି ଇରାନର ଚାବାହାର ବନ୍ଦର ପର୍ଯ୍ୟନ୍ତ ନିଜ ସୀମା ଭିତରେ ରହି ସେଠାରୁ ଦକ୍ଷିଣ ଦିଗକୁ ବୁଲି ସିଧାସଳଖ ଭାରତୀୟ ବନ୍ଦର ଅଭିମୁଖେ ଯାତ୍ରା କରିବା । ଏହି ସ୍ଥାନରେ ଭାରତୀୟ ନୌସେନା ଜାହାଜଗୁଡ଼ିକୁ ସୁରକ୍ଷା ପ୍ରଦାନ କରୁଥିବା ସୂଚନା ମିଳିଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁତାବକ, ବର୍ତ୍ତମାନ ହର୍ମୁଜ ପ୍ରଣାଳୀ ଅଞ୍ଚଳରେ ୧୪ଟି ଭାରତୀୟ ଜାହାଜ ରହିଛି । ଭାରତୀୟ ନୌସେନା ଏହି ଅଞ୍ଚଳରେ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟ କରୁଛି । ସାମୁଦ୍ରିକ ନିୟମ ଅନୁଯାୟୀ, କୌଣସି ବିଦେଶୀ ବାଣିଜ୍ୟିକ ଜାହାଜ ଶାନ୍ତିପୂର୍ଣ୍ଣ ଭାବେ ଅନ୍ୟ ଦେଶର ଜଳସୀମା ଦେଇ ଗତି କରିପାରିବେ, ଯାହାକୁ ପାକିସ୍ତାନ କିମ୍ବା ଆମେରିକା ସହଜରେ ଅଟକାଇ ପାରିବେ ନାହିଁ । ଆମେରିକାର ଏହି ଅବରୋଧ ଇରାନର ଅର୍ଥନୀତିକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ, ଭାରତ ଭଳି ଦେଶଗୁଡ଼ିକ ନିଜର ଶକ୍ତି ସୁରକ୍ଷା ବଜାୟ ରଖିବାକୁ ବିକଳ୍ପ ପନ୍ଥା ଆପଣାଉଛନ୍ତି । ଏହି ପରିସ୍ଥିତି କେବଳ ଭୂ-ରାଜନୈତିକ ନୁହେଁ, ବରଂ ବୈଶ୍ୱିକ ଅର୍ଥନୀତି ପାଇଁ ମଧ୍ୟ ଏକ ବଡ଼ ପରୀକ୍ଷା ।

# ଶେଷରେ ସ୍ୱୀକାର କଲା ପେଣ୍ଟାଗନ୍

ୱାସିଂଟନ,୨୮ ।୪(ଏଜେନ୍ସି): ରୁଷ ଏବଂ ଚୀନ୍ ଭଳି ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କ ପାଖରେ ଥିବା ହାଇପରସୋନିକ୍ ଅସ୍ତ୍ର କିମ୍ବା ଆଧୁନିକ କ୍ରୁଜ୍ ମିସାଇଲ୍ ବିରୋଧରେ ଆମେରିକା ସେନା ପାଖରେ ବର୍ତ୍ତମାନ କୌଣସି ପ୍ରତିରକ୍ଷା ବ୍ୟବସ୍ଥା ନାହିଁ । ଜଣେ ବରିଷ୍ଠ ପେଣ୍ଟାଗନ ଅଧିକାରୀ କଂଗ୍ରେସର ଶୁଣାଣି ସମୟରେ ଏହି ଚକିତ କଲାଭଳି ତଥ୍ୟ ସ୍ୱୀକାର କରିଛନ୍ତି । ମାର୍କ ବର୍କୱିଜ୍, ଯିଏ କି ମହାକାଶ ନୀତି ପାଇଁ ଯୁଦ୍ଧ ବିଭାଗର ସହକାରୀ ସଚିବ ଅଛନ୍ତି, ସେ ଆମେରିକା ସିନେଟ୍‌କୁ ସୂଚନା ଦେଇଛନ୍ତି ଯେ ଶତ୍ରୁ ପକ୍ଷ ଏବେ "ନନ୍-ବାଲିଷ୍ଟିକ୍ ବିପଦ' ସୃଷ୍ଟି କରୁଛନ୍ତି, ଯାହା ଆମେରିକାର ସୁରକ୍ଷାକୁ ବିପଦରେ ପକାଉଛି । ଦେଶର ବର୍ତ୍ତମାନର ମିସାଇଲ୍ ପ୍ରତିରକ୍ଷା କ୍ଷମତା ବିଷୟରେ ପଚରାଯିବା ପରେ ସେ କହିଛନ୍ତି, "ଆଜି ଆମ ପାଖରେ ଏକ ଅତି ସୀମିତ ଗ୍ରାଉଣ୍ଡ-ବେସଡ୍ ସିଙ୍ଗଲ୍-ଲେୟାର୍ ପ୍ରତିରକ୍ଷା ବ୍ୟବସ୍ଥା ଅଛି, ଯାହାକୁ କେବଳ ଉତ୍ତର କୋରିଆ ଭଳି ଦେଶରୁ ଆସୁଥିବା ଛୋଟ ଧରଣର ଆକ୍ରମଣକୁ ରୋକିବା ପାଇଁ ଡିଜାଇନ୍ କରାଯାଇଥିଲା ।"ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତ୍ୟାଧୁନିକ କ୍ରୁଜ୍ ମିସାଇଲ୍ କିମ୍ବା ହାଇପରସୋନିକ୍ ଅସ୍ତ୍ର ବିରୋଧରେ ଆମେରିକା ଏବେ ସମ୍ପୂର୍ଣ୍ଣ ଅସହାୟ । ଟ୍ରମ୍ପ ପ୍ରଶାସନ ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ଏକ ବ୍ୟାପକ ମିସାଇଲ୍ ସିଲ୍ଡ ଯୋଜନା କରୁଛନ୍ତି, ଯାହାର ନାମ ଦିଆଯାଇଛି "ଗୋଲ୍ଡେନ୍ ଡୋମ୍' । ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୭୫ ରୁ ୧୮୫ ବିଲିୟନ ଡଲାର ଖର୍ଚ୍ଚ ହେବାର ଅନୁମାନ କରାଯାଉଛି । ଏଥିରେ ଏଆଇ-ଚାଳିତ କମାଣ୍ଡ ସିଷ୍ଟମ ଏବଂ ସ୍ଥଳ, ଜଳ, ଆକାଶ ତଥା ମହାକାଶରେ ସ୍ଥାପିତ ହେବାକୁ ଥିବା ସେନସରଗୁଡ଼ିକର ସମାହାର ରହିବ । ଏହା ପାରମ୍ପରିକ ବାଲିଷ୍ଟିକ୍ ମିସାଇଲ୍ ସହିତ ନୂଆ ଯୁଗର ଡ୍ରୋନ୍ ଏବଂ କ୍ରୁଜ୍ ମିସାଇଲ୍‌କୁ ମଧ୍ୟ ରୋକିବାରେ ସକ୍ଷମ ହେବ । ସ୍ପେସ୍ ଫୋର୍ସ ଜେନେରାଲ ମାଇକେଲ ଗୁଏଟଲିନଙ୍କ ଅନୁଯାୟୀ, ୨୦୨୮ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଶୁଣାଣିରେ ଆମେରିକାର ପ୍ରତିରକ୍ଷା ଭିତ୍ତିଭୂମିର ଦୁର୍ବଳତା ମଧ୍ୟ ସାମ୍ନାକୁ ଆସିଛି । ବର୍ଷ ବର୍ଷ ଧରି କମ୍ ପୁଞ୍ଜିନିବେଶ ଯୋଗୁଁ ଆମେରିକା "କ୍ଷମତା ଋଣ' ମଧ୍ୟରେ ଅଛି । ଅର୍ଥାତ୍ ଆବଶ୍ୟକ ମୁତାବକ ମିସାଇଲ୍ ଇଣ୍ଟରସେପ୍ଟର ତିଆରି କରିବା ପାଇଁ ଆମେରିକା ପାଖରେ ପର୍ଯ୍ୟାପ୍ତ ସମ୍ବଳ ନାହିଁ । ୟୁକ୍ରେନ୍ ଏବଂ ମଧ୍ୟ-ପ୍ରାଚ୍ୟ ଯୁଦ୍ଧରୁ ଶିକ୍ଷା ପାଇ ଆମେରିକା ଏବେ ନିଜର ପ୍ରତିରକ୍ଷା କ୍ଷମତା ବଢ଼ାଇବାକୁ ଚେଷ୍ଟା କରୁଛି । ଅନେକ ସାଂସଦ ଏହି ପ୍ରକଳ୍ପର ବିଶାଳ ଖର୍ଚ୍ଚକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ତେବେ ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ବର୍ତ୍ତମାନର ଜଟିଳ ରଣନୈତିକ ପରିବେଶରେ କେବଳ ପରମାଣୁ ପ୍ରତିରୋଧକ ଯଥେଷ୍ଟ ନୁହେଁ । ଏହି ମିସାଇଲ୍ ପ୍ରତିରକ୍ଷା ବ୍ୟବସ୍ଥା ଆମେରିକା ପାଇଁ "ଉଭୟ ଖଣ୍ଡା ଏବଂ ଢାଲ' ଭଳି କାମ କରିବ ।

**ଆଧୁନିକ ମିସାଇଲ ଆଗରେ ଆମେରିକା ଅସହାୟ**

# ହନିମୁନ୍ ହତ୍ୟା ମାମଲା: ପତି ହତ୍ୟା ଅଭିଯୁକ୍ତ ପତ୍ନୀକୁ ମିଳିଲା ଜାମିନ

ଇନ୍ଦୋର/ଶିଲଂ,୨୮ ।୪(ଏଜେନ୍ସି): ବହୁ ଚର୍ଚ୍ଚିତ ହନିମୁନ ହତ୍ୟାକାଣ୍ଡ ମାମଲାରେ ଏକ ନୂଆ ମୋଡ଼ ଆସିଛି । ଇନ୍ଦୋରରେ ପରିବହନ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ସୋନମ ରଘୁବଂଶୀଙ୍କୁ ଶିଲଂ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ମେଘାଳୟର ଶିଲଂ ଜେଲରେ ବନ୍ଦୀ ଥିବା ସୋନମଙ୍କୁ ଚତୁର୍ଥ ଶୁଣାଣି ପରେ ଏହି ଆଶ୍ୱସ୍ତି ମିଳିଛି । ସୋନମଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଯେତେବେଳେ ଉତ୍ତର ପ୍ରଦେଶର ଗାଜିପୁରରୁ ତାଙ୍କୁ ଗିରଫ କରାଯାଇଥିଲା, ପୋଲିସ ତାଙ୍କୁ ଗିରଫଦାରୀର ସଠିକ୍ କାରଣ ଦର୍ଶାଇନଥିଲେ । ଏହି ବୈଷୟିକ ତ୍ରୁଟିକୁ ଆଧାର କରି କୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି । ଶିଲଂ ଏସପି ବିବେକ ସ୍ୟାମ କହିଛନ୍ତି ଯେ, କୋର୍ଟ ନିଜର କ୍ଷମତା ବ୍ୟବହାର କରି ଏହି ଜାମିନ ପ୍ରଦାନ କରିଛନ୍ତି । ସୋନମ ଆଜି ଜେଲରୁ ମୁକ୍ତ ହୋଇପାରନ୍ତି । ବିବାହ ପରେ ମେଘାଳୟର ଶିଲଂକୁ ହନିମୁନ ପାଇଁ ଯାଇଥିବା ବେଳେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ବୁଲାଇବା ବାହାନାରେ ଏକ ନିଛାଟିଆ ସ୍ଥାନକୁ ନେଇ ସୋନମ ଏବଂ ତାଙ୍କ ପ୍ରେମିକ ରାଜ କୁଶୱାହା ଅନ୍ୟ ତିନିଜଣ ସହଯୋଗୀଙ୍କ ସହ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ୧୦ ଦିନପରେ ପୋଲିସ ରାଜାଙ୍କ କ୍ଷତବିକ୍ଷତ ମୃତଦେହକୁ ଏକ ୩୦ ଫୁଟ୍ ଗଭୀର ଖାଇରୁ ଉଦ୍ଧାର କରିଥିଲା । ଅନ୍ୟତମ ଅଭିଯୁକ୍ତ ରାଜ କୁଶୱାହାଙ୍କ ଜାମିନ ପାଇଁ ମଧ୍ୟ ଆବେଦନ କରାଯାଇଛି । ରାଜାଙ୍କ ପରିବାର ଏହି ଜାମିନ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ସୋନମ ହତ୍ୟା ପରେ ଫେରାର ହୋଇ ୟୁପିରେ ଆତ୍ମସମର୍ପଣ କରିଥିଲେ । ବର୍ତ୍ତମାନ ଏହି ମାମଲାରେ ତଦନ୍ତ ଜାରି ରହିଛି ।



# ତେଲେଙ୍ଗାନାରେ କ୍ରେନ୍ ପଡ଼ି ୫ ଶ୍ରମିକ ମୃତ, ୧୧ ଗୁରୁତର



ହାଇଦରାବାଦ/ରଙ୍ଗାରେଡ୍ଡୀ,୨୮ ।୪(ଏଜେନ୍ସି): ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ଗତ ସୋମବାର ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି । ଏକ ସିମେଣ୍ଟ ଇଟା ତିଆରି କାରଖାନାରେ କାମ ଚାଲିଥିବା ସମୟରେ ହଠାତ୍ ଏକ ବିଶାଳ କ୍ରେନ୍ ଭୁଶୁଡ଼ି ପଡ଼ିବାରୁ ୫ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ରଙ୍ଗାରେଡ୍ଡୀ ଜିଲ୍ଲାର ଶଙ୍କରପଲ୍ଲୀ ପୋଲିସ ଷ୍ଟେସନ ସୀମାନ୍ତରେ ଥିବା ଏକ ସିମେଣ୍ଟ ଇଟା କମ୍ପାନୀରେ ଏହି ଅଘଟଣ ଘଟିଛି । ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଯାନ୍ତ୍ରିକ ତ୍ରୁଟି କାରଣରୁ କ୍ରେନ୍‌ଟି ସେମାନଙ୍କ ଉପରେ ପଡ଼ିଯାଇଥିଲା । ଦୁର୍ଘଟଣା ପରେ ସେଠାରେ ଚିତ୍କାର ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଶଙ୍କରପଲ୍ଲୀ ପୋଲିସ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । କାରଖାନାରେ ସୁରକ୍ଷା ବ୍ୟବସ୍ଥାରେ କୌଣସି ଅବହେଳା ଥିଲା କି ନାହିଁ ଏବଂ କେଉଁ ପରିସ୍ଥିତିରେ ଏହି କ୍ରେନ୍‌ଟି ଭୁଶୁଡ଼ିଲା, ସେ ନେଇ ପୋଲିସ ବିସ୍ତୃତ ତଦନ୍ତ କରୁଛି । ତେବେ ମୃତ ଓ ଆହତ ଶ୍ରମିକମାନଙ୍କର ସମ୍ପୂର୍ଣ୍ଣ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ ।

# ନିଆଁରେ ଜଳି ଆମେରିକାରେ ଭାରତୀୟ ଯୁବକଙ୍କ ମୃତ୍ୟୁ

କର୍ଣ୍ଣାଲ,୨୮ ।୪(ଏଜେନ୍ସି): ଅମେରିକାର ଟେକ୍ସାସ୍ ସହରର ଏକ ଫୁଡ୍ ଷ୍ଟୋରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ହରିୟାଣାର ଜଣେ ଯୁବକ ଏବଂ ପଞ୍ଜାବର ଷ୍ଟୋର ମାଲିକଙ୍କର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଉଛନ୍ତି ହରିୟାଣା କର୍ଣ୍ଣାଲ ଜିଲ୍ଲାର ସୁଖବିନ୍ଦର ସିଂ (୨୨) । ଅନ୍ୟ ମୃତକ ଜଣକ ହେଉଛନ୍ତି ପଞ୍ଜାବ ମୋହାଲିର ବାସିନ୍ଦା ତଥା ଷ୍ଟୋର ମାଲିକ ବିକ୍ରାନ୍ତ । ସୁଖବିନ୍ଦର ଏବଂ ବିକ୍ରାନ୍ତ ଷ୍ଟୋର ଭିତରେ ଶୋଇଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା । ନିଆଁ ଏତେ ଶୀଘ୍ର ବ୍ୟାପିଥିଲା ଯେ ସେମାନଙ୍କୁ ବାହାରକୁ ଆସିବାକୁ ସୁଯୋଗ ମିଳିନଥିଲା । ଫଳରେ ଉଭୟେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସୁଖବିନ୍ଦର ପରିବାରର ଏକମାତ୍ର ପୁଅ ଥିଲେ । ପରିବାର ଲୋକେ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ତାଙ୍କୁ ବେଆଇନ 'ଡଙ୍କି ରୁଟ୍' ମାଧ୍ୟମରେ ଅମେରିକା ପଠାଇଥିଲେ । ଟେକ୍ସାସ୍ ପୋଲିସ ମୁତାବକ, ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ସମ୍ପୂର୍ଣ୍ଣ ଷ୍ଟୋରଟି ପୋଡ଼ି ପାଉଁଶ ହୋଇଯାଇଛି । ଏହି ଘଟଣା ପରେ ସୁଖବିନ୍ଦରଙ୍କ ଗାଁ ଗଙ୍ଗାଟେହେଡ଼ିରେ ଶୋକର ଛାୟା ଖେଳିଯାଇଛି ।

**୫୦ ଲକ୍ଷ ଖର୍ଚ୍ଚ କରି 'ଡଙ୍କି ରୁଟ୍'ରେ ଯାଇଥିଲେ**

# ଗୁଜରାଟ ପୌର ନିର୍ବାଚନରେ ବିଜେପିର କ୍ଲିନ୍ ସୁଇପ୍

ଅହମ୍ମଦାବାଦ,୨୮ ।୪(ଏଜେନ୍ସି): ଗୁଜରାଟ ସ୍ଥାନୀୟ ପୌର ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ଏକ ବିଶାଳ ବିଜୟ ହାସଲ କରିଛି । ରାଜ୍ୟର ସମସ୍ତ ୧୫ଟି ଯାକ ମ୍ୟୁନିସିପାଲ୍ କର୍ପୋରେସନ୍‌ରେ ବିଜେପି ନିଜର କବ୍ଜା ଜମାଇଛି । ଗତ ନିର୍ବାଚନରେ ସୁରଟରେ ୨୭ଟି ଆସନ ଜିତି ସମସ୍ତଙ୍କୁ ଚକିତ କରିଥିବା ଆମ୍ ଆଦମୀ ପାର୍ଟି (ଆପ୍) ଚଳିତ ଥର ମାତ୍ର ୪ଟି ଆସନରେ ସୀମିତ ରହିଛି । ବିଜେପି ଏଠାରେ ୧୧୫ଟି ଆସନ ଜିତି ଏକପାଖିଆ ବିଜୟ ହାସଲ କରିଛି । ଅହମ୍ମଦାବାଦର ୧୯୨ଟି ଆସନ ମଧ୍ୟରୁ ବିଜେପି ୧୪୬ଟିରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ମାତ୍ର ୧୮ଟି ଆସନ ପାଇଛି । ରାଜକୋଟ ଏବଂ ଭଦୋଦରା ପୌର ନିଗମରେ ମଧ୍ୟ ବିଜେପି ପ୍ରତ୍ୟେକରେ ୬୫ଟି ଲେଖାଏଁ ଆସନ ଜିତି ବିରୋଧୀଙ୍କୁ ବହୁ ପଛରେ ପକାଇ ଦେଇଛି । ତାଲୁକା ଏବଂ ଜିଲ୍ଲା ପଞ୍ଚାୟତରେ ବିଜେପି ବଡ଼ ସଫଳତା ପାଇଥିଲେ ମଧ୍ୟ କଂଗ୍ରେସ ଏବଂ ଆପ୍ ଗ୍ରାମାଞ୍ଚଳର କିଛି ପକେଟ୍‌ରେ ନିଜର ସମର୍ଥନ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଏହି ବହୁ ପ୍ରତୀକ୍ଷିତ ବିଜୟ ପାଇଁ ଆଜି ରାତିରେ ଅହମ୍ମଦାବାଦରେ ଏକ ଭବ୍ୟ ବିଜୟୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଉପ-ମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭୀ ଏବଂ ରାଜ୍ୟ ବିଜେପି ସଭାପତି ଜଗଦୀଶ ବିଶ୍ୱକର୍ମା ସାମିଲ ହେବେ । ବିଜେପି ଏହି ସଫଳତାକୁ ଡବଲ୍ ଇଞ୍ଜିନ୍ ସରକାର ପ୍ରତି ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ବୋଲି ଦର୍ଶାଇଛି ।



**ସମସ୍ତ ୧୫ଟି ନିଗମରେ ବିଜୟ, ସୁରଟରେ ଆପ୍‌ର ପରାଜୟ**

# ୩ଟି ବିକଳ୍ପ, ୨ ଡେଡ୍‌ଲାଇନ୍, ଗୋଟିଏ ଯୁଦ୍ଧ

ୱାସିଂଟନ,୨୮ ।୪(ଏଜେନ୍ସି): ଇରାନ ସହିତ ଚାଲିଥିବା ସାମରିକ ସଂଘର୍ଷ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଆମେରିକାର ସାମ୍ବିଧାନିକ ନିୟମ 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ମାତ୍ର ୪୮ ଘଣ୍ଟା ସମୟ ବାକି ଅଛି । ମେ ୧ ତାରିଖ ସୁଦ୍ଧା ଯଦି କଂଗ୍ରେସ ପକ୍ଷରୁ ଯୁଦ୍ଧ ପାଇଁ ଅନୁମତି ନମିଳେ, ତେବେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ବେଆଇନ ଘୋଷିତ ହେବାର ଆଶଙ୍କା ରହିଛି । ଆମେରିକା ନିୟମ ଅନୁଯାୟୀ, କଂଗ୍ରେସର ବିଧିବଦ୍ଧ ଅନୁମତି ବିନା ରାଷ୍ଟ୍ରପତି ମାତ୍ର ୬୦ ଦିନ ପର୍ଯ୍ୟନ୍ତ ସେନା ମୁତୟନ କରିପାରିବେ । ଟ୍ରମ୍ପଙ୍କ ପାଇଁ ଏହି ସମୟସୀମା ମେ ୧ରେ ଶେଷ ହେଉଛି । ଏହା ପରେ ହର୍ମୁଜ ପ୍ରଣାଳୀରେ କରାଯାଇଥିବା ସାମୁଦ୍ରିକ ଅବରୋଧ ଜାରି ରଖିବା ଆଇନଗତ ଭାବେ କଷ୍ଟକର ହୋଇପଡ଼ିବ । ଯୁଦ୍ଧ ଶେଷ ହେବାର ତିନୋଟି ସମ୍ଭାବ୍ୟ ପରିସ୍ଥିତି ।

୧. ଶାନ୍ତି ଚୁକ୍ତି: ଯଦି ଆମେରିକା ଓ ଇରାନ ମଧ୍ୟରେ ଏକ ଦୀର୍ଘକାଳୀନ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୁଏ, ତେବେ ଟ୍ରମ୍ପ ନିଜକୁ ଏକ 'ବିଜୟୀ' ଭାବେ ଉପସ୍ଥାପନ କରି ସେନା ପ୍ରତ୍ୟାହାର କରିପାରିବେ । ଇରାନ ଏଥିପାଇଁ ୩ଟି ସର୍ତ୍ତ ରଖିଛି - ଆକାଶମାର୍ଗରୁ ଆକ୍ରମଣ ବନ୍ଦ, ସାମୁଦ୍ରିକ ଅବରୋଧ ହଟାଇବା ଏବଂ ହର୍ମୁଜ ପ୍ରଣାଳୀକୁ ପୁଣି ଥରେ ବାଣିଜ୍ୟ ପାଇଁ ଉନ୍ମୁକ୍ତ କରିବା । ତେବେ ଟ୍ରମ୍ପ ଏହି ସର୍ତ୍ତକୁ ସହଜରେ ଗ୍ରହଣ କରିବା ପରି ମନେହେଉ ନାହିଁ ।

୨. ସଂଘର୍ଷ ଜାରି ରଖିବା : କଂଗ୍ରେସ ଯଦି ଏୟୁଏମ୍‌ଏଫ୍ (ଅଥରାଇଜେସନ ଫର ୟୁଜ୍ ଅଫ୍ ମିଲିଟାରୀ ଫୋର୍ସ) ଜରିଆରେ ଟ୍ରମ୍ପଙ୍କୁ ସାମରିକ ଶକ୍ତି ବ୍ୟବହାର ପାଇଁ ଅନୁମତି ଦିଏ, ତେବେ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇପାରେ । ରିପବ୍ଲିକାନ ସଦସ୍ୟମାନେ ଏହାକୁ ସମର୍ଥନ କରୁଥିବା ବେଳେ ଡେମୋକ୍ରାଟ୍ସମାନେ ଏହାର ତୀବ୍ର ବିରୋଧ କରୁଛନ୍ତି ।

୩. ଅନିଶ୍ଚିତତା ବା ସ୍ଥାଣୁତା: ଯଦି ଟ୍ରମ୍ପ ମେ ୧ ସମୟସୀମାକୁ ଅଣଦେଖା କରି ଯୁଦ୍ଧ ଜାରି ରଖନ୍ତି, ତେବେ ଦେଶରେ ଏକ ଆଇନଗତ ଯୁଦ୍ଧ ଆରମ୍ଭ ହୋଇଯିବ । ଏହା ଆଗାମୀ ନଭେମ୍ବର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରିପବ୍ଲିକାନ ପାର୍ଟି ପାଇଁ ଅଡୁଆ ସୃଷ୍ଟି କରିପାରେ ।

ହର୍ମୁଜ ପ୍ରଣାଳୀ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ୍ ଯୋଗାଣକୁ ନିୟନ୍ତ୍ରଣ କରେ । ଭାରତ ନିଜର ୪୦ ପ୍ରତିଶତ ଅଶୋଧିତ ତୈଳ ଏହି ଅଞ୍ଚଳରୁ ଆମଦାନୀ କରୁଥିବାରୁ, ଏହି ଯୁଦ୍ଧର ସମାଧାନ ଭାରତୀୟ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ରପତି ଟ୍ରମ୍ପ ଏବେ ଏକ 'କର ବା ମର' ପରିସ୍ଥିତିରେ ଅଛନ୍ତି । ସେ କେବଳ ଏକ ସମ୍ମାନଜନକ ବିଜୟ ଚାହୁଁଛନ୍ତି, ଯାହାକୁ ସେ ଭୋଟରଙ୍କ ସାମ୍ନାରେ ଉପସ୍ଥାପନ କରିପାରିବେ । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଟ୍ରମ୍ପଙ୍କ ନିଷ୍ପତ୍ତି କେବଳ ପଶ୍ଚିମ ଏସିଆ ନୁହେଁ, ସମଗ୍ର ବିଶ୍ୱର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

**ଟ୍ରମ୍ପଙ୍କ ପାଇଁ 'କର ବା ମର' ସ୍ଥିତି**

# ବିହାରରେ ସରକାରୀ କର୍ମଚାରୀଙ୍କୁ ମିଳୁନି ଦରମା

ପାଟନା,୨୮।୪(ଏଜେନ୍ସି): ବିହାରର ଆର୍ଥିକ ସ୍ଥିତି ବର୍ତ୍ତମାନ ଉତ୍କଟ ସ୍ଥିତି ଦେଇ ଗତି କରୁଥିବା ଅନେକ ରିପୋର୍ଟ ପ୍ରକାଶ ପାଇଛି । ରାଜ୍ୟ ସରକାର ସାମାଜିକ ସୁରକ୍ଷା ପେନସନ୍ ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାର ଅର୍ଥ ପ୍ରଦାନ କରିବା ପାଇଁ ଆର୍‌ବିଆଇରୁ ୧୨,୦୦୦ କୋଟି ଟଙ୍କାର ଋଣ ମାଗିଛନ୍ତି । ଏହି ପଦକ୍ଷେପ ରାଜ୍ୟର ଶୋଚନୀୟ ଅର୍ଥନୈତିକ ସଙ୍କଟକୁ ଉଜାଗର କରିଛି । ରାଜ୍ୟର ମୋଟ ଋଣ ଏବଂ ଦେୟ ପରିମାଣ ବର୍ତ୍ତମାନ ୩.୭୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଏହି ପରିମାଣ ୨୦୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଆକଳନ କରାଯାଇଛି । ଏହି ଋଣ ବିହାରକୁ ଭାରତର ସବୁଠାରୁ ଋଣଗ୍ରସ୍ତ ରାଜ୍ୟ ମଧ୍ୟରେ ସାମିଲ କରିଛି । କେବଳ ସୁଧ ବାବଦରେ ରାଜ୍ୟ ସରକାର ଚଳିତ ବର୍ଷ ପ୍ରାୟ ୪୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଅର୍ଥାତ୍ ଦୈନିକ ପ୍ରାୟ ୧୦୦ କୋଟି ଟଙ୍କାରୁ ଅଧିକ ସୁଧ ପୈଠ କରିବାକୁ ପଡୁଛି । ରାଜ୍ୟର ଆର୍ଥିକ ଅବସ୍ଥା ବିଗିଡ଼ିବାର ପ୍ରମୁଖ କାରଣ ମଧ୍ୟରେ ରହିଛି ନିର୍ବାଚନରେ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ଘୋଷଣା କରାଯାଇଥିବା ବିଭିନ୍ନ ଯୋଜନା ବୋଲି କୁହାଯାଉଛି । ସାମାଜିକ ସୁରକ୍ଷା ପେନସନ୍ ବାବଦକୁ ୪୦୦ ଟଙ୍କାରୁ ୧,୧୦୦ ଟଙ୍କାକୁ ବୃଦ୍ଧି କରାଯିବା ଫଳରେ ମାସିକ ୧,୧୫୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡୁଛି । ଏଥିସହିତ "ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଅଧୀନରେ ୧୮,୧୦୦ କୋଟି ଟଙ୍କା ସିଧାସଳଖ ହସ୍ତାନ୍ତର ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ସେପଟେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ମୋଟ ରାଜ୍ୟର ଘରୋଇ ଉତ୍ପାଦର ୯.୨% କୁ ବୃଦ୍ଧି ପାଇଛି । ଯାହା ବଜେଟ୍‌ର ଧାର୍ଯ୍ୟ ଲକ୍ଷ୍ୟ ୩% ଠାରୁ ଯଥେଷ୍ଟ ଅଧିକ ରହିଛି । ଏହି ଅର୍ଥାଭାବ ଯୋଗୁଁ ରାସ୍ତା, ପୋଲ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟ ବନ୍ଦ ହୋଇଛି । ଏପରିକି ପ୍ରାୟ ୫୮,୦୦୦ ଛାତ୍ରଛାତ୍ରୀଙ୍କୁ ମିଳିବାକୁ ଥିବା ଷ୍ଟୁଡେଣ୍ଟ କ୍ରେଡିଟ୍ କାର୍ଡ ପେମେଣ୍ଟ ମଧ୍ୟ ଅଟକି ରହିଛି ।

ଏଭଳି ସ୍ଥିତିରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ରାଜ୍ୟ ଆର୍ଥିକ ସ୍ଥିତ ନେଇ ଗମ୍ଭୀର ଅଭିଯୋଗ କରିଛନ୍ତି । ଦୁର୍ନୀତି ଏବଂ ଭୁଲ୍ ନୀତି ପ୍ରଣୟନ ଯୋଗୁଁ ରାଜ୍ୟର କୋଷାଗାର ସମ୍ପୂର୍ଣ୍ଣ ରୂପେ ଖାଲି ହୋଇଯାଇଛି ବୋଲି ସେ କହିଛନ୍ତି । ସେ ଦାବି କରିଛନ୍ତି ଯେ ସରକାରଙ୍କ ପାଖରେ କର୍ମଚାରୀଙ୍କୁ ଦରମା ଦେବାକୁ ମଧ୍ୟ ଟଙ୍କା ନାହିଁ ଏବଂ ସମଗ୍ର ବିହାର ଏକ ପ୍ରକାର ବନ୍ଦ ହୋଇଛି । ଅନ୍ୟପକ୍ଷରେ, ଶାସକ ଦଳର ନେତାମାନେ ଏହାକୁ ଏକ ରୁଟିନ୍ ବ୍ୟାପାର ବୋଲି କହି ପ୍ରତ୍ୟାଖ୍ୟାନ । ତଥାପି, ଅଣ-ଜରୁରୀ ବିଲ୍ ପୈଠ ଉପରେ ରାଜ୍ୟ କୋଷାଗାରର କଟକଣା ବିହାରର ଅର୍ଥନୈତିକ ଅସ୍ଥିରତାକୁ ଉଲଗ୍ନ କରି ଦେଇଛି ।

**ପେନସନ୍ ଦେବାକୁ ଆରବିଆଇରୁ ୧୨,୦୦୦ କୋଟିର ଋଣ ମାଗିଲେ ସରକାର**

# କଲ୍‌ମା ପଢ଼ିବାକୁ କହି ସୁରକ୍ଷା କର୍ମୀଙ୍କୁ ଛୁରାମାଡ଼

ନୂଆଦିଲ୍ଲୀ,୨୮ ।୪(ଏଜେନ୍ସି): ଆମେରିକାରୁ ଫେରିଥିବା ଜଣେ ଯୁବକ ମୁମ୍ବାଇର ନୟାନଗର ଅଞ୍ଚଳରେ ଦୁଇଜଣ ସୁରକ୍ଷାକର୍ମୀଙ୍କୁ ଛୁରାମାଡ଼ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଅଭିଯୁକ୍ତ ଜଣକ ଆକ୍ରମଣ ପୂର୍ବରୁ ସୁରକ୍ଷାକର୍ମୀଙ୍କ ଧର୍ମ ପଚାରିବା ସହ ସେମାନଙ୍କୁ 'କଲମା' ପଢ଼ିବାକୁ ବାଧ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ଏବଂ ଏଟିଏସ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଗତ ସୋମବାର ପ୍ରତ୍ୟୁଷ ପ୍ରାୟ ୪ଟା ସମୟରେ ମୁମ୍ବାଇର ଏକ ନିର୍ମାଣାଧୀନ କୋଠା ନିକଟରେ କାର୍ଯ୍ୟରତ ଦୁଇ ସୁରକ୍ଷାକର୍ମୀ ରାଜକୁମାର ମିଶ୍ର ଏବଂ ସୁବ୍ରତ ସେନ୍‌ଙ୍କୁ ଅଭିଯୁକ୍ତ ଜୈବ ଜୁବେର ଅନସାରୀ (୩୧) ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଗୁରୁତର ଆହତ ଅବସ୍ଥାରେ ଉଭୟଙ୍କୁ ନିକଟସ୍ଥ ୱକହାର୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସିସିଟିଭି ଫୁଟେଜ୍ ସାହାଯ୍ୟରେ ପୋଲିସ ମାତ୍ର ୯୦ ମିନିଟ୍ ମଧ୍ୟରେ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଥିଲା । ତଦନ୍ତକାରୀ ସଂସ୍ଥା ଅଭିଯୁକ୍ତର ମୋବାଇଲ୍ ଏବଂ ବ୍ୟକ୍ତିଗତ ନୋଟ୍‌ବୁକ୍‌ରୁ ଚାଞ୍ଚଲ୍ୟକର ତଥ୍ୟ ପାଇଛନ୍ତି । ସୂଚନା ମୁତାବକ, ଅନସାରୀଙ୍କ ନୋଟ୍‌ରେ ଆଇଏସ୍‌ଆଇଏସ୍, ଲୋନ ଉଲ୍‌ଫ, ଜିହାଦ ଏବଂ ଗାଜା ପରି ଶବ୍ଦଗୁଡ଼ିକ ଉଲ୍ଲେଖ ରହିଥିଲା । ଜୈବ କିଛି ବର୍ଷ ଆମେରିକାରେ ରହୁଥିଲେ ଏବଂ ସେଠାରେ ଚାକିରି ନପାଇବାରୁ ଭାରତ ଫେରିଆସିଥିଲେ । ସେ ମିରା ରୋଡ୍‌ରେ ଏକାକୀ ରହି ଅନଲାଇନ୍ କେମିଷ୍ଟ୍ରି କ୍ଲାସ୍ ନେଉଥିଲେ । ଇଣ୍ଟରନେଟ୍ ମାଧ୍ୟମରେ ସେ ଧର୍ମାନ୍ଧ ହୋଇ ଏଭଳି କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଛି । ଅଭିଯୁକ୍ତ ବିରୋଧରେ ହତ୍ୟା ଉଦ୍ୟମ ଏବଂ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଭଳି ସଙ୍ଗୀନ ଧାରାରେ ମାମଲା ରୁଜୁ କରାଯାଇଛି । ଥାଣେ କୋର୍ଟ ତାଙ୍କୁ ମେ ୪ ତାରିଖ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇଛନ୍ତି । ଏହି ଘଟଣାରେ କୌଣସି ବଡ଼ ଧରଣର ଷଡ଼ଯନ୍ତ୍ର ରହିଛି କି ନାହିଁ, ତାହା ଜାଣିବା ପାଇଁ ଏଟିଏସ୍ ତୀକ୍ଷ୍ଣ ନଜର ରଖିଛି ।

■ ପରକୀୟା ପ୍ରୀତିର କରୁଣ ପରିଣତି

# ପ୍ରେମିକ ସହ ମିଶି ସ୍ୱାମୀକୁ ପୋଡ଼ି ମାରିଦେଲା !



ଭଦ୍ରକ, ୨୮।୪(ସମିସ): ପରକୀୟା ପ୍ରୀତିର କରୁଣ ପରିଣତି। ଶଶୁର ଘରେ ପୋଡ଼ି ହୋଇ ଜ୍ୱାଇଁର ମୃତ୍ୟୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ପକ୍ଷରୁ ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଦିଗଛିଆ ଛକ ନିକଟରେ ରାସ୍ତାରୋକ କରାଯାଇଛି। ଅଟକି ରହିଛି ଶହଶହ ସଂଖ୍ୟାରେ ଗାଡ଼ିମୋଟର।

ସୂଚନାଯୋଗ୍ୟ, ଚାନ୍ଦବାଲି ବ୍ଲକ୍ ଖେରଙ୍ଗ ପଞ୍ଚାୟତର ସନ୍ତୋଷ ଦାସ ନିକଟସ୍ଥ ଜଳେଶ୍ୱରପୁର ପଞ୍ଚାୟତର ବନ୍ଦନା ଦାସଙ୍କୁ ୧୦ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ସେମାନଙ୍କର ୨ଟି ସନ୍ତାନ ମଧ୍ୟ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶବ ରଖି ରାସ୍ତାରୋକ

ଅଛନ୍ତି। ସନ୍ତୋଷ ବାହାର ରାଜ୍ୟରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ବନ୍ଦନା ପଡ଼ୋଶୀ ମୃତ୍ୟୁଞ୍ଜୟ ନାମକ ଜଣେ ଯୁବକ ସହ ସମ୍ପର୍କ ରଖି ଆସୁଥିଲେ। ସନ୍ତୋଷ ଏହା ଜାଣିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ବନ୍ଦନା କିଛି ଦିନ ପୂର୍ବେ ନିଖୋଜ ହୋଇଯାଇଥିଲେ। ଏ ବିଷୟରେ ସ୍ୱାମୀ ସନ୍ତୋଷ ଚାନ୍ଦବାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଚାନ୍ଦବାଲି ପୁଲିସ ବହୁ ଖୋଜାଖୋଜି ପରେ ମୃତ୍ୟୁଞ୍ଜୟ ବନ୍ଦନାଙ୍କୁ ଅପହରଣ କରିଛି ବୋଲି ଜାଣିବାକୁ ପାଇଥିଲେ ଏବଂ ବନ୍ଦନାଙ୍କୁ ଉଦ୍ଧାର କରି ବାପଘରକୁ ପଠାଇ ଦେଇଥିଲେ।

ସୋମବାର ସନ୍ତୋଷ ଶଶୁର ଘରକୁ ଯାଇଥିବା ବେଳେ ବନ୍ଦନାଙ୍କ ସହ ବଚସା ହୋଇଥିଲା। ପରିବାରଲୋକଙ୍କ ଅଭିଯୋଗ ଅନୁଯାୟୀ, ସନ୍ତୋଷଙ୍କ ଶାଶୂ, ସ୍ତ୍ରୀ, ମୃତ୍ୟୁଞ୍ଜୟ ଓ ଆଉ ୨ଜଣ ପୁରୁଷ ମିଶି ସନ୍ତୋଷଙ୍କୁ ମାଡ଼ ମାରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାରଲୋକେ ଖବର ପାଇ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଉଦ୍ଧାର କରି ପ୍ରଥମେ ଭଦ୍ରକ ଓ ପରେ କଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ଘରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ଲୋକେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆଁ ଛକ ନିକଟରେ ରାସ୍ତା ଉପରେ ବସି ରହିଛନ୍ତି। ସନ୍ତୋଷଙ୍କ ମୃତ୍ୟୁରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ପରିବାର ଲୋକେ ଶବଦାହ କରିବେନି ବୋଲି ଅଡ଼ି ବସିଛନ୍ତି।

ବ୍ୟାଙ୍କକୁ ଭଉଣୀଙ୍କ କଙ୍କାଳ ନେଇ ଯିବା ଘଟଣା

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ମାନସ

ଭୁବନେଶ୍ୱର,୨୮।୪(ସମିସ): କେନ୍ଦୁଝରର ଗରିବ ଆଦିବାସୀ ଜିତୁ ମୁଣ୍ଡାଙ୍କ ପ୍ରତି ବ୍ୟାଙ୍କ କର୍ମଚାରୀଙ୍କ ଅମାନବୀୟ ବ୍ୟବହାର ତଥା ଅଭାବନୀୟ ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ସମ୍ବେଦନଶୀଳ ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାସନ ରଞ୍ଜନ ମଙ୍ଗରାଜ

■ ଅବହେଳିତ ନାଗରିକମାନେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା କଠୋର ଓ ସମ୍ବେଦନହୀନ ବାସ୍ତବତାର ପ୍ରତିଛବି
■ ଏହା କେବଳ ବ୍ୟାଙ୍କିଙ୍ଗ ସମସ୍ୟା ନୁହେଁ, ବରଂ ଏକ ମାନବିକ ସମସ୍ୟା
■ କ୍ଷୁଦ୍ର ଜମାକାରୀଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳୀକରଣ ପାଇଁ ଦାବି

ଚିଠି ଲେଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଘଟଣା ସରକାରୀ ନୀତି ଓ କ୍ଷେତ୍ରସ୍ତରୀୟ ବାସ୍ତବତା ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ପଦାରେ ପକାଇଛି। ଉକ୍ତ ଘଟଣା ଗ୍ରାମୀଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଦୁର୍ଗମ ଅଞ୍ଚଳରେ ରହୁଥିବା ଅବହେଳିତ ବର୍ଗଙ୍କ ପାଇଁ ତୁରନ୍ତ ସଂସ୍କାର ଆଣିବାର ଆବଶ୍ୟକତାକୁ ଦର୍ଶାଉଛି। ତେଣୁ, ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ କ୍ଷୁଦ୍ର ଜମାକାରୀଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳୀକରଣ କରିବାକୁ ନିଜ ଚିଠିରେ ଦାବି କରିଛନ୍ତି ଶ୍ରୀ ମଙ୍ଗରାଜ।

ଶ୍ରୀ ମଙ୍ଗରାଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦୁଝର ଜିଲ୍ଲାରୁ ଆସିଥିବା ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସମ୍ପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଜଣେ ଗରିବ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡାଙ୍କୁ ତାଙ୍କ ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ୧୯,୩୦୦ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ ଯାଇଥିଲେ। ମାତ୍ର, ତାଙ୍କ ନିକଟରେ ମୃତ୍ୟୁ ପ୍ରମାଣପତ୍ର ନଥିବା କାରଣରୁ ମାଟି ତଳେ ପୋତାଯାଇଥିବା ଭଉଣୀଙ୍କ କଙ୍କାଳ ବ୍ୟାଙ୍କକୁ ଆଣିବାକୁ ବାଧ୍ୟ କରାଯାଇଛି। ଏହି ହୃଦୟବିଦାରକ ଘଟଣା କେବଳ ଏକ ବ୍ୟକ୍ତିଗତ ଦୁଃଖଦାୟକ କାହାଣୀ ନୁହେଁ, ବରଂ ଏହା ଗରିବ ଓ ଅବହେଳିତ ନାଗରିକମାନେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା କଠୋର୍ ଓ ସମ୍ବେଦନହୀନ ବାସ୍ତବତାର ଏକ ପ୍ରତିଛବି।

କେନ୍ଦ୍ର ସରକାରଙ୍କ ଜନଧନ ଯୋଜନା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ପରି ବ୍ୟାଙ୍କିଙ୍ଗ ସଂସ୍କାରକୁ ଆମେ ସମ୍ପୂର୍ଣ୍ଣ ସମର୍ଥନ କରୁଛୁ। ମାତ୍ର, ଏଭଳି ଘଟଣା ସରକାରୀ ନୀତି ଓ କ୍ଷେତ୍ରସ୍ତରୀୟ ବାସ୍ତବତା ମଧ୍ୟରେ ଥିବା ବିରାଟ ବ୍ୟବଧାନକୁ ପଦାରେ ପକାଇଛି। ଜଣେ ନିରକ୍ଷର ଆଦିବାସୀ ଗ୍ରାମବାସୀଙ୍କ ପାଇଁ ଯାହାଙ୍କ ପାଖରେ ଆଇନଗତ ସଚେତନତା ବା ସମ୍ବଳ ନାହିଁ, ସେମାନଙ୍କ ପାଇଁ କୌଣସି ମାର୍ଗଦର୍ଶନ ବିନା ଜଟିଳ କାଗଜପତ୍ର ମାଗିବା ଏକ ଅସମ୍ଭବ ବାଧା ସୃଷ୍ଟି କରୁଛି। ସହାୟତା ପରିବର୍ତ୍ତେ ତାଙ୍କୁ ଯେଉଁ ଅସହାୟତା ଓ ଅପମାନ ସହିବାକୁ ପଡ଼ିଲା, ତାହା ତାଙ୍କୁ ଏଭଳି ଏକ ଚରମ ପଦକ୍ଷେପ ନେବାକୁ ବାଧ୍ୟ କଲା ଯାହା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ଏହା କେବଳ ଏକ ବ୍ୟାଙ୍କିଙ୍ଗ ସମସ୍ୟା ନୁହେଁ, ବରଂ ଏକ ମାନବିକ ସମସ୍ୟା। ଏହା ଗ୍ରାମୀଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ, ବିଶେଷକରି ଆଦିବାସୀ, ବିଧବା, ବରିଷ୍ଠ ନାଗରିକ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଅବହେଳିତ ବର୍ଗଙ୍କ ପାଇଁ ତୁରନ୍ତ ସଂସ୍କାର ଆଣିବାର ଆବଶ୍ୟକତାକୁ ଦର୍ଶାଉଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ କ୍ଷୁଦ୍ର ଜମାକାରୀଙ୍କ ପାଇଁ ନିୟମ କୋହଳ କରାଯାଉ ଏବଂ କ୍ଷୁଦ୍ର ଜମାକାରୀଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳୀକରଣ କରାଯାଉ। ସେହିପରି, ଏଭଳି ସମ୍ବେଦନଶୀଳ ମାମଲା ପରିଚାଳନା କରୁଥିବା ବ୍ୟାଙ୍କ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ଭାରତର କୌଣସି ନାଗରିକ ନିଜ ପରିବାରର କଷ୍ଟଅର୍ଜିତ ସଞ୍ଚୟ ପାଇବା ପାଇଁ ଏଭଳି ପରିସ୍ଥିତିର ଶିକାର ହେବା ଉଚିତ ନୁହେଁ ବୋଲି ଶ୍ରୀ ମଙ୍ଗରାଜ ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠିର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

## ତଦନ୍ତ ଆରମ୍ଭ; ମିଳିଲା ଭଉଣୀ ଆକାଉଣ୍ଟ ଟଙ୍କା



ତୁରୁମୁଙ୍ଗା, ୨୮।୪ (ସମିସ): ଭଉଣୀ ମୃତ୍ୟୁର ପ୍ରମାଣ ଦେବା ପାଇଁ ମଶାଣିରୁ ଶବ ଖୋଳି କାନ୍ଧେଇ କାନ୍ଧେଇ ବ୍ୟାଙ୍କ ନେଇ ଯିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଆଜି ଏହାର ତଦନ୍ତ ଆରମ୍ଭ ହୋଇଛି। କେଉଁ ପରିସ୍ଥିତିରେ ଏଭଳି ଅମାନବୀୟ ଘଟଣା ଘଟିଲା, ତାହାର ତଦନ୍ତ କରାଯାଇଛି। ବ୍ୟାଙ୍କ ପକ୍ଷରୁ ଏଲଡିଏମ୍ ହୀରାଲାଲ ମହାମଲ୍ଲିକ, ଏଚ୍ଆର୍ ମ୍ୟାନେଜର୍ ଅଭିମନ୍ୟୁ ବେହେରା, ମ୍ୟାନେଜର୍ ସୁଧାଂଶୁ ଶେଖର ସେଠୀ, ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦଙ୍କ ସମେତ ପାଟଣା ବିଡିଓ ମାନସ ଦଣ୍ଡପାଟ, ଅତିରିକ୍ତ ତହସିଲଦାର ଶରଣ ଜେନା, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ ପ୍ରମୁଖ ତଦନ୍ତ କରିଥିଲେ। ଏହାସହ, ଜିତୁ ମୁଣ୍ଡାଙ୍କୁ ତାଙ୍କ ଭଉଣୀ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ପ୍ରଦାନ କରାଯାଇଥିଲା। ଆଜି ସ୍ଥାନୀୟ ଆର୍ଆଇଙ୍କ ଦ୍ୱାରା ମୃତ କାଲାରା ମୁଣ୍ଡାଙ୍କ ଉତ୍ତରାଧିକାରୀ (ଲିଗାଲ ହେୟାର୍) ପ୍ରମାଣପତ୍ର ବାହାର କରାଯିବା ପରେ ତାହା ଆଧାରରେ ବ୍ୟାଙ୍କ କର୍ତ୍ତୃପକ୍ଷ କାଲାରାଙ୍କ ଆକାଉଣ୍ଟରେ ଜମା ସମସ୍ତ ରାଶି ସୁଧ ସହ ଜିତୁଙ୍କୁ ଫେରାଇଥିଲେ। ଅପରପକ୍ଷେ, ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏହାର ପୁନରରାବୃତ୍ତି ହେବ ନାହିଁ ବୋଲି କହିଥିଲେ। ଏହାବ୍ୟତୀତ ପ୍ରଶାସନ ପକ୍ଷରୁ ଜିତୁଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

ସୂଚନାନୁସାରେ, ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ତାଙ୍କ ମୃତ ବଡ଼ ଭଉଣୀ କାଲାରା ମୁଣ୍ଡାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମାରାଶିକୁ ଉଠାଇବା ପାଇଁ ବାରମ୍ବାର ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ କଥା ଶୁଣିନଥିଲେ। ଭଉଣୀକୁ ସାଙ୍ଗରେ ନେଇ ବ୍ୟାଙ୍କକୁ ଆସିବା ପାଇଁ କହିଥିଲେ। ଜିତୁ ନିରାଶ ହେବା ପରେ ୩ ମାସ ତଳେ ମୃତ୍ୟୁ ହୋଇଥିବା ଭଉଣୀ କାଲାରା ମୁଣ୍ଡାଙ୍କ ଶବକୁ ମଶାଣିରୁ ଖୋଳି କାନ୍ଧରେ ବୋହି ନେଇ ବ୍ୟାଙ୍କରେ ପହଞ୍ଚିଥିଲେ।

ଅନଲାଇନ ନିବେଶ ନାଁରେ ୫କୋଟି ଟଙ୍କା ଠକେଇ

# ଦାର୍ଜିଲିଂରୁ ଧରା ହେଲେ ୨ ଧୂର୍ତ୍ତ

କଟକ, ୨୮।୪ (ସମିସ): ବଡ଼ଧରଣର ଏକ ସାଇବର୍ ଠକେଇ ଘଟଣାରେ ରାଜ୍ୟ କ୍ରାଇମବ୍ରାଞ୍ଚକୁ ସଫଳତା ମିଳିଛି। ଫେକ୍ ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମ ଜରିଆରେ ପ୍ରାୟ ୫.୧୪ କୋଟି ଟଙ୍କାରୁ ଅଧିକ ଠକେଇ ମାମଲାରେ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଟିମ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, କିରଣ ଗୁରୁଙ୍ଗ (୫୫) ଓ ରଣଧୀର କୁମାର ରାୟ (୪୬)। ସେମାନଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ, ପାନ କାର୍ଡ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଇନ୍ସପେକ୍ଟର୍ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ବ୍ୟାଙ୍କ କାରବାର ଏବଂ ଡିଜିଟାଲ ପ୍ରମାଣକୁ ଆଧାର କରି ଏହି ଠକେଇର ତଦନ୍ତ କରିଥିଲା। ଠକେଇର ସୁରାକ ପାଇ ପଶ୍ଚିମବଙ୍ଗର ଦାର୍ଜିଲିଂ ଅଞ୍ଚଳରେ ଏହି ଟିମ୍ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ ଏକ ଜାଲ୍ ଅନଲାଇନ ଟ୍ରେଡିଂ ପ୍ଲାଟଫର୍ମରେ ନିବେଶ କରିବାକୁ ସାଇବର୍ ଠକମାନେ ପ୍ରଲୋଭିତ କରିଥିଲେ। ଠକମାନଙ୍କ କଥାରେ ବିଶ୍ୱାସ କରି

## ଅନ୍ତର୍ଜାତୀୟ ସାଇବର ରାକେଟରେ ସମ୍ପୃକ୍ତି ସନ୍ଦେହ

ଅଭିଯୋଗକାରୀ ବ୍ୟକ୍ତିଜଣଙ୍କ ଗତ ୨୦୨୫ ମାର୍ଚ୍ଚ ୧୭ରୁ ମାତ୍ର ୨୦ ଦିନ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମୋଟ ୫ କୋଟି ୧୪ ଲକ୍ଷ ଟଙ୍କା ନିବେଶ କରିଥିଲେ। କିନ୍ତୁ, ଯେତେବେଳେ ସେ ନିଜର ଟଙ୍କା ଉଠାଇବାକୁ ଚେଷ୍ଟା କଲେ, ଠକମାନେ ତାହା ମନା କରିଦେବା ସହ ଏଥିପାଇଁ ଅଧିକ ଟଙ୍କା ଜମା କରିବାକୁ ପଡ଼ିବ ବୋଲି କହିଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଅଭିଯୋଗକାରୀଜଣଙ୍କ ସାଇବର୍ ହେଲ୍ପ-ଲାଇନ୍ ନମ୍ବର ୧୯୩୦ରେ ଜଣାଇବା ସହ କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାରେ ଗିରଫ ଉଭୟ ଅଭିଯୁକ୍ତଙ୍କୁ ସିଲିଗୁଡ଼ିର ଏସିଜେଏମ୍ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯିବ। ଦୁଇଜଣ ଅଭିଯୁକ୍ତ ଏକ ବଡ଼ ଅନ୍ତର୍ଜାତୀୟ ସାଇବର ରାକେଟର ସଦସ୍ୟ। ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

ବିଧାନସଭା ପରିସରରେ ଉତ୍କଳଗୌରବଙ୍କ ଜୟନ୍ତୀ

# ‘ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ମଧୁବାବୁ’



ଭୁବନେଶ୍ୱର,୨୮।୪(ସମିସ): ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି। ଆଜି ବିଧାନସଭା ପରିସରରେ ଆୟୋଜିତ ମଧୁବାବୁଙ୍କ ଜୟନ୍ତୀ ଅବସରରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଏପରି ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ପୂଜ୍ୟପୂଜା ସଂସଦର ପ୍ରତିନିଧି, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ମଙ୍ଗଳବାର ତାପମାତ୍ରା ଡିଗ୍ରୀ ସେଲସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୭.୦ | ୨୭.୪ |
| ଚାନ୍ଦବାଲି | ୩୭.୬ | ୨୮.୫ |
| କଟକ | ୩୪.୬ | ୨୫.୦ |
| ପାରାଦୀପ | ୩୨.୨ | ୨୭.୮ |
| ଭୁବନେଶ୍ୱର | ୩୪.୫ | ୨୭.୧ |
| ଗୋପାଳପୁର | ୩୧.୪ | ୨୬.୬ |
| ପୁରୀ | ୩୩.୨ | ୨୭.୮ |
| ଅନୁଗୁଳ | ୩୯.୭ | ୨୬.୦ |
| ବାରିପଦା | ୩୭.୮ | ୨୭.୦ |
| ଝାରସୁଗୁଡ଼ା | ୪୫.୩ | ୨୭.୨ |
| କେନ୍ଦୁଝରଗଡ଼ | ୩୯.୭ | ୨୪.୮ |
| ସମ୍ବଲପୁର | ୪୩.୫ | ୨୮.୫ |
| ସୁନ୍ଦରଗଡ଼ | ୪୩.୦ | ୨୮.୫ |
| ହୀରାକୁଦ | ୪୩.୩ | ୨୯.୨ |
| ତାଳଚେର | ୪୨.୨ | ୨୭.୫ |
| ଭବାନୀପାଟଣା | ୪୧.୮ | ୨୯.୦ |
| ବଲାଙ୍ଗୀର | ୪୨.୨ | ୨୭.୨ |
| କୋରାପୁଟ | ୩୮.୦ | - |
| ଫୁଲବାଣୀ | ୩୮.୫ | ୨୪.୦ |
| ଟିଟିଲାଗଡ଼ | ୪୨.୦ | - |
| ମାଲକାନଗିରି | ୩୯.୮ | ୨୬.୪ |
| ସୋନପୁର | ୪୧.୯ | ୨୯.୨ |
| ଦାରିଙ୍ଗବାଡ଼ି | ୩୬.୫ | ୨୩.୦ |
| ନୟାଗଡ଼ | ୩୭.୨ | ୨୮.୦ |
| ବୌଦ୍ଧ | ୪୩.୭ | ୨୩.୯ |
| ଛତ୍ରପୁର | ୩୨.୦ | ୨୬.୪ |
| ପାରାଳାଖେମୁଣ୍ଡି | ୩୮.୬ | ୨୪.୮ |
| ରାୟଗଡ଼ା | ୩୬.୬ | ୨୪.୦ |
| ଭଦ୍ରକ | ୩୮.୭ | ୨୬.୦ |
| ଯାଜପୁର | ୩୭.୮ | ୨୪.୬ |
| ଢେଙ୍କାନାଳ | ୩୮.୨ | ୨୪.୦ |
| ବରଗଡ଼ | ୪୨.୯ | ୨୪.୨ |
| ଦେଓଗଡ଼ | ୩୯.୦ | ୨୪.୦ |
| ନୂଆପଡ଼ା | ୪୨.୫ | ୨୭.୫ |
| ନବରଙ୍ଗପୁର | ୩୭.୦ | ୨୪.୫ |
| ଖୋର୍ଦ୍ଧା | ୩୬.୦ | ୨୫.୦ |
| ଜଗତସିଂହପୁର | ୩୫.୦ | ୨୨.୮ |
| କେନ୍ଦ୍ରାପଡ଼ା | ୩୬.୨ | ୨୨.୮ |
| ରାଉରକେଲା | ୪୦.୭ | ୨୫.୩ |

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଛାତ୍ରୀଙ୍କୁ ପ୍ରେମ ନିବେଦନ କରୁଛନ୍ତି ଅଧ୍ୟାପକ

ବାଲେଶ୍ୱର,୨୮।୪(ସମିସ): ଗତ କିଛି ଦିନ ତଳେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ଏକ ଚିଠି ଶିକ୍ଷା ବିଭାଗରେ ପହଞ୍ଚିବା ପରେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସଦୃଶ ତାଙ୍କୁ ଏଚ୍ଓଡି ପଦରୁ ହଟାଯାଇଥିଲା। ଏହାର ତଦନ୍ତଭାର ଆଇସିସିକୁ ପ୍ରଦାନ କରାଯାଇଥିଲା। ଏବେ ସେଇ ପୂର୍ବତନ ଏଚଓଡିଙ୍କ ବିରୋଧରେ ସ୍ୱର ତେଜିଛି। ସେ ପାଠ ପଢ଼ାଇବା ବଦଳରେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରୁଥିବାର ଅଭିଯୋଗ ହୋଇଛି। ଏକାଧିକ ଛାତ୍ରୀଙ୍କୁ ଅଶ୍ଲୀଳ ମେସେଜ୍ କରିବା ସହ ପ୍ରେମ ନିବେଦନ କରୁଥିବା ନେଇ ଅଭିଯୋଗ ଆସିଛି।

ଏହାଛଡ଼ା ସେ ନିଜ ଲେଖାବହି କିଣିବାକୁ ବାଧ୍ୟ କରିବା ସହ ପାଠ ବଦଳରେ ଶ୍ରେଣୀରେ ଖରାପ ଗପ କହିବା ଏବଂ ପ୍ରତିବାଦ କଲେ ପରୀକ୍ଷାରେ ବ୍ୟାକ୍ ଲଗାଇଦେବାର ଧମକ ମଧ୍ୟ ଦେଉଛନ୍ତି। ଏଭଳି ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ୯ଜଣ ଛାତ୍ରଛାତ୍ରୀ ଆଇସିସି କମିଟି ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ଏପରିକି, ଏହି ଘଟଣାରେ ତଦନ୍ତ ଚାଲୁ ରହିଥିବା ବେଳେ ପୂର୍ବତନ ଏଚଓଡି ଶ୍ରୀ ନାୟକ ଏକାଧିକ ଛାତ୍ରଛାତ୍ରୀମାନଙ୍କ ଫୋନରୁ ହ୍ୱାଟସ୍-ଆପ୍ ଚାଟ୍ ମଧ୍ୟ ଡିଲିଟ୍ କରୁଥିବା ଅଭିଯୋଗ ହୋଇଛି। ଏପରିକି, ସେମାନଙ୍କୁ ଧମକାଇ ଡିଲିଟ କରାଯାଉଥିବା ନେଇ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ, ଏହି ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷ ଚୁପ୍ ରହିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି।

ପୁଣି କୋଟିଆରେ କେଁ

# ଓଡ଼ିଶା ପୁଲିସ ଉପରେ ବର୍ଷିଲେ ଆନ୍ଧ୍ର ମନ୍ତ୍ରୀ

ଭୁବନେଶ୍ୱର,୨୭।୪(ସମିସ): ପୁଣି କୋଟିଆକୁ ନେଇ ଆରମ୍ଭ ହୋଇଛି ଓଡ଼ିଶା ଓ ଆନ୍ଧ୍ର ବିବାଦ। ଓଡ଼ିଶା ସରକାର କୋଟିଆ ପଞ୍ଚାୟତର ୨୧ଟି ବିବାଦୀୟ ଗାଁରେ ଜନଗଣନା ପାଇଁ ପ୍ରାରମ୍ଭିକ ଘର ତାଲିକା ଓ ଜନସଂଖ୍ୟା ଗଣନା ଆରମ୍ଭ କରିଛନ୍ତି । ମାତ୍ର ଉପର ସେମ୍ବି ଗ୍ରାମରେ ଜନଗଣନା ପ୍ରକ୍ରିୟାରେ ବାଧା ଦେବା ଅଭିଯୋଗରେ ଦୁଇ ଜଣ ବ୍ୟକ୍ତିଙ୍କୁ କୋଟିଆ ପୁଲିସ ଗିରଫକୁ ନେଇ ଓଡ଼ିଶା ଉପରେ ବର୍ଷିଛନ୍ତି ଆନ୍ଧ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଗୁମ୍ମିଡି ସନ୍ଧ୍ୟାରାଣୀ। ଶନିବାର କୋଟିଆରେ ଜନଗଣନା ସମୟରେ ଅସହଯୋଗ ପାଇଁ ଓଡ଼ିଶା ପୁଲିସ କୋଟିଆ ପଞ୍ଚାୟତ ଅନ୍ତର୍ଗତ ଉପର ସେମ୍ବି ଗ୍ରାମର ବାସିନ୍ଦା ତାଡିଙ୍ଗି ପିଲୁକା ଏବଂ ତାଡିଙ୍ଗି ଚିରଞ୍ଜୀବୀଙ୍କୁ ଗିରଫ କରିଥିଲା। ଏହାକୁ ଆନ୍ଧ୍ର ସରକାର ବିରୋଧ କରିଛନ୍ତି । ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ ସନ୍ଧ୍ୟାରାଣୀ ପାର୍ବତୀପୁରମ ମାନ୍ୟମ ଜିଲ୍ଲାର ସାଲୁରରେ ଏକ ସାମ୍ବାଦିକ ସମ୍ମିଳନୀରେ କୋଟିଆ ଆଦିବାସୀଙ୍କ ଗିରଫଦାରୀକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ସେ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ-ଓଡିଶା ସୀମାନ୍ତରେ ଅବସ୍ଥିତ ୨୧ଟି ଗ୍ରାମ ଆନ୍ଧ୍ରପ୍ରଦେଶର ସାଲୁର ମଣ୍ଡଳ ଏବଂ ସାଲୁର ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି ଓ ଏହି ଗାଁଗୁଡ଼ିକରେ ଓଡ଼ିଶା ପୁଲିସ ଆଦିବାସୀଙ୍କୁ ଭୟଭୀତ କରୁଛି। ଏଗୁଡ଼ିକ ସାଲୁର ମଣ୍ଡଳର ଆଦିବାସୀ ଗ୍ରାମ ଓ ସ୍ଥାନୀୟ ଲୋକମାନେ ଆନ୍ଧ୍ରପ୍ରଦେଶର ଅଂଶ ଭାବରେ ଗଣନା କରିବାକୁ ଚାହାଁନ୍ତି । ସେମାନଙ୍କୁ ଓଡ଼ିଶାର ଜନଗଣନା କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ବାଧ୍ୟ କରିବା ଗ୍ରହଣୀୟ ନୁହେଁ । ଏହି ମାମଲାକୁ ନେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ଦୀର୍ଘବର୍ଷ ଧରି ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ମଧ୍ୟରେ ଥିବା କୋଟିଆ ଅଞ୍ଚଳ ଦଶନ୍ଧି ଧରି ଏକ ବିବାଦୀୟ ଅଞ୍ଚଳ ହୋଇ ରହିଛି । ଏଠାରେ ଥିବା କୋଟିଆ ଗ୍ରାମପୁଞ୍ଜକୁ ଉଭୟ ରାଜ୍ୟ ଉଭୟ ରାଜ୍ୟ ନିଜର ଦାବି କରି ଆସୁଛନ୍ତି ।

ସିଆର୍ଏଫ୍ଏମ୍ ଯୋଜନା ବାଟବଣା

# ସାରା ରାଜ୍ୟରେ ଦୁର୍ନୀତିର ପାହାଡ଼

ଭୁବନେଶ୍ୱର,୨୮।୪(ସମିସ): ଯୋଜନା ହେଉଛି, ମାତ୍ର ସେହି ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବାଟରେ ବିଭାଗୀୟ ଅଧିକାରୀମାନେ ତାହାକୁ ଚକ୍ଟ କରି ଦେଉଛନ୍ତି। ସିଆର୍ଏଫ୍ଏମ୍ ଯୋଜନାରେ କରାଯାଉଥିବା ଡାଲି ଓ ତୈଳବୀଜ ଜାତୀୟ ଫସଲ ଚାଷୀଙ୍କୁ ସଠିକ୍ ଭାବେ ବିହନ ଓ ରୋକପୋକ ନିରାକରଣ ପାଇଁ ଔଷଧ ଓ ସାର ଦିଆଯାଉନାହିଁ। ସାରା ରାଜ୍ୟରେ ଏହି ଯୋଜନାରେ ଯାବତୀୟ ଅନିୟମିତା ଚାଲିଥିବା ଅଭିଯୋଗ ଆସିଛି। ଏହି ସମୟରେ ଅନଗୁଳ ଜିଲ୍ଲା କିଶୋରନଗର ବ୍ଲକ୍‌ରେ ଗୋଟିଏ ଘଟଣା ଭାତ ହାଣ୍ଡିରୁ ଗୋଟିଏ ପରି ପୁରା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି ।

ଅଭିଯୋଗ ଅନୁସାରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍‌ର ଚାଷୀଙ୍କ ପାଇଁ ସରକାର ୨୦୨୪-୨୫ କୃଷିବର୍ଷ ପାଇଁ ମୁଗ, ବିରି ଓ ବୁଟ ପରି ଡାଲି ଜାତୀୟ ଫସଲ ପାଇଁ ବିଭିନ୍ନ ସାର ଓ ଔଷଧ ଯୋଗାଇଥିଲେ। ମାତ୍ର ଚାଷୀଙ୍କ ନିକଟରେ ଏହି ସାର ଓ ବିହନ ପହଞ୍ଚି ନାହିଁ। ଏପରିକି ଜଣେ ବି ଚାଷୀଙ୍କୁ ନାନୋ ଡିଏପି ସାର ବଣ୍ଟନ କରାଯାଇନି। ଏପରି ଅଭିଯୋଗ ହେବା ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଓ ତଦନ୍ତରୁ ଯାହା ସୂଚନା ମିଳିଲା ତାହା ଅତ୍ୟନ୍ତ ସାଂଘାତିକ । ତଦନ୍ତବେଳେ ଶତ ପ୍ରତିଶତ ନାନୋ ଡିଏପିକୁ କୃଷି ଅଧିକାରୀମାନେ ବାହାର ବେପାରୀଙ୍କୁ ବିକ୍ରି କରାଯାଇଥିବା ଦାୟିତ୍ୱରେ ଥିବା ଏନ୍‌ଜିଓର ବ୍ଲକ୍ ସଂଯୋଜକ ସ୍ୱୀକାର କରିଛନ୍ତି। ସେହିପରି ବୋରାକ୍ସ, ଟ୍ରାଇକୋଡରମା ଭିରିଡ଼ି, ପେଣ୍ଡି ମିଥାଲିନ୍, ଜିଙ୍କ୍ ସଲଫେଟ୍, କାରବେନଡାଜିମ୍ ପରି

■ ଗୋଟିଏ ବ୍ଲକ୍‌ରେ ଦେଢ଼ କୋଟି ହେରଫେର
■ ଚାଷୀଙ୍କ ନାମରେ କୃଷି ଅଧିକାରୀ ମାଲେମାଲ୍
■ ଯୋଜନାର ସମୀକ୍ଷା ସହ କାର୍ଯ୍ୟାନୁଷ୍ଠାନ ଦାବି

ସାର ଓ ଔଷଧ ଚାଷୀଙ୍କୁ ଅଧା ବଣ୍ଟାଯାଇ ବାକି ଅଧକ ବାଟମାରଣା ହୋଇଥିବା ମଧ୍ୟ ସୂଚନା ମିଳିଛି । ତଦନ୍ତକାରୀ ଦଳ ପ୍ରଦାନ କରିଥିବା ରିପୋର୍ଟରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଅନୁରୂପ ଭାବେ ମୁଗରୁ ପୋକ ନିରାକରଣ ପାଇଁ ଯୋଗାଇ ଦିଆଯାଇଥିବା ୟେଲୋ ଷ୍ଟିକି ଟ୍ରାପ୍ ମଧ୍ୟ ଚାଷୀଙ୍କୁ ବଣ୍ଟନ କରାଯାଇନାହିଁ। ଅଧିକାରୀ ଓ ଏନ୍‌ଜିଓ ମିଳିମିଶି ସାର ଓ ଔଷଧ ବାଟମାରଣା କରି ବିକ୍ରି ଦେଇଥିବା ମଧ୍ୟ ତଦନ୍ତକାରୀ କମିଟି ଜାଣିବାକୁ ପାଇଛି। ମୋଟ୍ ଦେଢ଼ କୋଟିରୁ ଅଧିକ ଟଙ୍କାର ଇନପୁଟ୍ ହେରଫେର ହୋଇଥିବା ସୂଚନା ମିଳିବା ପରେ ତଦନ୍ତକାରୀ କମିଟିର ରିପୋର୍ଟ ଆଧାରରେ ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସୁପାରିସ କରିଛନ୍ତି।

ସିଆର୍ଏଫ୍ଏମ୍ ଯୋଜନାରେ ବ୍ୟାପକ ହରିଲୁଟ୍ ହେବା ଓ କେବଳ ଗୋଟିଏ ବ୍ଲକ୍‌ରେ ପ୍ରାୟ ଦେଢ଼କୋଟି ଟଙ୍କା ହେରଫେର ହେବା ପରେ ଏହି ଯୋଜନାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷଜ୍ଞଙ୍କ କହିବା କଥା ହେଉଛି ଯେ ଯୋଜନା କାର୍ଯ୍ୟକାରୀ କରିବାକୁ ଏନ୍‌ଜିଓକୁ ସମସ୍ତ ସାର ଔଷଧ ପ୍ରଦାନ କରାଯାଉଛି। କୃଷି ଅଧିକାରୀମାନେ କେବଳ ତାହାର ତଦାରଖ କରୁଛନ୍ତି। ଏଣୁ ବ୍ଲକ୍‌ସ୍ତରରେ ଅଧିକାରୀମାନେ ସେହି ଏନ୍‌ଜିଓ ସହ ମିଶି ଏହି ଯୋଜନାକୁ ବାଟବଣା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏଣୁ ଯୋଜନାର ସମୀକ୍ଷା କରିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଲେ ପ୍ରକୃତ ଚାଷୀମାନେ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

## କବିତ୍ରା ଶାସନରେ ଚନ୍ଦନ ପୂର୍ଣ୍ଣିମା ସାଂସ୍କୃତିକ ସମାରୋହ



ଆନନ୍ଦପୁର, ୨୮।୪ (ସମିସ): ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ କବିତ୍ରା ଶାସନରେ ତୃତୀୟ ସନ୍ଧ୍ୟାରେ ବୀଣାପାଣି କଳାନିକେତନ, ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରି ହଜାର ହଜାର ଦର୍ଶକଙ୍କ ମନ ମୋହିଥିଲେ। ପ୍ରଥମେ ଗ୍ରାମର ବ୍ରାହ୍ମଣ ମଧୁସୂଦନ କର, ଅଜୟ କୁମାର ହୋତା, ଦେବେନ୍ଦ୍ର ମିଶ୍ର, କୃଷ୍ଣପ୍ରସାଦ ମିଶ୍ର, ପ୍ରଦୀପ୍ତ ମିଶ୍ର, ଚିତ୍ତରଞ୍ଜନ ହୋତା, ପ୍ରଶାନ୍ତ ହୋତା, କୃପାସିନ୍ଧୁ ମିଶ୍ର, ହିମାଂଶୁ ହୋତା, ଜଗନ୍ନାଥ କର ଜଗନ୍ନାଥଙ୍କ ନିକଟରେ ମଙ୍ଗଳାଚରଣ ଗାନ କରିଥିଲେ। ପରେ ଗ୍ରାମର ବ୍ରାହ୍ମଣମାନେ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିନେଇଥିଲେ। ଗ୍ରାମର ମହିଳାଙ୍କଠାରୁ ହୁଳହୁଳି ଶଙ୍ଖ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବିଳମ୍ବିତ ରାତ୍ରି ଯାଏଁ ନୃତ୍ୟ କାର୍ଯ୍ୟକ୍ରମକୁ ମନ ଭରି ଉପଭୋଗ କରିଥିଲେ।

## ପୋଖରୀରେ ବୁଡ଼ିଯାଇ ଯୁବକଙ୍କ ମୃତ୍ୟୁ



ହାଟଡ଼ିହୀ,୨୮।୪(ସମିସ): ନନ୍ଦିପଦା ଥାନା ପଛପଟେ ଥିବା ମରେଇଗାଁ ପୋଖରୀରେ ବୁଡ଼ି ଜଣେ ଯୁବ ବ୍ୟବସାୟୀ ଉପେନ୍ଦ୍ର ପଣ୍ଡାଙ୍କ ପୁଅ ରତିକାନ୍ତ (୩୫)ଙ୍କ ମୃତ୍ୟୁ ଘଟିଛି। ମରେଇଗାଁ ବଜାରରେ ଚିକେନ୍ ବ୍ୟବସାୟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ରତିକାନ୍ତ ସେହି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅନେକ ସମୟ ଧରି ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀ କୂଳରେ ରତିକାନ୍ତଙ୍କ ମୋବାଇଲ୍ ଓ ଜୋତା ଥୁଆ ହୋଇଥିବା ଦେଖି ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ କରିଥିଲେ ପରିବାର ଲୋକେ। ଏନେଇ ପରେ ହାଟଡ଼ିହୀ ଅଗ୍ନିଶମ ବାହିନୀ ରତିକାନ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରତିକାନ୍ତ ଭଳି ଜଣେ ହସଖୁସି ମିଜାଜର ଯୁବ ବ୍ୟବସାୟୀଙ୍କୁ ହରାଇ ସମ୍ପୂର୍ଣ୍ଣ ମରେଇଗାଁ ବଜାରର ସମସ୍ତ ବ୍ୟବସାୟୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ବଡ଼ରମ୍ଭାସ ଅଗ୍ନିବିପନ୍ନଙ୍କୁ ଭେଟିଲେ ବିଧାୟକ



ହାଟଡ଼ିହୀ,୨୮।୪(ସମିସ): ନନ୍ଦିପଦା ଥାନା ବଡ଼ରମ୍ଭାସ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ଟି ପରିବାରର ୭ବଖରା ଘର ପୋଡ଼ିଯିବା ସହିତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଥିବା ଜଣାଯାଇଛି। ଗ୍ରାମର ବଳିଆ ସେଠୀ, କନ୍ଦ ସେଠୀ, ବାବାଜୀ ସେଠୀ, ବାବୁଲି ସେଠୀ, ଶ୍ରୀଧର ସେଠୀ ଓ ସୁଦର୍ଶନ ସେଠୀଙ୍କ ପରିବାର ଲୋକେ ଯାତ୍ରା ଦେଖିବା ପାଇଁ ପଳାଇଥିବା ବେଳେ ଘରେ ଜଣେ ବୃଦ୍ଧା ରହିଥିଲେ। ଅଗ୍ନିକାଣ୍ଡ ଘଟିବା ଦେଖି ସେ ଡାକ ପକାଇବାରୁ ପଡୋଶୀ ମାନେ ଦୌଡ଼ି ଆସି ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ନିଆଁ ଲିଭାଇବାକୁ ଭିଡ଼ି ଯାଇଥିଲେ। ହାଟଡ଼ିହୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା କେବଳ ପିନ୍ଧା ବସ୍ତ୍ର ଖଣ୍ଡିକ ବ୍ୟତୀତ ଘର ଭିତରୁ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର ହୋଇପାରିନି। ଏଭଳି ଏକ ଦୁଃଖଦ ଖବର ପାଇ ଆଜି ସକାଳେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମିତିସଭ୍ୟ ବାବନ ସେଠୀ, ବିଜେଡ଼ି ଯୁବନେତା ଦୀପ୍ତିରଞ୍ଜନ ଦାସ, ଅମରେନ୍ଦ୍ର ଧଳ, ନାରାୟଣ ବେହେରା ପ୍ରମୁଖ ବିପର୍ଯ୍ୟସ୍ତ ପରିବାରଙ୍କୁ ଭେଟିଛନ୍ତି। କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସରକାରୀ ସ୍ତରର ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ବିଧାୟକ ଶ୍ରୀ ସେଠୀ କହିଛନ୍ତି।

## ଟ୍ରାକ୍ଟର ଦୁର୍ଘଟଣାରେ ୨ ଗୁରୁତର

ହାଟଡ଼ିହୀ,୨୮।୪(ସମିସ): ନନ୍ଦିପଦା ଥାନା ସୁଲଣ ଗ୍ରାମର ଦୟାନିଧି ରାଉତ ଓ ଶ୍ରୀପତି ଜେନା ସୁଲଣରୁ ଛେନାପଦି ଅଭିମୁଖେ ଯାଉଥିବାବେଳେ ସୁଲଣ ଛେନାପଦି ରାସ୍ତାରେ ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଘଟଣାସ୍ଥଳରେ ହିଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତରଙ୍କ ପରିବାର ଲୋକେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଉଥିବା ସୂଚନା ମିଳିଛି। ଫେରାର ହୋଇଥିବା ଟ୍ରାକ୍ଟର ସମ୍ପର୍କରେ ଏଯାଏଁ କୌଣସି ସୂଚନା ମିଳିପାରି ନାହିଁ।

### କେନ୍ଦୁଝର ମାଟିରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ସ୍ମରଣ

# ମଧୁବାବୁଙ୍କ ଆଦର୍ଶରେ ଗଢ଼ାହେବ ସମୃଦ୍ଧ ଓଡ଼ିଶା: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୮।୪(ସମିସ): ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ଓ ସଂକଳ୍ପର ମୂର୍ତ୍ତିମନ୍ତ ପ୍ରତୀକ 'ଉତ୍କଳ ଗୌରବ' ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସାଂସଦ ଅନନ୍ତ ନାଏକ ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କେନ୍ଦୁଝର ପ୍ରଜା ଆନ୍ଦୋଳନ ସମୟରେ ଜଣେ ବିଚକ୍ଷଣ ଓକିଲ ଭାବେ ନ୍ୟାୟ ପ୍ରଦାନରେ ମଧୁବାବୁଙ୍କ ଭୂମିକା ଅବିସ୍ମରଣୀୟ। ମୁଖ୍ୟମନ୍ତ୍ରୀ ମଧୁବାବୁଙ୍କୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ସୂତ୍ରଧାର ଭାବେ ବର୍ଣ୍ଣନା କରିବା ସହ ତାଙ୍କ ଆଦର୍ଶରେ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ମଧୁବାବୁଙ୍କ ସହ କେନ୍ଦୁଝରର ଥିବା ଆତ୍ମିକ ଓ ଐତିହାସିକ ସମ୍ପର୍କକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରକୁ ଏକ ପ୍ରମୁଖ ପର୍ଯ୍ୟଟନ ଓ ପ୍ରେରଣାସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ସ୍ୱତନ୍ତ୍ର ଭିତ୍ତିଭୂମି ପ୍ୟାକେଜ୍ କାର୍ଯ୍ୟକାରୀ କରୁଛି। ମଧୁବାବୁଙ୍କ ଭଳି ମହାପୁରୁଷଙ୍କ ବଳିଦାନକୁ ପ୍ରତିଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ



ରଖିଛନ୍ତି। ରାଜ୍ୟର ସମସ୍ତ ଉପାନ୍ତ ଅଞ୍ଚଳର ବିକାଶକୁ ମୁଖ୍ୟଧାରା ସହ ଯୋଡ଼ିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ, ସମସ୍ତ ଡେପୁଟି କଲେକ୍ଟର ଓ ଆସିଷ୍ଟାଣ୍ଟ କଲେକ୍ଟର, ଜନସାଧାରଣ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

**ଆନନ୍ଦପୁର:** ଆନନ୍ଦପୁର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାହିତ୍ୟିକ ରାମଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ସେହିପରି ଘସିପୁରାରେ ଥିବା ଆନନ୍ଦପୁର ପ୍ରେସଭବନରେ ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କନକମଞ୍ଜରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ ପ୍ରଦୀପ କୁମାର ମହାନ୍ତି ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ସୁବାସଚନ୍ଦ୍ର ମହାପାତ୍ର, ଆନନ୍ଦପୁର ପୂର୍ବତନ ସୈନିକସଂଘ ସଭାପତି ତ୍ରିଲୋଚନ ଦାଶ, ସମାଜସେବୀ ଗୋଲକ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେସକ୍ଲବର ସମ୍ପାଦକ ସନ୍ତୋଷ ରାଉତ, ସଦସ୍ୟ ଦିଲ୍ଲୀପ୍ ମିଶ୍ର, ସତ୍ୟଜିତ୍ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ପ୍ରକାଶ ହଜାରୀ, ରାଜେନ୍ଦ୍ର ପ୍ରସାଦ ଦାଶ, ଉପେନ୍ଦ୍ର ସାହୁ, ଉମାକାନ୍ତ ସାହୁ, ସରୋଜ ପରିଡା, ସମାଜସେବୀ ସତ୍ୟାନନ୍ଦ ମିଶ୍ର, ଅନ୍ନଦା ଶଙ୍କର ମହାନ୍ତି, ଯତୀନ୍ଦ୍ର କୁମାର ଶତପଥୀ, ସୁରେଶ କୁମାର ସାହୁ, ଓଡିଶୀ ନୃତ୍ୟଗୁରୁ ଜିତୁ ଦାଶ, ମା'ଧନେଇ ସେବାସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକ୍, ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ଘଡ?ଇ, ଶିକ୍ଷକ ରବୀନ୍ଦ୍ର ସାହୁ, ଆଇସିଆଇସି ବ୍ୟାଙ୍କର ସହକାରୀ ପରିଚାଳକ ତ୍ରିନାଥ ସାହୁ, ଆମଓଡିଶାର ସଦସ୍ୟ ଧବଳେଶ୍ୱର ସାହୁ, ସୁଜିତ୍ କୁମାର ସାହୁ, ସତ୍ୟନାରାୟଣ ସାହୁ, ରବୀନ୍ ରାଉତ, ତ୍ରିଲୋଚନ ସାହୁ, ଚିନ୍ମୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## ଓସିଏ ଆବାସିକ ଏକାଡେମୀ ପାଇଁ ଆଦିଦେବ ମନୋନୀତ



କେନ୍ଦୁଝର,୨୮।୪(ସମିସ): ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏକ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଡ. ହରେକୃଷ୍ଣ ମହତାବଙ୍କ ନାମରେ ଉତ୍ସର୍ଗୀକୃତ ଏହି ଏକାଡେମୀ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ବାଳକ ଏବଂ ୧୫ ଜଣ ବାଳିକା ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ଆଦିଦେବ ସାହୁ ଓସିଏ ରେସିଡେନ୍ସିଆଲ ଏକାଡେମୀ ପାଇଁ ମନୋନୀତ ହୋଇଛନ୍ତି। ସେ ଭୁବନେଶ୍ୱର କିଟ୍ ପରିସରରେ ରହି ନିୟମିତ ଶିକ୍ଷାଗ୍ରହଣ ସହ କ୍ରିକେଟ ପ୍ରଶିକ୍ଷଣ ନେବେ। ଓସିଏ ଓ କିଟ୍‌ର ଯୁଗ୍ମ ପରିଚାଳନାରେ ଡଃ ହରେକୃଷ୍ଣ ମହତାବ ଫିଡର୍ ସେଣ୍ଟର ପାଇଁ ଆଦିଦେବ ମନୋନୀତ ହୋଇଛନ୍ତି ବୋଲି ଓସିଏର ସମ୍ପାଦକ ସଞ୍ଜୟ କୁମାର ବେହେରାଙ୍କଠାରୁ ପ୍ରକାଶ। ଆଦିଦେବ ଗତ ଫେବୃଆରୀରେ କଟକଠାରେ ଅନୁଷ୍ଠିତ ଆନ୍ତଃଜିଲ୍ଲା ୧୪ବର୍ଷରୁ କମ କ୍ରିକେଟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଫେବୃଆରୀ ୯ତାରିଖରୁ କିଟ ଷ୍ଟାଡିଅମରେ ଆୟୋଜିତ ନେଟ୍ସ ରେ ସେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଥିଲେ। ଆଦିଦେବଙ୍କ ଏହି ମନୋନୟନ ସମ୍ପର୍କରେ ଓଡିଶା କ୍ରିକେଟ ଆସୋସିଏସନ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ଜଣାଇଛନ୍ତି। ଆଦିଦେବ କେନ୍ଦୁଝର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିବା ବେଳେ ପିତା ସତ୍ୟନାରାୟଣ ସାହୁ ଓ ମାତା ଶଶିକଳା ସାହୁ। ସେ କେନ୍ଦୁଝରସ୍ଥିତ ସେଣ୍ଟ ଜାଭିଅର ସ୍କୁଲରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଫେମସ କ୍ଲବରୁ ନିୟମିତ ଖେଳୁଛନ୍ତି। ଦୀପକ କୁମାର ମୁଖିଙ୍କ ପ୍ରଶିକ୍ଷଣ ଓ ଗିରିଶ ଚନ୍ଦ୍ର ହୋତାଙ୍କ ପ୍ରେରଣାରେ ଅଭ୍ୟାସ କରୁଥିଲେ। କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସେଣ୍ଟ ଜାଭିୟର ସ୍କୁଲର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା, ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ନାୟକ, ତାପସ ମହାନ୍ତି ଆଦିଦେବଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରିଜ୍ ଛକ ଓ ବସ୍‌ଷ୍ଟାଣ୍ଡରେ ଖୋଲିଲା ଜଳଛତ୍ର



ଆନନ୍ଦପୁର, ୨୮।୪ (ସମିସ): କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସାଂସଦ ପାଣ୍ଠିରୁ ଆନନ୍ଦପୁର ବସଷ୍ଟାଣ୍ଡ ଓ ବ୍ରିଜ ଛକରେ ଥଣ୍ଡା ପାନୀୟଜଳ ସେବାକେନ୍ଦ୍ର ଉଦଘାଟିତ ହୋଇଯାଇଛି। ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଆନନ୍ଦପୁର ପୌରପାଳିକା ତରଫରୁ ୧୭ଟି ଥଣ୍ଡା ଶୁଦ୍ଧ ପାନୀୟ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବା ବେଳେ ଜଣାଗହଳିପୂର୍ଣ୍ଣ ଆନନ୍ଦପୁର କୋର୍ଟ ସାମ୍ନାରେ ଜଳଛତ୍ରକୁ ବିଜେପି ନେତା ମହେଶ୍ୱର ସାହୁ ଉଦଘାଟନ କରିଥିଲେ। ବିଜେପି ନେତା ହେମନ୍ତ କୁମାର ସାହୁ, ନରେନ୍ଦ୍ର ପଣ୍ଡା, ପ୍ରଶାନ୍ତ ମହାପାତ୍ର, ମଳୟ ମିଶ୍ର, ଲୁଲୁ ମହାପାତ୍ର, ଅର୍ଜୁନି ଚରଣ ମହାନ୍ତି ମଇନ ରାଉତ, ଜଗନ୍ନାଥ ଦାସ, ସିପୁ ଜେନା ଦୀପକ ରାମ ନାରଣ ବାରିକ, ଦୁଃଖବନ୍ଧୁ ରଣା ପ୍ରଣୟିନୀ ବ୍ରହ୍ମ ବବିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଧୋଇବା ବେଳେ ନଦୀରେ ବୁଡ଼ି ଯୁବକ ମୃତ

ତୁରୁମୁଙ୍ଗା, ୨୮।୪(ସମିସ): ଗାଁ ନିକଟରେ ଥିବା ଦେଓ ନଦୀରେ ଗାଧୋଇବା ବେଳେ ପାଦ ଖସିଯାଇ ଜଣେ ଯୁବକ ଗୋରାଣ୍ଡିଯୋଡି ଗ୍ରାମର କ୍ଷୀରୋଦ ନାଏକ (୨୫)ଙ୍କ ମୃତ୍ୟୁ ଘଟିଛି। କ୍ଷୀରୋଦ ମଙ୍ଗଳବାର ଦେଓ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ୍ ପାଦ ଖସିଯାଇ ପାଣିରେ ପଡ଼ି ଭାସିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରି ନଥିଲେ। ଖବର ପାଇ ଆହାରପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ସାହାରପଡା ଫାଣ୍ଡି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ରହିଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି।

## ଆଇନଜୀବୀ ଦିବସ ପାଳିତ



ଆନନ୍ଦପୁର, ୨୮।୪ (ସମିସ): ଆନନ୍ଦପୁର ଓକିଲ ସଂଘ ସଭାଗୃହରେ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀଙ୍କ ୧୭୮ତମ ଜନ୍ମଦିବସ ଅବସରରେ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ସ୍ୱାଭିମାନର ପ୍ରତୀକ, ଓଡ଼ିଶାର ପ୍ରଥମ ବାରିଷ୍ଟର, ସମାଜ ସଂସ୍କାରକ, ଓଡ଼ିଆ ଭାଷାର ସମୃଦ୍ଧ ଭାଷାବିତ, ବର୍ଣ୍ଣବୋଧର ରଚୟିତା ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଥିଲା। ସଂଘ ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଧୁବାବୁଙ୍କ ଜୀବନାଦର୍ଶ, ବାରିଷ୍ଟରି ଜୀବନ ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ରାମଚନ୍ଦ୍ର ପିତ୍ର, ଲକ୍ଷ୍ମୀଧର ମିଶ୍ର, ହରିହର ମିଶ୍ର, ସୁବାସଚନ୍ଦ୍ର ତ୍ରିପାଠୀ, ମହେନ୍ଦ୍ର ରାମ, ବନବିହାରୀ ଜେନା, ରବିନ୍ଦ୍ର କୁମାର ବେହେରା, ସୁରଥଚନ୍ଦ୍ର ବେହେରା, କିଶୋର ଚକ୍ର, ହୃଦାନନ୍ଦ ଦ୍ୱୀବେଦୀ, ଅମର ମହାପାତ୍ର, ହେମରଞ୍ଜନ ବେହେରା, ହେମନ୍ତ ମଲିକ, ବିଜୟ କୁମାର ପଣ୍ଡା, ମନୋରଞ୍ଜନ ପାଣିଗ୍ରାହୀ, ରମେଶ କୁମାର ବାରିକ, ଭୁବନେଶ୍ୱର ଯେନା, ଚର୍ତୁଭୁଜ ଜେନା, ପ୍ରସନ୍ନ ରଣା, ନିରଞ୍ଜନ ସାହୁ, ଅଶୋକ ସେଠୀ, ଆଲୋକ ରାଉତ, ବିଭୁପ୍ରସାଦ ସାହୁ, ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ରାଉଳ, ସଦସ୍ୟ କହ୍ନେଇ ଚରଣ ସାହୁ, ଯୁମର ସିଂହ ମହାନ୍ତି ପ୍ରମୁଖ ମଧୁବାବୁଙ୍କ ଆଦର୍ଶ କର୍ମମୟ ଜୀବନ ଓ ପ୍ରାକ୍ ସ୍ୱାଧୀନତାରେ ଓଡ଼ିଶା ପ୍ରତି ଅବଦାନ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦିକା ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବ୍ୟବସ୍ଥାରେ ଚମୁହିଁ ଅଙ୍ଗନବାଡ଼ି କେନ୍ଦ୍ର



ଆନନ୍ଦପୁର,୨୮।୪(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ଚମୁହିଁ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଏହି କେନ୍ଦ୍ରରେ ଆବଶ୍ୟକ ସୁବିଧା ଥିଲେ ବି ସେଗୁଡିକ କାର୍ଯ୍ୟକାରୀ ହେଉନଥିବାରୁ ଶିଶୁମାନେ ଅସୁବିଧା ଭୋଗୁଛନ୍ତି। ଅଙ୍ଗନବାଡ଼ି ଗୃହରେ ବିଦ୍ୟୁତ ବୋର୍ଡ ଲାଗିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନଥିବାରୁ ଗରମ ଦିନରେ ଶିଶୁମାନେ ଛଟପଟ ହେଉଛନ୍ତି। ପାଣି ପାଇଁ ଛାତ ଉପରେ ଟାଙ୍କି ରହିଥିଲେ ବି ପାଣି ଯୋଗାଣ ବ୍ୟବସ୍ଥା ନାହିଁ। ସେହିପରି ଶୌଚାଳୟ ଥିଲେ ବି ତାହା ବ୍ୟବହାର ଯୋଗ୍ୟ ହୋଇ ନାହିଁ। ଯାହା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗଭୀର ଚିନ୍ତାର ବିଷୟ। ଅଙ୍ଗନବାଡ଼ି ଚାରି ପାଶ୍ୱର୍ରେ ସୁରକ୍ଷା ପାଚେରି ନଥିବା ଫଳରେ ଅବାଧ ଗାଈଗୋରୁ ପ୍ରବେଶ କରୁଛନ୍ତି। ଫଳରେ ଅନେକ ପ୍ରକାର ସମସ୍ୟା ଘଟୁଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଭାଗୀୟ ଅଧିକାରିଣୀ କେନ୍ଦ୍ରକୁ ଆସି ସମସ୍ୟା ଦେଖି ଫେରିଯାଉଛନ୍ତି, କିନ୍ତୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏପରି ପରିସ୍ଥିତିରେ କୋମଳମତି ଶିଶୁମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ତେଣୁ ଗ୍ରାମର କରୁଣାକର ଜେନା, କମଳ ଜେନା, ସୁବାଷ ଚନ୍ଦ୍ର ଜେନା, ତରଣୀ ମଲ୍ଲିକ୍, ମୁନା ଜେନା, ଶିବ ପ୍ରସାଦ ଜେନା, ଭାଗିରଥି ଜେନା, ଶଙ୍କର୍ଷଣ ଜେନା, ଅମୂଲ୍ୟ ମଲ୍ଲିକ୍, ମିଲୁ ଜେନା କାହ୍ନୁଚରଣ ମଲ୍ଲିକ୍ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରି ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

# ମଲ୍ଲିପଶି ଗାଁରେ ପାନୀୟଜଳର ଉତ୍କଟ ସମସ୍ୟା

➤ ଚୁଆପାଣି ଏକମାତ୍ର ଭରସା
➤ ପ୍ରଶାସନ, ଲୋକପ୍ରତିନିଧିଙ୍କ ପାଦ ପଡୁନି

ହାଟଡ଼ିହୀ,୨୮।୪(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ କେ.ବାଲିପାଳ ପଞ୍ଚାୟତର ମଲ୍ଲୀପଶି ଗ୍ରାମରେ ପାନୀୟଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ପାଣି ଟୋପେ ପାଇଁ ଲୋକେ ତହଳବିକଳ ହେଉଛନ୍ତି। ଗାଁରେ ନଳକୂପଟିଏ ନଥିବାରୁ ୩୦ରୁ ଊର୍ଦ୍ଧ୍ୱ ପରିବାର ଚୁଆପାଣି ପିଇ ଶୋଷ ମେଣ୍ଟାଉଛନ୍ତି। ୧୯୭୮ରେ ସାଳନ୍ଦୀ ନଦୀର ହଦଗଡ଼ଠାରେ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା। ଏହି ସମୟରେ ସେହି ଅଞ୍ଚଳରେ ରହିଥିବା କିଛି ଗ୍ରାମବାସୀ ବାଧ୍ୟ ହୋଇ ପଛକୁ ହଟି ଯାଇଥିଲେ। ଏଥିରୁ ହାଟଡ଼ିହୀ ବ୍ଲକ୍ କେ.ବାଲିପାଳ ପଞ୍ଚାୟତର ମଲ୍ଲୀପଶି ଗ୍ରାମ ଅନ୍ୟତମ। ଆନନ୍ଦପୁରରୁ ମୟୂରଭଞ୍ଜ ଜିଲ୍ଲାର ମହୁଲଡ଼ିହା ଦେଇ ୫୦କି.ମି ଗଲେ ଏହି ଗାଁ ପଡିଥାଏ। ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟରୁ ଗ୍ରାମର ଦୂରତା ୪୫କିମି ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଶରତଠାରୁ ଗ୍ରାମର ଦୂରତା ମାତ୍ର ୧୩କିମି। ମଲ୍ଲିପଶି ଗ୍ରାମରେ ୧୮୨ ପରିବାର ବସବାସ କରୁଛନ୍ତି। ସେହି ଗାଁକୁ ଆଜିଯାଏଁ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ଅଦ୍ୟାବଧି ଏହି ଗାଁକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। କୌଣସି ପରିବାରକୁ ପ୍ରଦାନ କରାଯାଇ ନଥିବାରୁ ଲୋକେ ଜମିପଟ୍ଟା ସରକାରୀ ଯୋଜନାରେ ସାମିଲ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ଗ୍ରାମର ପଧାନସାହି ଓ ଜିଆଣିକନ୍ଧା ସାହିରେ ଅଦ୍ୟାବଧି ନଳକୂପଟିଏ ଖୋଳାଯାଇ ନାହିଁ। ଫଳରେ ସାହିର ୩୦ରୁ ଊର୍ଦ୍ଧ୍ୱ ପରିବାର ଚୁଆରୁ ପିଇବାପାଣି ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ୱାର୍ଡ ମେମ୍ବର ସୁଶାନ୍ତ ନାଏକ କହିଛନ୍ତି, ପାନୀୟଜଳ ସମସ୍ୟା ସମ୍ପର୍କରେ



ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଗ୍ରାମରେ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କ ପାଦ ପଡୁନି। ତୁରନ୍ତ ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ସାହିବାସୀ ଦାବି କରିଛନ୍ତି।

### ଶୁଖିବାକୁ ବସିଲାଣି ଗଙ୍ଗାହାର ଓ ବୁଢ଼ାବଲଙ୍ଗ ନଦୀ

# ଖସୁଛି ଜଳସ୍ତର; ନଳକୂପରୁ ବାହାରୁନି ପର୍ଯ୍ୟାପ୍ତ ପାଣି

ବଡ଼ସାହି, ୨୮।୪(ସମିସ)




ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ସୃଷ୍ଟି ଆରମ୍ଭ ପାଇଁ ଜଳର ଆବଶ୍ୟକତା ଯେତିକି, ସୃଷ୍ଟିର ବିନାଶ ପାଇଁ ମଧ୍ୟ ଜଳ ହିଁ କାରଣ ସାଜିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଗୋଟିଏ ପଟେ ଜଳସ୍ତର ହ୍ରାସକୁ ରୋକାଯାଇ ପାରୁ ନ ଥିବାବେଳେ ଅନ୍ୟପଟେ ବର୍ଷା ଓ ବନ୍ୟାର ଉଦ୍‌ବୃତ୍ତ ଜଳକୁ ବହୁ ଚେଷ୍ଟା ପରେ ମଧ୍ୟ ସଠିକ୍ ଭାବେ ନିୟନ୍ତ୍ରଣ କିମ୍ବା ସଂରକ୍ଷଣ କରାଯାଇପାରୁନାହିଁ। ବୃକ୍ଷଲତା, ପଶୁପକ୍ଷୀ, ଜୀବଜନ୍ତୁ ଓ ମଣିଷର ଶୋଷ ମେଣ୍ଟାଉଥିବା ଜଳ ଆଜି ସଂକଟରେ କହିଲେ ଅତ୍ୟୁକ୍ତି ହେବ ନାହିଁ। ପିଇବା ପାଣି ସଙ୍କଟରୁ ବର୍ତ୍ତିବା ପରିବର୍ତ୍ତେ ମଣିଷ, ସମାଜ, ଦେଶ ଦେଶ ଓ ରାଜ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ଓ ବ୍ୟବସାୟ ଆରମ୍ଭ ହୋଇ କୋର୍ଟ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଛି। ମହାନଦୀ ବିବାଦ ମଧ୍ୟ ଆଜି ପର୍ଯ୍ୟନ୍ତ ତୁଟିପାରୁନାହିଁ। ତେଣୁ ଆଗାମୀ ଦିନରେ ଜଳର ଆବଶ୍ୟକତା, ବ୍ୟବହାର ଓ ସଂରକ୍ଷଣ, କଟକଣା ସମ୍ପର୍କରେ ଜନସଚେତନତା ସୃଷ୍ଟି ନ ହେଲେ ଆଗାମୀ ଦିନରେ ଜଳ ସଂକଟ ଭୟାବହ ପରିସ୍ଥିତି ସୃଷ୍ଟି କରିବ। ସରକାର ଏଥିପାଇଁ ବିଭିନ୍ନ ଯୋଜନା ପ୍ରଣୟନ କଲେ ମଧ୍ୟ ତାହା ସଫଳ ହୋଇପାରୁନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାବେଳେ ଗଙ୍ଗାହାର, ବୁଢ଼ାବଲଙ୍ଗ ନଦୀ ଶୁଖିବାକୁ ବସିଲାଣି। ଫଳରେ ବଡ଼ସାହି ବ୍ଲକ ଅଞ୍ଚଳରେ ଜଳସ୍ତର ହ୍ରାସ ପାଉଛି। ଲୋକେ ପିଇବା ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ, ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ବଡ଼ସାହି ବ୍ଲକରେ ୩୦ଟି ପଞ୍ଚାୟତର ୨୨୪ଟି ରାଜସ୍ୱ ଗ୍ରାମ ରହିଛି। ଏହାର ଭୌଗୋଳିକ ସ୍ଥିତି ମଧ୍ୟ ବିଚିତ୍ର। ଅଧିକାଂଶ ପଞ୍ଚାୟତ ବଣ, ପାହାଡ଼ ଘେରା ଶିମିଳିପାଳ ସଂଲଗ୍ନରେଅବସ୍ଥିତ।ଯେଉଁଠି ଖରାଦିନ ଆରମ୍ଭ ହେବା ମାତ୍ରେ ପାଣି ପାଇଁ ହାହାକାର ସୃଷ୍ଟି ହୁଏ। ଗୁଡିଆଲବନ୍ଧ, ଟଙ୍ଗାଶୋଳ, ଯଦୁନାଥପୁର, ପିସିପୁର, ସାନକେରକୋ, ଦେଉଳିଆ, ବଡ଼ସାହି, ବଳଭଦ୍ରପୁର, ଶିଆଳିଘାଟୀ, ପାଉଁଶିଆ ଓ ବିରେଶ୍ୱରପୁର ପଞ୍ଚାୟତରେ ପାଣି ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି ହେଲାଣି। ଏସବୁ ପଞ୍ଚାୟତରେ ଅଧିକାଂଶ କୂଅ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାବେଳେ ନଳକୂଅରୁ ପାଣି ବାହାରୁନାହିଁ। ଯେଉଁ ନଳକୂପରୁ ପାଣି ବାହାରୁଛି, ତାହା ମଧ୍ୟ ଲୁହାଗୁଣ୍ଡ ମିଶା ପାଣି। କିଛି ପଞ୍ଚାୟତରେ ଜଳଯୋଗାଣ ପ୍ରକଳ୍ପ ଥାଇ ମଧ୍ୟ ତାହା ପଞ୍ଚାୟତର ସବୁ ଅଞ୍ଚଳକୁ ପାଣି ଯୋଗାଇପାରୁନାହିଁ। ଫଳରେ ଖରାଦିନ ଆସିଲେ ସେହି ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରମ୍ଭ ହେବାକୁ ଯାଉଥିବା ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା କେତେ ମାତ୍ରାରେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବ, ତାହା ସମୟ କହିବ।

ଏତଦ୍‌ବ୍ୟତୀତ ଏହି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଲଙ୍ଗ ନଦୀ ଶୁଖିବାକୁ ବସିଥିବାବେଳେ ମଣତ୍ରୀ କୁଣ୍ଡି, ରଜାବନ୍ଧ, ପାଉଁଶିଆ ବନ୍ଧ ଓ ମାଧବୀ ନାଳର ଜଳସ୍ତର ବହୁ ମାତ୍ରାରେ କମିଥିବା ଦେଖାଯାଇଛି। ଯାହାକି ଏ ଅଞ୍ଚଳର ଜଳ ସଂକଟ ପରିସ୍ଥିତିକୁ ଦ୍ୱିଗୁଣିତ କରିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ବ୍ଲକ ଅଞ୍ଚଳରେ ଏନ୍‌ଆରଇଜିଏସ୍ ଯୋଜନା ସହସ୍ରାଧିକ ଫାର୍ମପଣ୍ଡ ଖୋଳାଯାଇଛି। ମାତ୍ର କାର୍ଯ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବାରୁ ସେଗୁଡିକ ମାର୍ଚ୍ଚ ମାସରୁ ଶୁଖିଗଲାଣି। ତେଣୁ ଏ ସମସ୍ତ ବିଷୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜଳ ସମସ୍ୟାର ମୁକାବିଲା କରିବା କଷ୍ଟକର ହେବ ବୋଲି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରଣଜିତ ଦାସ ପ୍ରକାଶ କରିଛନ୍ତି। ସେହିପରି ମେଗା ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ହେଉଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଏହା କେବଳ ପାଇପ ବିଛାରେ ସୀମିତ ଅଛି। ଟାଙ୍କି ନିର୍ମାଣ ପୂର୍ବ ସରକାରରେ ଯାହା ଥିଲା ସେଇ ଅବସ୍ଥାରେ ପଡ଼ିରହିଛି। ଫଳରେ ଏହି ଯୋଜନା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବଡ଼ସାହି ବ୍ଲକରେ ୩ ହଜାରରୁ ଊର୍ଦ୍ଧ୍ୱ ନଳକୂପ ରହିଛି। କିଛି ସ୍ଥାନରେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇବାକୁ ପ୍ରସ୍ତାବ ଥିବାବେଳେ ନଳକୂପ ଅଭିଯୋଗ ଆସିବା ମାତ୍ରେ ଆବଶ୍ୟକୀୟ ମରାମତି କାର୍ଯ୍ୟ ମଧ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଉଥିବା ସେ ପ୍ରକାଶ କରିଛନ୍ତି।

### ଖୁଣ୍ଟା ବ୍ଲକରେ ଭୂତଳ ଜଳସ୍ତର ହ୍ରାସ

## ଅଧାରୁ ଅଧିକ ନଳକୂପ ଅଚଳ

**କୁଆମରା, ୨୮।୪ (ସମିସ):** ପ୍ରଚଣ୍ଡ ରୌଦ୍ୟତାପ ଓ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଖୁଣ୍ଟା ବ୍ଲକରେ ଏପ୍ରିଲ ମାସରୁ ଭୂତଳ ଜଳ ସ୍ତର ହ୍ରାସ ପାଇଛି। ଏବେଠାରୁ ଅନେକ ପଞ୍ଚାୟତରେ ଉଦବେଗଜନକ ପରିସ୍ଥିତି ଦେଖାଦେଲାଣି। ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ପ୍ରାୟ ୬୦ ପ୍ରତିଶତ ନଳକୂପ ପର୍ଯ୍ୟାପ୍ତ ପାଣି ଯୋଗାଇପାରୁନାହିଁ। ଫଳରେ ଆଗାମୀ ଦୁଇମାସ ପରିସ୍ଥିତି ଉତ୍କଟ ହେବା ଆଶଙ୍କା ରହିଛି।

ଉକ୍ତ ବ୍ଲକର ୧୪ଟି ପଞ୍ଚାୟତର ମୋଟ ୧୪୦୨ଟି ନଳକୂପ ସ୍ଥାପନ ହୋଇଛି। ତା'ଛଡ଼ା ଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ବସୁଧା ଯୋଜନାରେ ୨୬ଟି ଗ୍ରାମରେ ପାନୀୟଜଳ ଯୋଗାଇ ଦିଆଯାଉଛି। ସେହିପରି ୧୧୯ଟି ସୌରଚାଳିତ ମାଧ୍ୟମରେ ପାନୀୟଜଳ ପାଇ ଲୋକେ ଉପକୃତ ହେଉଛନ୍ତି। ଗତକିଛି ସପ୍ତାହ ତଳେ କାଳବୈଶାଖୀ ପ୍ରଭାବରେ ୪/୫ଟି ସୋଲାର ଅଚଳ ହୋଇପଡ଼ିଥିବା ଜଣାଯାଇଛି। ଅଚଳ ହୋଇ ପଡ଼ିରହିଥିବା ପ୍ରକଳ୍ପ କିମ୍ବା ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ସଜଡ଼ା ହେଉଥିବା ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଭବାନୀ ମହାନ୍ତ କହିଛନ୍ତି।

ତେବେ ଉକ୍ତ ବ୍ଲକ ପାହାଡ଼ିଆ ଓ ପଥୁରିଆ ଅଞ୍ଚଳ ହୋଇଥିବାରୁ ଗ୍ରୀଷ୍ମଋତୁ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଲାଗି ରହିଥାଏ। କିଛିଦିନ ହେବ ଅଧାରୁ ଅଧିକ ନଳକୂପରେ ମଧ୍ୟାହ୍ନ ବେଳକୁ ପର୍ଯ୍ୟାପ୍ତ ପାଣି ଯୋଗାଇପାରୁନାହିଁ। ୫/୭ ବାଲଟି ପାଣି ନେବା ପରେ ଆଉ ନଳକୂପରୁ ପାଣି ବାହାରୁନାହିଁ। ସପ୍ତାହେ ହେବ ଉତ୍ତାପ ୪୦ ଡିଗ୍ରୀ ଉପରେ ରହୁଛି। ଏଣୁ ପାନୀୟଜଳ ସଂଗ୍ରହ ପାଇଁ ସକାଳ ୯ଟା ପର୍ଯ୍ୟନ୍ତ ପ୍ରାୟତଃ ନଳକୂପ ନିକଟରେ ଭିଡ଼ ଦେଖିବାକୁ ମିଳୁଛି। ଯଦି ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହେ, ତେବେ ପାଣି ପାଇଁ ହାହାକାର ପଡ଼ିଯିବ। କେତେକ ସ୍ଥାନରେ ଚାଷ ଜମିରେ ସରକାରଙ୍କ ଯୋଜନାରେ ସେଲ୍‌ଫ ଖୋଳାଯାଇ ଚାଷ ହେଉଥିବାବେଳେ ଏବେ ତାହା ଘୋର ସଙ୍କଟ ଦେଖାଦେଲାଣି। ପାଣି ପାଇଁ ଏକର ଏକର ଜମିରେ ଚାଷ ବାଧାପ୍ରାପ୍ତ ଘଟିବ। ଉକ୍ତ ବ୍ଲକରେ ପାନୀୟଜଳ ସମସ୍ୟା ଦୂର ପାଇଁ ମେଗା ପ୍ରକଳ୍ପ ୨୦୨୨ରୁ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ। କାର୍ଯ୍ୟକ୍ଷମ ହେବାକୁ ପ୍ରାୟ ଆଉ ବର୍ଷେ ଲାଗିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେଣୁ ପାନୀୟଜଳ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

## କାଳବୈଶାଖୀରେ ଭାଙ୍ଗିଲା ହୋର୍ଡିଂ



**ରାଇରଙ୍ଗପୁର, ୨୮।୪(ସମିସ):** ରାଇରଙ୍ଗପୁର ସହରରେ କାଳବୈଶାଖୀ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି। ମହୁଲଡିହାସ୍ଥ ନବନିର୍ମିତ ହୋଲି ଡେ ହୋମ ହୋର୍ଡିଂ ଭାଙ୍ଗିଯାଇଛି। ସନ୍ଧ୍ୟାରେ ଆସିଥିବା କାଳବୈଶାଖୀ ଯୋଗୁଁ ଅନେକ ମାତ୍ରାରେ ପବନ ବୋହିବା ସହ କୁଆପଥର ବର୍ଷା ହୋଇଥିଲା। ଫଳରେ ଏହା ଭାଙ୍ଗିଯାଇଛି। ତେବେ ଭାଗ୍ୟବଶତଃ ତଳକୁ ଖସି ନ ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଲୋ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ଗତ ଫେବୃଆରୀ ମାସରେ ଏହାର ଉଦଘାଟନ ହୋଇଥିଲା। ତୁରନ୍ତ ଏହାର ମରାମତି କାର୍ଯ୍ୟ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

### ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଅଶ୍ଳୀଳ ଫଟୋ ଭାଇରାଲ

## ଥାନାରେ ଅଭିଯୋଗ କଲେ ଯୁବତୀ

**ରାଇରଙ୍ଗପୁର, ୨୮।୪(ସମିସ):** ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଜଣେ ଯୁବତୀଙ୍କ ବିବାହ ନିମନ୍ତେ ଅନଲାଇନ ବିବାହ ଆପ୍ଲିକେସନରେ ଆଇଡି କରିଛନ୍ତି। ବ୍ରହ୍ମପୁର ଜିଲ୍ଲାର ଆସ୍କା ଥାନା ଅଞ୍ଚଳର ଶୁଭଶ୍ରୀ ମହାନ୍ତି ତାଙ୍କ ଭାଇଙ୍କ ବିବାହ ନିମନ୍ତେ ଯୋଗାଯୋଗ କରିଥିଲେ। ତେବେ ତାଙ୍କ ଭାଇ ଜଣେ ସରକାରୀ ଚାକିରିଆ ଓ ଭଦ୍ର ବ୍ୟକ୍ତି ବୋଲି ମିଥ୍ୟା କହି ଘନିଷ୍ଠତା ଯୋଡିଥିଲେ। କିଛିଦିନ ପରେ ଯୁବତୀ ଜଣଙ୍କ ସତ୍ୟାସତ୍ୟ ବାବଦରେ ଜାଣିଥିଲେ। ଯୁବକ ଜଣକ ଜଣେ ପେଶାଦାର ଆସାମୀ ବୋଲି ଜାଣିବାକୁ ପାଇଥିଲେ। ତେଣୁ ବିବାହ କରିବାକୁ ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଯୁବତୀ ଜଣକ ତାଙ୍କୁ ଅନେକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ବିବାହ ପ୍ରସ୍ତାବ ପାଇଁ ଯୁବତୀଙ୍କ ଦିଆଯାଇଥିବା ଫଟୋଗୁଡ଼ିକ ଏଡିଟିଂ କରି ଅଶ୍ଳୀଳ ଫଟୋ ପ୍ରସ୍ତୁତ କରିଥିଲେ। ସେଗୁଡ଼ିକ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ୱାଭିମାନ ଦିବସ

**କୁଆମରା, ୨୮।୪(ସମିସ):** ଗୋପବନ୍ଧୁନଗର ପ୍ରେସ୍ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅପରାହ୍ନ ରେ ଆୟୋଜିତ ସଭାରେ ପ୍ରେସ କ୍ଲବ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ମୁଖ୍ୟବକ୍ତା ଲେଖକ ତଥା ନାଟ୍ୟକାର ମନୋରଞ୍ଜନ ଦାଶ, ସମ୍ମାନିତ ଅତିଥି କୁଆମରା ବନପାଳ ଅବନୀ ଜେନା, ପ୍ରେସ କ୍ଲବର ସମ୍ପାଦକ ଡଃ କୁମାର ବାବୁଲି ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଚିତ୍ତରଞ୍ଜନ ଦଳେଇ ଓ ସହସମ୍ପାଦକ ସୁଶାନ୍ତ କୁମାର ମହୁଆଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ନିକଟରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ଓ ବନପାଳ ଅବନୀ ଜେନାଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଯୋଗେଶ୍ୱର ସାହୁ ଅତିଥି ପରିଚୟ ଓ ସମ୍ବିତ ରାଉତ ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟକାନ୍ତି ପୂହାଣ, ବିଶ୍ୱଜିତ ଦାଶ, ଦୀପକ ଚୌଧୁରୀ, ମାଣିକ ହେମ୍ବ୍ରମ, ଜୟନ୍ତ ସ, ରଞ୍ଜନ ମହୁଆଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଶିକ୍ଷାବିତ୍ ନନ୍ଦକୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୨୮।୪(ସମିସ):** ସ୍ଥାନୀୟ ୩ ନମ୍ବର ୱାର୍ଡରେ ବର୍ଷିୟାନ ଶିକ୍ଷାବିତ୍ ଓ ସମାଜସେବୀ ନନ୍ଦକୁମାର ମହାପାତ୍ରଙ୍କ ୯୦ତମ ଜନ୍ମଦିନରେ ତାଙ୍କ ବାସଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କ ନିସ୍ୱାର୍ଥପର ସେବା ଓ ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏ ଅବସରରେ ତାଙ୍କ ନିରୋଗ ଜୀବନ ଓ ଶତାୟୁ ହେବାର ଶୁଭକାମନା କରାଯାଇଛି। ସେ ଶରତ ଚନ୍ଦ୍ର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଥିଲେ। ଏଥିସହିତ ଶିକ୍ଷାର ବିକାଶ ପାଇଁ ଅନେକଗୁଡିଏ ଅନୁଷ୍ଠାନ ପ୍ରତିଷ୍ଠା ଦିଗରେ ତାଙ୍କ ଯୋଗଦାନ ରହିଛି। ବାରିପଦାରେ ବିଇଡି କଲେଜ ସ୍ଥାପନ, ପ୍ରାକଟିସିଂ ହାଇସ୍କୁଲ, ରଖାଲଗୋପ ହାଇସ୍କୁଲ, ୱାଲିଗଞ୍ଜର ଅରବିନ୍ଦ ସ୍କୁଲ ପ୍ରତିଷ୍ଠା ସହିତ ଅନେକଗୁଡିଏ ଶିକ୍ଷାନୁଷ୍ଠାନ ଗଢି ତୋଳିବାରେ ତାଙ୍କର ଯୋଗଦାନ ରହିଛି। ବାରିପଦା ସହରର ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ ଗଠନ କରି ଏହାର ସଭାପତି ଭାବେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ରାଜ୍ୟ ସମବାୟ ଆନ୍ଦୋଳନର ଜଣେ ଅଗ୍ରଣୀ କର୍ମୀ। ଏହି କାର୍ଯ୍ୟକ୍ରମ ଅବସରରେ ପଟ୍ଟାବିହୀନ ବାସିନ୍ଦା ସଂଘର ସମ୍ପାଦକ କାହ୍ନୁଚରଣ ବେହେରା, ଅଧ୍ୟାପକ ଗୋପବନ୍ଧୁ, ଆଡଭୋକେଟ ରବି ଗୋସ୍ୱାମୀ, ଭାରତୀ ପାତ୍ର, ଶ୍ରୀମତୀ ବସୁନ୍ଧରା, କାଶୀନାଥ ମାହାନା, ନୃସିଂହ ଚରଣ ବାରିକ, ସିନିଗୋଲତା ମାଝୀ ଓ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଶ୍ରୀମତୀ ତାରାମଣୀ ମହାପାତ୍ର, ସମ୍ପାଦକ ଉଜ୍ଜ୍ୱଳ କୁମାର ବେହେରା, ରାମଚନ୍ଦ୍ର ପଣ୍ଡା, ଅନୁପ ଗିରି, ପଙ୍କଜ ମହାନ୍ତି ଓ ନିରଞ୍ଜନ ମହାପାତ୍ର, ମହେଶ୍ୱର ବେହେରା, ଦେବେନ୍ଦ୍ର ପାତ୍ର, ପ୍ରିୟଜିତ ମଦିନା, ପ୍ରଫୁଲ୍ଲ ମହାନ୍ତି, ନିରଞ୍ଜନ ପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଚାଲାଣ ବେଳେ ୧୦ଟି ଗୋରୁ ଉଦ୍ଧାର

**ରାଇରଙ୍ଗପୁର, ୨୮।୪(ସମିସ):** ବାମନଘାଟି ଉପଖଣ୍ଡରେ ବାରମ୍ବାର ବଡ଼ଧରଣ ଚଢ଼ଉ ପ୍ରକ୍ରିୟା ପରେ ମଧ୍ୟ ଗୋଚାଲାଣ ଥମିବାର ନାଁ ନେଉନାହିଁ। ପୁଣି ଆନ୍ତଃରାଜ୍ୟ ଗୋଚାଲାଣ ହେଉଥିବାବେଳେ ରାତିରେ ୧୦ଟି ଗୋରୁ ଉଦ୍ଧାର ହୋଇଛନ୍ତି। ବାଦାମପାହାଡ ଥାନା ପୁଲିସ ଦ୍ୱାରା ପାଟ୍ରୋଲିଂ ଚାଲିଥିବାବେଳେ ଗୋଚାଲାଣ ନେଇ ଖବର ମିଳିଥିଲା। ହାଟବାଦଡାରୁ କୁସୁମୀ ଗ୍ରାମ ପଟକୁ ଗୋରୁଗୁଡିକୁ ଚଲାଇ ନେଉଥିବା ପୁଲିସ ଦେଖିଥିଲା। ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ସେମାନେ ପୁଲିସକୁ ଚକମା ଦେଇ ଚମ୍ପଟ ମାରିଥିଲେ। ପୁଲିସ ସେମାନଙ୍କୁ ଖୋଜି ପାଇବାରେ ବିଫଳ ହୋଇଥିଲା। ୧୦ଟି ଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ବାନ୍ଧିକି ଚଲାଇ ଚଲାଇ ନେଉଥିଲେ। ଟେଣ୍ଟପୋଷି ଗ୍ରାମର ସେକ ଅମଜାଦ ବିଭିନ୍ନ ସ୍ଥାନରୁ ଗୋରୁ ଚୋରି କରି ଗୋତସ୍କରି କରିଥା'ନ୍ତି। ଉକ୍ତ ୧୦ଟି ଗୋରୁକୁ ଝାଡ଼ଖଣ୍ଡ ଚାଲାଣ ନିମନ୍ତେ ନେଉଥିବାର ସନ୍ଦେହ କରାଯାଉଛି। ପୁଲିସ ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଯାଇଛି।

## ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ବିଟେକ କୋର୍ସ ଆରମ୍ଭ

**ବାରିପଦା, ୨୮।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ତଥା ରାଜ୍ୟର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ ତା'ର ଦୀର୍ଘ ୩୨ ବର୍ଷର ଡିପ୍ଲୋମା ଇଞ୍ଜିନିୟରିଂ ଓ + ୨ ବିଜ୍ଞାନ ଗୁଣାତ୍ମକ ଶିକ୍ଷାଦାନ ପରମ୍ପରାକୁ ଆଉ ଗୋଟିଏ ସୋପାନ ଆଗକୁ ନେଇ ଚଳିତ ଶିକ୍ଷାବର୍ଷ ୨୦୨୬-୨୦୨୭ରୁ ନୂତନ ଭାବେ ବିଟେକ ଶିକ୍ଷା ଆରମ୍ଭ କରିବାକୁ ଯାଉଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବ୍ୟକ୍ତ କରିଛନ୍ତି। ପ୍ରଥମ ବର୍ଷ ଏଠାରେ ବିଟେକ ମେକାନିକାଲ ଓ କମ୍ପ୍ୟୁଟର ବିଜ୍ଞାନ ବିଷୟରେ ଉପଲବ୍ଧ ହେବ। ଏହି ଏମଏସଇର ଗୁଣାତ୍ମକ ଶିକ୍ଷା, ଅଭିଜ୍ଞ ଶିକ୍ଷକ, ଉନ୍ନତ ଭିତ୍ତିଭୂମି ଓ ଉଚ୍ଚକୋଟୀର ପ୍ଲେସମେଣ୍ଟ ଆରମ୍ଭରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପ୍ରଥମ ପସନ୍ଦ ରହିଆସିଛି। ଏହି ବିଟେକ ଶିକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିବା ଭିତ୍ତିଭୂମି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ଅନୁମୋଦିତ ହୋଇଛି।

ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷିଠାରେ ସବୁଜ ବଳୟ ଓ ଶାନ୍ତ ପରିବେଶରେ ପ୍ରତିଷ୍ଠିତ ଏହି କଲେଜ ନିଶ୍ଚିତ ଭାବେ ପିଲାମାନଙ୍କୁ ବିଟେକ ପାଠପଢ଼ାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବ। ସ୍ଥାନୀୟ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଉନ୍ନତମାନର ପାଠପଢ଼ା ଓ ପ୍ଲେସମେଣ୍ଟ ପାଇଁ ବାହାରକୁ ଯିବାର ଅବଶ୍ୟକତା ରହିବ ନାହିଁ। ଏହି ୨୦୨୫ -୨୦୨୬ ଶିକ୍ଷାବର୍ଷରେ ଅଦ୍ୟାବିଧ ୧୫ଟି ବହୁରାଷ୍ଟ୍ରୀୟ କମ୍ପାନୀ ଏହି କଲେଜକୁ ଆସି କ୍ୟାମ୍ପସ ଡ୍ରାଇଭ ଜରିଆରେ ପଢୁଥିବା ୨୭୨ ଜଣ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ଚାକିରି ପ୍ରଦାନ କରିଛନ୍ତି। ଏହି କମ୍ପାନୀ ଭିତରୁ ଟାଟା ପ୍ୟାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି, ଜିଇ ଏରୋସ୍ପେସ, ସିଏଟ ଟାୟାର, ୟୋକୋହାମା, ସେକ୍ଟମ ଇଲେକଟ୍ରୋନିକ୍ସ, ଆନନ୍ଦ ଗ୍ରୁପ, ସିଗମା ଇଞ୍ଜିନିୟରିଂ ଇତ୍ୟାଦି। କଲେଜରେ ଥିବା ବୃହତ ଲାଇବ୍ରେରୀ, କ୍ୟାଣ୍ଟିନ, ବିସ୍ତୀର୍ଣ୍ଣ ଖେଳପଡ଼ିଆ, ଛାତ୍ର ଓ ଛାତ୍ରୀ ନିବାସ, ଗମନାଗମନର ସୁବିଧା, ଉନ୍ନତ କମ୍ପ୍ୟୁଟର ଲ୍ୟାବ, ଲାଙ୍ଗୁଏଜ ଲ୍ୟାବ, ହାଇସ୍ପିଡ ଇଣ୍ଟରନେଟ, ସଫ୍ଟ ସ୍କିଲ ଟ୍ରେନିଂ ବ୍ୟବସ୍ଥା ଇତ୍ୟାଦି ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ଜ୍ଞାନ ସହିତ ମାନସିକ ଓ ଶାରୀରିକ ବିକାଶ କରିବାରେ ସାହାଯ୍ୟ କରିବ। ଉତ୍ତମ ବ୍ୟକ୍ତିତ୍ୱ ଓ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବ ବୋଲି ଅନୁଷ୍ଠାନ ପରିଚାଳନା ସମିତିର ଇଂ ଧରମବୀର ବୁଗୁଡେଇ ଓ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରକାଶ କରିଛନ୍ତି।

## ଏମ୍‌ସିଏଏମ୍‌ରେ ମଧୁସୂଦନଙ୍କ ଜୟନ୍ତୀ




**ବାରିପଦା, ୨୮।୪(ସମିସ):** ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ବିଏଏଲଏଲବି ବିଭାଗ ପକ୍ଷରୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମଧୁସୂଦନ ଦାସ ଓଡ଼ିଶାର ସ୍ୱାଭିମାନ, ଶିକ୍ଷା ଓ ନ୍ୟାୟବ୍ୟବସ୍ଥାର ଏକ ଉଜ୍ଜ୍ୱଳ ପ୍ରତୀକ ଥିଲେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଯୋଗଦେଇ କହିଥିଲେ, ମଧୁସୂଦନ ଦାସ ଓଡ଼ିଶାରେ ଆଇନ ଶିକ୍ଷା ଓ ସାମାଜିକ ସଚେତନତାର ଭିତ୍ତି ସ୍ଥାପନ କରିଥିଲେ। ଆଇନ ପେଶା କେବଳ ଜୀବିକା ନୁହେଁ, ଏହା ସମାଜ ସେବାର ଏକ ମହାନ ମାଧ୍ୟମ ହେବା ଉଚିତ ଓ ଟିମ ଇଣ୍ଡିଆରେ ନିଜକୁ ସାମିଲ ନ କରି ଡ୍ରିମ ଇଣ୍ଡିଆରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣରେ ମଧୁସୂଦନ ଆଇନ ମହାବିଦ୍ୟାଳୟ ଆଇନ ଶିକ୍ଷାକୁ ନୂତନ ଦିଗ ଦେଇଛି ଓ ଭବିଷ୍ୟତରେ ଦକ୍ଷ ଆଇନଜୀବୀ ଗଢ଼ି ତୋଳିବାରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବିତ କୁମାର ମିଶ୍ର, ରୂପମଞ୍ଜରୀ ବେହେରା, ପ୍ରତିଭା ଦାସ, କବିତା ସାହୁ, ସିରାମ ଟୁଡୁ, ଲକ୍ଷ୍ମୀ ଚାପିଆର, ଦୀପାଞ୍ଜଳି ପାତ୍ର ପ୍ରମୁଖ ମଧୁସୂଦନ ଦାସଙ୍କ ଜୀବନୀ, ତାଙ୍କ ଦୂରଦର୍ଶିତା, ନ୍ୟାୟପ୍ରତି ଅତୁଟ ଆସ୍ଥା ଓ ଓଡ଼ିଶା ଗଠନରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୋଜକ ଡ ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟ ମହିଳା କମିସନଙ୍କ ଶିବିର ଅଦାଲତ

## ୮ଟି ମାମଲାର ଶୁଣାଣି, ୪ ନୂଆ ମାମଲା ପଞ୍ଜିକୃତ




**ବାରିପଦା, ୨୮।୪(ସମିସ):** ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ରାଜ୍ୟ ମହିଳା କମିସନ ଶିବିର ଅଦାଲତ ବାରିପଦାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରାଜ୍ୟ ମହିଳା କମିସନର ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ମହିଳାଙ୍କ ଉପରେ ହେଉଥିବା ହିଂସା, ନିର୍ଯାତନା, ଶୋଷଣ ପରି ସଙ୍ଗୀନ ମାମଲାର ତ୍ୱରିତ ସମାଧାନ ପାଇଁ ବିଭିନ୍ନ ଆବେଦନର ଶୁଣାଣି କରିଛନ୍ତି। ପୂର୍ବରୁ ୯ଟି ମାମଲା ତାଲିକାଭୁକ୍ତ ହୋଇଥିଲା। ସେଥିମଧ୍ୟରୁ କେବଳ ୮ଟି ମାମଲାର ସମ୍ବୋଧିତ ଆବେଦନକାରୀ ଉପସ୍ଥିତ ଥିବାରୁ ତାହାକୁ ହିଁ ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଶୁଣାଣି କରିଛନ୍ତି। ତହିଁରୁ ୫ଟି ମାମଲାର ଶୁଣାଣି ପାଇଁ ପୁଣିଥରେ ପକ୍ଷଭୁକ୍ତଙ୍କୁ ଆଗାମୀ ଶୁଣାଣି ପାଇଁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ ୪ଟି ନୂଆ ମାମଲା ମଧ୍ୟ ପଞ୍ଜିକୃତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିସନର ସଭ୍ୟା ପ୍ରତିଭା ମହାନ୍ତି, ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରୀକା ମହାନ୍ତି, ସମାଜ କଲ୍ୟାଣ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ମହିଳା ସଶକ୍ତୀକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ସୀମନ୍ତ ଦିଗାର ଓ ମହିଳା ସଶକ୍ତୀକରଣ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବାମନଘାଟି ଉପଖଣ୍ଡରେ ଥମୁନି ଗୋ-ଚାଲାଣ

## ଏବେବି ସକ୍ରିୟ ଅଛନ୍ତି ଗୋଚାଲାଣକାରୀ

ରାଇରଙ୍ଗପୁର, ୨୮।୪ (ସମିସ)

**ଗିରଫ ହେଉଛନ୍ତି ତଳତଳିଆ, ଖସିଯାଉଛନ୍ତି ମାଫିଆ**

ବାମନଘାଟି ଉପଖଣ୍ଡରେ ଗୋଚାଲାଣ ଥମିବାରେ ନାଁ ନେଉନାହିଁ। ଏବେବି ଗୋଚାଲାଣକାରୀ ସକ୍ରିୟ ରହିଥିବାବେଳେ ରୋକିବାରେ ରାଜ୍ୟ ସରକାର ସମେତ ପ୍ରଶାସନ ବିଫଳ ରହିଛନ୍ତି। ଗତ ଜାନୁଆରୀ ଓ ମାର୍ଚ୍ଚ ମାସରେ ପୁଲିସ ପକ୍ଷରୁ ଚଢ଼ଉ ସତ୍ତ୍ୱେ ଗୋ ତସ୍କରୀ ଜାରି ରହିଛି। ଗୋଚାଲାଣକାରୀ ନିୟମିତ ବ୍ୟବଧାନରେ ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳକୁ ଗୋ-ଚାଲାଣ ଜାରି ରଖିଛନ୍ତି। ଗୋ-ମାତାଙ୍କୁ ହିନ୍ଦୁ ସମାଜ ପୂଜା କରୁଥିବାବେଳେ ଅର୍ଥ ଲାଳସାରେ ଲୋକେ କଂସେଇଖାନାକୁ ପଠାଇ ଦେଉଛନ୍ତି। ପ୍ରତ୍ୟେକ ଦିନ ଗୋଚାଲାଣ ହେଉଥିବାବେଳେ ମଝିରେ ମଝିରେ ପୁଲିସ ପକ୍ଷରୁ ରାତିଅଧିଆ ଚଢ଼ଉ କରାଯାଇ ଗୋରୁ ଉଦ୍ଧାର ହେଉଛନ୍ତି। କିନ୍ତୁ ଉକ୍ତ ଘଟଣାରେ ତଳତଳିଆଙ୍କୁ ପୁଲିସ ଗିରଫ କରୁଥିବାବେଳେ ଗୋଚାଲାଣର ମାଷ୍ଟର ମାଇଣ୍ଡ ମାଫିଆ ଖସିଯାଉଛନ୍ତି। ଫଳରେ ଗୋ-ତସ୍କରୀ କମିବା ବଦଳରେ ନିୟମିତ ଭାବେ ଜାରି ରହିଛି।

ରାଜ୍ୟର ବିଜେପି ସରକାର ଗୋ-ଚାଲାଣ ରୋକିବା ପାଇଁ କୌଣସି କଡ଼ା ପଦକ୍ଷେପ କିମ୍ବା ଆଇନ ପ୍ରଣୟନ କରିପାରି ନ ଥିବାବେଳେ ଗୋ-ଚାଲାଣକାରୀ ସକ୍ରିୟ ହେଉଛନ୍ତି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିବା ନିହାତି ଆବଶ୍ୟକ ଅଟେ। ବାମନଘାଟି ଉପଖଣ୍ଡ ଅଞ୍ଚଳର ଦୁନ୍ଦୁ, ଟେଣ୍ଟପୋଷି, ଦେଓଗାଁ, ବିଞ୍ଜୁଆ ଓ ଅନ୍ୟ ବହୁ ଗ୍ରାମରୁ ପ୍ରତ୍ୟେକ ଦିନ ଗାଡ଼ିରେ ବହୁ ପରିମାଣରେ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ବେଆଇନ ଭାବେ ଗୋଚାଲାଣ ହେଉଛି। ସୀମାନ୍ତବର୍ତ୍ତୀ ଥାନାରେ ନାକା ଯାଞ୍ଚ ହେବା ସତ୍ତ୍ୱେ ଗାଡ଼ିଗୁଡ଼ିକ ଖସି ପଳାଉଛନ୍ତି। ଗୋ ମାଂସ ଓ ଗୋ ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଉପରୋକ୍ତ ଗ୍ରାମରେ ନିୟମିତ ଚଢ଼ଉ କରିବା ଆବଶ୍ୟକ ଅଟେ। ଏଥିସହିତ ଦୁର୍ବୃତ୍ତମାନେ ଅନେକ ସ୍ଥାନରୁ ଗୋରୁ ଚୋରି କରି ଅତି ଅମାନବୀୟ ଭାବେ ଗାଡ଼ିରେ ବାନ୍ଧି ଗୋ ତସ୍କରୀ କରୁଛନ୍ତି। କିଛି ଦିନ ପୂର୍ବରୁ ପୁଲିସ ଚଢ଼ଉ ସମୟରେ ତିରିଂ ଓ ହାଟବାଦଡା ଅଞ୍ଚଳରୁ ଅନେକ ଗୋରୁ ଚଲାଇ ଚଲାଇ ଝାଡ଼ଖଣ୍ଡ ନେଉଥିବାବେଳେ ତାହାକୁ ଉଦ୍ଧାର କରିଥିଲା। ଉକ୍ତ ଦୁଇଟି ଘଟଣାରେ ଅନେକ ଲୋକଙ୍କୁ ଗିରଫ ମଧ୍ୟ କରାଯାଇଥିଲା। କିନ୍ତୁ ସେମାନେ ମାଫିଆଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା ଶ୍ରମିକ ଶ୍ରେଣୀର ଅଟନ୍ତି। ପେଟ ପୋଷିବା ପାଇଁ ମାଲିକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରୁଛନ୍ତି। କିନ୍ତୁ ପୁଲିସ ମାଷ୍ଟରମାଇଣ୍ଡ ମାଲିକଙ୍କୁ ଗିରଫ କରୁନାହିଁ। ଫଳରେ ବିନା ବାଧାରେ ସକ୍ରିୟ ଭାବେ ଗୋ-ତସ୍କରୀ ଜାରି ରହିଛି। ଏଭଳି ଘୃଣ୍ୟ କାର୍ଯ୍ୟକୁ ରୋକିବା ପାଇଁ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ସକାଳ
THE SAKALA

# ସମ୍ପାଦକୀୟ



ବିଜ୍ଞାନ ହିଁ ମାନବ ସଭ୍ୟତାକୁ କ୍ଷୁଧା ଓ ବ୍ୟାଧିରୁ ମୁକ୍ତି ଦେବ। ଫଳରେ ବିଶ୍ୱରୁ ଅଶାନ୍ତି ଆପେଆପେ ଦୂର ହୋଇଯିବ।
-ଷ୍ଟିଫେନ୍ ହକିଂ

## ଏ ସନ କୃଷିସଙ୍କଟ ସ୍ପଷ୍ଟ

ଚଳିତ ବର୍ଷ 'ଏଲ୍ ନିନୋ'ର ବର୍ଷ ହେଉଥିବାରୁ ମୌସୁମୀ ଅସ୍ୱାଭାବିକ ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଯଦି ଏହି ପୂର୍ବାନୁମାନ ସତ ହୁଏ ତେବେ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ ଆମ ଦେଶର ଅଧିକାଂଶ କୃଷିକ୍ଷେତ୍ର ଚଳିତ ବର୍ଷ ପ୍ରଭାବିତ ହେବା ନିଶ୍ଚିତ। କିନ୍ତୁ ଏତିକିରେ ଯଦି କୃଷି ପାଇଁ ଆସନ୍ନ ସଙ୍କଟ ସୀମିତ ଥା'ନ୍ତା ତେବେ ସେତେ ଅଧିକ ଚିନ୍ତାଜନକ ହୁଅନ୍ତା ନାହିଁ। କାରଣ ଭାରତର କୃଷି ଓ କୃଷକ ଅସ୍ୱାଭାବିକ ମୌସୁମୀ, ବନ୍ୟା ଓ ମରୁଡ଼ି ସହିତ ପିଢ଼ି ପରେ ପିଢ଼ି ମୁକାବିଲା କରି ଆସୁଛନ୍ତି। କିନ୍ତୁ ଏଥର ଏହି ପାରମ୍ପରିକ ସଙ୍କଟ ସହିତ ଯୋଡ଼ି ହୋଇଯାଇଥିବା ଇନ୍ଧନ ଓ ସାର ସଙ୍କଟ କୃଷକ ଓ ନୀତି ନିର୍ଦ୍ଧାରକଙ୍କ ପାଇଁ ଅଧିକ ଜଟିଳ ଆହ୍ୱାନ ସୃଷ୍ଟି କରିଛି।

ଭାରତ ଭଳି କୃଷିପ୍ରଧାନ ଦେଶ ଏ ପର୍ଯ୍ୟନ୍ତ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ। ଅପରପକ୍ଷରେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍ଓପିର ୧୦୦% ଆମଦାନୀ ଉପରେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତର ଡିଏପି ଓ ୟୁରିଆ ଆମଦାନୀ ପ୍ରାୟ ୨୫% ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଚୀନ୍ ମଧ୍ୟ ଭାରତକୁ ସାର ରପ୍ତାନୀ କାଣ୍ଟଛାଣ୍ଟ କରିଛି। ଏହିସବୁ କାରଣ ସହିତ ଭାରତର ଅସ୍ଥିମଜ୍ଜାଗତ ପରମ୍ପରା କଳାବଜାରୀ ମିଶିଗଲେ ଆଗକୁ ସାର ସଙ୍କଟ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ। ଇଫ୍କୋ, ଆରସିଏଫ୍ ଓ ଏନ୍ଏଫ୍ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖିଛନ୍ତି ତାହା କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ସାର ସଙ୍କଟର ପ୍ରତ୍ୟକ୍ଷ ପ୍ରଭାବ ଦେଶର ଖାଦ୍ୟ ଉତ୍ପାଦନ ଓ ମୁଦ୍ରାସ୍ଫୀତି ଉପରେ ପଡ଼ିବା ଅନିବାର୍ଯ୍ୟ।

ଅସ୍ୱାଭାବିକ ଜଳବାୟୁ ଓ ଅନିଶ୍ଚିତ ସାର ଯୋଗାଣ ଜନିତ ସମସ୍ୟାକୁ ବାଦ୍ ଦେଲେ ଭାରତୀୟ କୃଷି ଆଗରେ ଇନ୍ଧନ ସଙ୍କଟ ଚଳିତ ରବି ଋତୁରେ ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିବାକୁ ଯାଉଛି। କାଁ ଭାଁ କେଉଁଠି କେମିତି ହାତଗଣତି ଅଞ୍ଚଳକୁ ଛାଡ଼ିଦେଲେ ପାରମ୍ପରିକ ବଳଦ ଓ ମାନବ ଶକ୍ତି ଚାଳିତ ହଳଲଙ୍ଗଳ ଚାଷ ଭାରତରେ ଆଉ ଦେଖିବାକୁ ମିଳୁନାହିଁ। ବଳଦ ଓ ହଳଲଙ୍ଗଳର ସ୍ଥାନ ନେଇଛି କଳଲଙ୍ଗଳ ଓ ଟ୍ରାକ୍ଟର। ଭାରତ ସ୍ୱାଧୀନତା ପାଇବା ସମୟରେ ସମଗ୍ର ଦେଶରେ ମାତ୍ର ୫ ହଜାର ଟ୍ରାକ୍ଟର ଥିବା ବେଳେ ସମ୍ପ୍ରତି ବାର୍ଷିକ ୧୦.୯୨ ପ୍ରତିଶତ ବା ୯.୭୯ ଲକ୍ଷ ହାରରେ ବୃଦ୍ଧି ପାଇ ଆନୁମାନିକ ୯୦ ଲକ୍ଷରେ ପହଞ୍ଚିଛି।। ଟ୍ରାକ୍ଟର ବ୍ୟବହାରରେ ଭାରତ ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ସେହିପରି ସ୍ୱାଧୀନତା ସମୟରେ ଭାରତରେ ସାମଗ୍ରିକ ଭାବେ ବ୍ୟବହୃତ ରସାୟନିକ ସାର ପରିମାଣ ୬୯, ୮୦୦ ଟନ୍ ଥିବା ବେଳେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ବାର୍ଷିକ ୩ କୋଟି ୨୯ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି।

ଏହାଛଡ଼ା ବିଭିନ୍ନ ଯାନ୍ତ୍ରିକ କୃଷି ଉପକରଣ, ଜଳସେଚନ ପାଇଁ ମୋଟର, କୃଷିଜାତ ଦ୍ରବ୍ୟର ପରିବହନ ପାଇଁ ଆଧୁନିକ ଯନ୍ତ୍ରାଂଶ, ମୋଟରଗାଡ଼ି ଉପରେ ନିର୍ଭରଶୀଳତା ବଢ଼ିବା ସହିତ ଜୀବାଶ୍ମ ଇନ୍ଧନର ବ୍ୟବହାର ଓ ଚାହିଦା ବଢ଼ିଛି। 'ଆଇସିଏଆର'ର ଏକ ଆକଳନ ଅନୁଯାୟୀ ଗତ କୃଷି ବର୍ଷରେ କୃଷି କ୍ଷେତ୍ରରେ ବ୍ୟବହୃତ ମୋଟ ଶକ୍ତି ଚାହିଦାର ୧୨.୮ ନିୟୁତ(୨.୩ ପ୍ରତିଶତ) କିଲୋୱାଟ୍ ମଣିଷ ଓ ପଶୁଚାଳିତ ଉପକରଣ ଉତ୍ସରୁ ପୂରଣ ହୋଇଥିବା ବେଳେ ୫୫୦.୮ ନିୟୁତ କିଲୋୱାଟ୍ ଯାନ୍ତ୍ରିକ ଓ ବିଦ୍ୟୁତ ଚାଳିତ ଉପକରଣ ଦ୍ୱାରା ଭରଣା ହୋଇଥିଲା। ଗୋଟିଏ ୫୦ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଘଣ୍ଟାପ୍ରତି ହାରାହାରି ୬/୭ ଲିଟର ଡିଜେଲ୍ ଆବଶ୍ୟକ କରେ। ଏହି ଆଧାରରେ ୯୦ ଲକ୍ଷ ଟ୍ରାକ୍ଟର ପାଇଁ କେତେ ଜୀବାଶ୍ମ ଇନ୍ଧନ ଆବଶ୍ୟକ ଅନୁମେୟ। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇନ୍ଧନ ପରିବହନର ଜୀବନରେଖା ଭାବେ ପରିଚିତ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଅବରୋଧ ହୋଇଥିବାରୁ ସାରା ବିଶ୍ୱରେ ଶକ୍ତିସଙ୍କଟ ସୃଷ୍ଟି ହୋଇଛି ଏବଂ ମୋଟ ଚାହିଦାର ୮୦% ଆମଦାନୀ ଉପରେ ନିର୍ଭରଶୀଳ ଭାରତ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଆନ୍ତର୍ଜାତିକ ବଜାରରେ ବ୍ୟାରେଲ୍ ପିଛା ୧ ଡଲାର ବୃଦ୍ଧି ହେଲେ ଭାରତ ଉପରେ ପ୍ରାୟ ୨୦୦ କୋଟି ଟଙ୍କାର ଆର୍ଥିକ ବୋଝ ସୃଷ୍ଟି ହେଉଛି। ସାର ଉତ୍ପାଦନ ପାଇଁ ଏଲ୍‌ପିଜି ଓ ଅନ୍ୟ ଜୀବାଶ୍ମ ଇନ୍ଧନର ୫୦% ଆମଦାନୀ ଉପରେ ନିର୍ଭରଶୀଳ। ତେଣୁ ଉତ୍ପାଦନ ହେଉ ଅବା ଆମଦାନୀ ଆଗାମୀ ଦିନରେ ସାର ଯୋଗାଣ ସଙ୍କଟ ସହିତ ବଜାର ମୂଲ୍ୟ ଉତ୍କଟ ହେବା ନିଶ୍ଚିତ।

ବର୍ତ୍ତମାନ ଆଉ ପଶୁଚାଳିତ କୃଷିକୁ ଫେରିବାର ବିକଳ୍ପ କିମ୍ବା ସୁଯୋଗ ନାହିଁ। ଇତିମଧ୍ୟରେ ଜନସଂଖ୍ୟା ଓ କୃଷି ଉତ୍ପାଦନ ପରିମାଣ ବୃଦ୍ଧି ପାଉଥିବା ବେଳେ ବଳଦ ଓ ପୋତୁଅଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ୧୯୭୨ରେ କୃଷି କ୍ଷେତ୍ରରେ ନିୟୋଜିତ ପଶୁ ସମ୍ବଳ ବା ସଂଖ୍ୟା ୮୦.୮ ନିୟୁତରୁ ୨୦୧୯ ସୁଦ୍ଧା ୩୪.୮ ନିୟୁତକୁ ହ୍ରାସ ପାଇଛି। ତେଣୁ ଆଗାମୀ ଦିନରେ କୃଷି ସହିତ ପ୍ରତ୍ୟକ୍ଷ(ଯାନ୍ତ୍ରିକ କୃଷି) ଏବଂ ପରୋକ୍ଷ(ସାର) ଭାବେ ଜଡ଼ିତ ଇନ୍ଧନ ମହଙ୍ଗା ହେବା ସହିତ କୃଷି ଉତ୍ପାଦନ ଖର୍ଚ୍ଚ ନିୟନ୍ତ୍ରଣହୀନ ହୋଇଯିବ। ଏହା ମୁଦ୍ରାସ୍ଫୀତି ବୃଦ୍ଧି କରି ନିବେଶ ଓ ଅଭିବୃଦ୍ଧିକୁ ନିମ୍ନମୁଖୀ କରିବ। କୃଷି ସଙ୍କଟକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ମଧ୍ୟ ଆଉ ଅଧିକ ରିହାତି ଦେବା ସ୍ଥିତିରେ ନାହାନ୍ତି। ଭୋଟ ରାଜନୀତିରେ ଫ୍ରିବିଜ୍ ବା ମାଗଣା ଯୋଜନାକୁ ଚାଲୁ ରଖିବା ପାଇଁ ଋଣ ଉପରେ ନିର୍ଭରଶୀଳ ରାଜ୍ୟ ସରକାରମାନଙ୍କର ମୋଟ ଋଣ ପରିମାଣ ୨୮ ଲକ୍ଷ କୋଟି ଟଙ୍କା ଟପିଲାଣି। ତେଣୁ ସେମାନେ କେତେଦୂର ଇନ୍ଧନ ସଙ୍କଟ ଜନିତ ବର୍ଦ୍ଧିତ କୃଷି ଖର୍ଚ୍ଚକୁ ଭରଣା କରିପାରିବେ ତାହା ସନ୍ଦେହରେ। ସର୍ବଶେଷରେ କୃଷି ସଙ୍କଟରେ ସର୍ବାଧିକ ପୀଡ଼ିତ ହେବେ ଦେଶର ବିଶାଳ ଖାଉଟି ବର୍ଗ।

## ଅସ୍ତିତ୍ୱର ଆକାଶ ଓ ଅଧିକାରର ପୃଥିବୀ

ବିଶ୍ୱନାଥ ପାଢ଼ୀ

ସୃଷ୍ଟିର କାନଭାସରେ ଥିବା ଅସଂଖ୍ୟ ବର୍ଣ୍ଣର ସମାହାରରେ ଏହି ଜଗତ ସୁନ୍ଦର। ସେହିପରି ପ୍ରକୃତିର କିଛି ସନ୍ତାନ କେବଳ ପୁରୁଷ ବା ନାରୀର ସୀମିତ ପରିଭାଷା ମଧ୍ୟରେ ଆବଦ୍ଧ ନୁହନ୍ତି; ସେମାନେ ଇନ୍ଦ୍ରଧନୁର ସେହି ଅଦୃଶ୍ୟ ରଙ୍ଗ, ଯାହାକୁ ସମାଜ ବହୁ ବର୍ଷ ଧରି ଗ୍ରହଣ କରିବାକୁ କୁଣ୍ଠାବୋଧ କରିଆସିଛି। ତେବେ ସମୟ ବଦଳିଛି। ସେମାନଙ୍କ ଅସ୍ତିତ୍ୱର ଅନ୍ଧକାରକୁ ଚିରି ଏବେ ଆଇନର ଆଲୋକ ପ୍ରବେଶ କରିଛି।

ତୃତୀୟ ଲିଙ୍ଗୀ ସଂପ୍ରଦାୟ ପାଇଁ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ହେଉଛି ସଂସଦର ଉଭୟ ସଦନରେ ପାରିତ ହୋଇଥିବା 'ତୃତୀୟଲିଙ୍ଗୀ ବ୍ୟକ୍ତି (ଅଧିକାର ସୁରକ୍ଷା) ସଂଶୋଧନ ବିଲ୍- ୨୦୨୬'। ଏହି ବିଲ୍ ୨୦୧୯ ଅଧିନିୟମରେ କେତେକ ପରିବର୍ତ୍ତନ ଆଣିଛି, ଯାହାକୁ ନେଇ ସାରା ଦେଶରେ ବିବାଦ ଦେଖାଦେଇଛି। ତୃତୀୟ ଲିଙ୍ଗୀ ସଂପ୍ରଦାୟମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଏହି ବିଲ୍‌ର ସବୁଠାରୁ ବିବାଦୀୟ ଦିଗ ହେଉଛି ଚିକିତ୍ସା ଆଧାରିତ ପରିଚୟ ନିଶ୍ଚିତକରଣ(ମେଡିକାଲାଇଜେସନ୍ ଅଫ୍ ଆଇଡେଣ୍ଟିଟି)। ୨୦୧୯ ଅଧିନିୟମ ଅନୁସାରେ ଜଣେ ବ୍ୟକ୍ତି ନିଜକୁ କେଉଁ ଲିଙ୍ଗର ବୋଲି ମନେ କରୁଛନ୍ତି, ତାହା ସେ ସ୍ୱ-ଘୋଷଣା କରିବାର ଅଧିକାର ଥିଲା। କିନ୍ତୁ ୨୦୨୬ ସଂଶୋଧିତ ଅଧିନିୟମରେ ଏହାକୁ ହଟାଇ ଦିଆଯାଇଛି। ବର୍ତ୍ତମାନ କୌଣସି ବ୍ୟକ୍ତିଙ୍କୁ ତୃତୀୟ ଲିଙ୍ଗୀ ବା କିନ୍ନର ଭାବେ ପରିଚୟପତ୍ର ପାଇବାକୁ ହେଲେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଆବେଦନ କରିବାକୁ ହେବ ଏବଂ ଏକ ଡାକ୍ତରୀ ବୋର୍ଡର ଯାଞ୍ଚ ପରେ ହିଁ ଜିଲ୍ଲା ମାଜିଷ୍ଟ୍ରେଟ୍ ପରିଚୟପତ୍ର ପ୍ରଦାନ କରିବେ। ଏହି ସଂଶୋଧିତ ଅଧିନିୟମରେ କିନ୍ନରମାନଙ୍କୁ କେବଳ 'ଜୈବିକ କାରଣ' ଆଧାରରେ ଚିହ୍ନଟ କରାଯିବ। ଏହାକୁ ନେଇ କିନ୍ନର ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହା ବ୍ୟକ୍ତିଗତ ଗୋପନୀୟତା ଓ ସମ୍ମାନର ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି।

ସବୁଠାରୁ ଉଦବେଗଜନକ ବିଷୟ ହେଉଛି, ୨୦୧୯ ଅଧିନିୟମର ବ୍ୟାପକ ସ୍ୱ-ପରିଚୟ ଭିତ୍ତିକ ସଂଜ୍ଞାକୁ ହଟାଇ ୨୦୨୬ ସଂଶୋଧିତ ଅଧିନିୟମ ଏକ ସଂକୀର୍ଣ୍ଣ ତଥା ତାଲିକାଭୁକ୍ତ ବର୍ଗୀକରଣକୁ ଆପଣାଇଛି। ଏଥିରେ କିନ୍ନର, ହିଜଡ଼ା, ଆରାଭାନି, ଇଣ୍ଟରସେକ୍ସ ଭଳି ସାମାଜିକ-ସାଂସ୍କୃତିକ ପରିଚୟକୁ ଗୁରୁତ୍ୱ ଦିଆଯାଇଥିଲେ ହେଁ ପୂର୍ବରୁ ଥିବା ଟ୍ରାନ୍ସ-ମ୍ୟାନ୍, ଟ୍ରାନ୍ସ-ଓମ୍ୟାନ୍ ଓ ଜେଣ୍ଡରକ୍ୱିଅର୍ ବର୍ଗକୁ ବାଦ୍ ଦିଆଯାଇଛି, ଯାହା ସମୁଦାୟର ଏକ ବଡ଼ ଅଂଶକୁ ଆଇନଗତ ସୁରକ୍ଷାରୁ ବଞ୍ଚିତ କରିବାର ଆଶଙ୍କା ସୃଷ୍ଟି କରିଛି। ତେବେ ଏହି ବିଲ୍‌ରେ କିଛି କଠୋର ଦଣ୍ଡବିଧାନ ମଧ୍ୟ ରହିଛି। ଶିଶୁ ବା ବୟସ୍କଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତି, ଦାସତ୍ୱ ବା ଟ୍ରାନ୍ସଜେଣ୍ଡର ପରିଚୟ ଗ୍ରହଣ କରିବାକୁ ବାଧ କଲେ ଆଜୀବନ କାରାଦଣ୍ଡ ଓ ଲକ୍ଷାଧିକ ଟଙ୍କାର ଜୋରିମାନାର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ମତରେ ଏହା ଜାଲିଆତି ରୋକିବା ଓ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ।

ସୂଚନାଯୋଗ୍ୟ ଯେ, ଭାରତରେ ଟ୍ରାନ୍ସଜେଣ୍ଡର ଅଧିକାରର ମୂଳଦୁଆ ପଡ଼ିଥିଲା ୨୦୧୪ ମସିହାର 'ନ୍ୟାସନାଲ ଲିଗାଲ ସର୍ଭିସେସ ଅଥରିଟି(ଏନ୍ଏଏଲ୍ଏସ୍ଏ) ବନାମ ଭାରତ ସରକାର' ମାମଲାରେ। ସର୍ବୋଚ୍ଚ ନ୍ୟାୟାଳୟ ପ୍ରଥମ କରି ସେମାନଙ୍କୁ 'ତୃତୀୟ ଲିଙ୍ଗ' ଭାବେ ସ୍ୱୀକୃତି ଦେଲେ। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ କେ.ଏସ୍. ରାଧାକୃଷ୍ଣନ ଏବଂ ଜଷ୍ଟିସ୍ ଏ.କେ. ସିକ୍ରିଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନେ ପୁରୁଷ ବା ନାରୀ ନୁହନ୍ତି, ବରଂ ସେମାନେ 'ତୃତୀୟ ଲିଙ୍ଗ' ଭାବେ ପରିଚିତ ହେବେ। ଜଣେ ବ୍ୟକ୍ତି ନିଜକୁ କେଉଁ ଲିଙ୍ଗର ବୋଲି ମନେ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଏଥିପାଇଁ କୌଣସି ଡାକ୍ତରୀ ପରୀକ୍ଷା ବା ଅସ୍ତ୍ରୋପଚାର ବା ଶଲ୍ୟଚିକିତ୍ସାର ଆବଶ୍ୟକତା ନାହିଁ। ସମ୍ବିଧାନର ଧାରା ୧୪ (ସମାନତା), ଧାରା ୧୫ (ଭେଦଭାବ ନିଷେଧ), ଧାରା ୧୯ (ଅଭିବ୍ୟକ୍ତିର ସ୍ୱାଧୀନତା) ଏବଂ ଧାରା ୨୧ (ଜୀବନ ଧାରଣର ଅଧିକାର) କେବଳ ପୁରୁଷ ବା ମହିଳାଙ୍କ ପାଇଁ ନୁହେଁ, ବରଂ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ମଧ୍ୟ ସମାନ ଭାବେ ଲାଗୁ ହେବ।

ଏହି ଆଇନଗତ ଗତିଶୀଳତା ୨୦୧୯ ରେ ନବତେଜ ସିଂ ଜୋହର ବନାମ ଭାରତ ସରକାର ମାମଲାରେ ଧାରା ୩୭୭କୁ ରଦ୍ଦ କରି ଆହୁରି ସଶକ୍ତ ହୋଇଥିଲା। ଯଦିଓ ଏହା ସମକାମୀତାକୁ ଅପରାଧମୁକ୍ତ କରିବା ପାଇଁ ଜଣାଶୁଣା, କିନ୍ତୁ ଏହାର ପ୍ରକୃତ ସଫଳତା ଥିଲା ସାମାଜିକ କୁସଂସ୍କାର ଅପେକ୍ଷା 'ସାମ୍ବିଧାନିକ ନୈତିକତା'କୁ ପ୍ରାଧାନ୍ୟ ଦେବା। ଏହି ମାମଲା ପ୍ରମାଣିତ କଲା ଯେ ପ୍ରତ୍ୟେକ ବ୍ୟକ୍ତିର ପରିଚୟ ଏବଂ ସ୍ୱାଧୀନତାକୁ ସୁରକ୍ଷା ଦେବା ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ। ଏହି ରାୟଗୁଡ଼ିକ କିନ୍ନର ସମୁଦାୟକୁ ଭୋଟର କାର୍ଡ, ପାସପୋର୍ଟ ଓ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା।

ଏହି ବିଲ୍ ପାରିତ ହେବାର ଅନେକ ବର୍ଷ ପରେ ୨୦୨୫ ମସିହାରେ 'ଜେନ୍ କୌଶିକ ବନାମ ଭାରତ ସରକାର' ମାମଲାରେ ଲିଙ୍ଗଗତ ସମାନତା ଓ ସାମ୍ବିଧାନିକ ଅଧିକାରରେ ଏକ ନୂତନ ଅଧ୍ୟାୟ ସଂଯୁକ୍ତ ହେଲା। ଉଲ୍ଲେଖଯୋଗ୍ୟ ଯେ, ଜେନ୍ କୌଶିକ ଥିଲେ ଜଣେ ଅତ୍ୟନ୍ତ ଯୋଗ୍ୟ ଶିକ୍ଷୟିତ୍ରୀ। ମାତ୍ର ତାଙ୍କର ସଂଘର୍ଷ ସେତେବେଳେ ଆରମ୍ଭ ହୋଇଥିଲା, ଯେତେବେଳେ ସେ ନିଜର ପ୍ରକୃତ ପରିଚୟ (ଟ୍ରାନ୍ସଜେଣ୍ଡର) ସର୍ବସାଧାରଣରେ ପ୍ରକାଶ କରିଥିଲେ। ଏହି କାରଣରୁ ତାଙ୍କୁ ପୂର୍ବରୁ କାର୍ଯ୍ୟ କରୁଥିବା ଏକ ବିଦ୍ୟାଳୟରୁ ଇସ୍ତଫା ଦେବାକୁ ବାଧ କରାଯାଇଥିଲା ଏବଂ ଅନ୍ୟ ଏକ ଶିକ୍ଷାନୁଷ୍ଠାନ ତାଙ୍କୁ ଯୋଗ୍ୟତାଭିତ୍ତିରେ ଚୟନ କରି ମଧ୍ୟ ପରିଚୟ ଜାଣିବା ପରେ ନିଯୁକ୍ତିପତ୍ରକୁ ପ୍ରତ୍ୟାହାର କରି ନେଇଥିଲା। ଏହି ବୈଷମ୍ୟ ବିରୁଦ୍ଧରେ ଜେନ୍ କୌଶିକ ନ୍ୟାୟପାଳିକାର ଦ୍ୱାରସ୍ଥ ହୋଇଥିଲେ, ଯାହା ଶେଷରେ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଥିଲେ ଯେ, କୌଣସି ବ୍ୟକ୍ତିଙ୍କ ଲିଙ୍ଗଗତ ପରିଚୟ ତାଙ୍କର ବୃତ୍ତିଗତ ଦକ୍ଷତା ଉପରେ ପ୍ରଭାବ ପକାଏ ନାହିଁ।

ଯଦିଓ ଭାରତ ଆଇନଗତ ଭାବେ ଅନେକ ଦେଶଠାରୁ ଆଗରେ, କିନ୍ତୁ 'କାର୍ଯ୍ୟକାରିତା' କ୍ଷେତ୍ରରେ ଏବେ ବି ବହୁତ ପଛରେ ଅଛି। ଆମେରିକାରେ ରାଜ୍ୟ ଅନୁସାରେ ଅଧିକାର ବଦଳୁଥିବା ବେଳେ ଭାରତରେ ମୁଖ୍ୟ ବାଧା ହେଉଛି ଗଭୀର ସାମାଜିକ କୁସଂସ୍କାର। ଆର୍ଜେଣ୍ଟିନା ଓ ଡେନମାର୍କ ପରି କିଛି ଦେଶରେ 'ସ୍ୱ-ପରିଚୟ' ମଡେଲ୍ ରହିଛି। କୌଣସି ଅସ୍ତ୍ରୋପଚାର କିମ୍ବା ଡାକ୍ତରୀ ପରୀକ୍ଷା ବିନା ଜଣେ ନିଜର ଲିଙ୍ଗଗତ ପରିଚୟ ବଦଳାଇପାରିବେ। ଥାଇଲାଣ୍ଡରେ ସାମାଜିକ ଗ୍ରହଣୀୟତା ଅଧିକ ଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆଇନଗତ ଅଧିକାର ପାଇଁ ଏବେ ବି ସଂଘର୍ଷ ଚାଲିଛି। ଅପରପକ୍ଷରେ ଅନେକ ଦେଶରେ ଏବେ ବି ଏହା ଏକ ଅପରାଧ।

ଭାରତର ସର୍ବୋଚ୍ଚ ନ୍ୟାୟାଳୟ 'ସ୍ୱ-ପରିଚୟ'କୁ ପ୍ରାଧାନ୍ୟ ଦେଇଥିବା ବେଳେ ସରକାର 'ଡାକ୍ତରୀ ଯାଞ୍ଚ' କୁ ବାଧ୍ୟତାମୂଳକ କରିଛନ୍ତି। ଅନେକ ସାମାଜିକ କର୍ମୀ ଏହାକୁ କିନ୍ନରମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସମ୍ମାନର ଉଲ୍ଲଂଘନ ବୋଲି କହୁଛନ୍ତି। ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଓ ଗଜଲ ଧାଲିୱାଲଙ୍କ ଭଳି ବିଶିଷ୍ଟ କର୍ମକର୍ତ୍ତାମାନେ ଏହି ନୂତନ ସଂଶୋଧନକୁ ବିରୋଧ କରିଛନ୍ତି। ସେମାନଙ୍କ ମତରେ, 'ଶରୀରର ପରୀକ୍ଷା କରି ମନର ପରିଚୟ ଖୋଜିବା ଅମାନବୀୟ।' ସେମାନଙ୍କର ମୁଖ୍ୟ ଦାବି ହେଉଛି ଡାକ୍ତରୀ ବୋର୍ଡ ଯାଞ୍ଚ ବନ୍ଦ କରି 'ସ୍ୱ-ପରିଚୟ' ଲାଗୁ ହେଉ। ଶେଷରେ ଏତିକି କୁହାଯାଇପାରେ ଯେ ସମାନତା ଆଡ଼କୁ ଯାତ୍ରା ଏକ ସରଳ ପଥ ନୁହେଁ। ଆଇନ ହୁଏତ ଏକ ମୂଳଦୁଆ ପକାଇପାରେ; କିନ୍ତୁ କେବଳ ସମ୍ବେଦନଶୀଳତା ଏବଂ ସମ୍ମାନ ହିଁ ଏକ ଅନ୍ତର୍ଭୁକ୍ତୀକରଣ ସମାଜ ଗଢ଼ିପାରିବ।

ପୁରୀ, ମୋ: ୯୨୩୮୮୩୧୬୫୮

## ଚାଷୀ ହୃଦୟର କୋହ

ଅରିଜିତ ମିଶ୍ର

କଥାରେ ଅଛି 'ଚାଷ କାମ ଯାହାର କି ଆନନ୍ଦ ତାହାର'। ଯିଏ ଚାଷ କରେ ବା ସର୍ବଦା କୃଷି କର୍ମ ଉପରେ ନିର୍ଭର କରେ ସିଏ ସବୁବେଳେ ଆନନ୍ଦ ବା ସୁଖରେ ଜୀବନ ଅତିବାହିତ କରେ। ଭାରତ ଏକ କୃଷିସମୃଦ୍ଧ ଦେଶ। ତନ୍ମଧ୍ୟରୁ ଆମ ଓଡ଼ିଶା ମଧ୍ୟ କୃଷି କର୍ମରେ ଅନ୍ୟତମ ସମୃଦ୍ଧ ରାଜ୍ୟ। ଚାଷୀଭାଇମାନେ ଖରା, ବର୍ଷା, ଶୀତ, କାକର ଆଦିକୁ ଭ୍ରୂକ୍ଷେପ ନକରି ଝାଳ ବୁହାଇ ଆମ ପେଟକୁ ଅନ୍ନ ମୁଠାଏ ଦେବା ପାଇଁ ସର୍ବଦା ବ୍ୟଗ୍ର। ତେଣୁ କୃଷିର ଉନ୍ନତି ଦିଗରେ ସରକାର ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି ଅନେକ ପ୍ରକାରର ଯୋଜନା ମାଧ୍ୟମରେ। ଖାଲି ଯେ ଚଷା ଭାଇ ନିଜେ ଚାଷ ଜମିରେ ଖଟୁଚି ତା' ନୁହେଁ, ତା' ପରିବାର ମଧ୍ୟ ତା'କୁ ସହଯୋଗ କରୁଥିବାରୁ ଚାଷକାର୍ଯ୍ୟରେ ଭଲଫସଲ ଉତ୍ପନ୍ନ ହେଉଛି। ଭାରତରେ କୃଷକମାନଙ୍କ ସଂଖ୍ୟା ବର୍ତ୍ତମାନ ୧୫ କୋଟି ଥିବା ବେଳେ ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ।

ପ୍ରକୃତରେ ବର୍ତ୍ତମାନ ସମୟରେ ଚାଷ କାମରେ କେତେ ଆନନ୍ଦ ମିଳେ, ସେଇଟା କେବଳ ଚାଷୀ ପରିବାର ହିଁ ଜାଣିଛି। କେତେକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ଦ୍ୱାରା ଚାଷୀ ଆତ୍ମହତ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଚାଷୀ ପରିବାର ଅତ୍ୟନ୍ତ ଦୁଃଖର ସହିତ କାଳାତିପାତ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟରେ କୃଷିଜାତ ଦ୍ରବ୍ୟଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ୧୯୯୯ ମହାବାତ୍ୟା, ଫାଇଲିନ, ହୁଦହୁଦ, ଫନି ଆଦି ବାତ୍ୟାରେ ଆମେ ଏହା ଅଙ୍ଗେ ନିଭାଇଛେ। ସେହିପରି ପ୍ରାୟ ନଦୀମାନଙ୍କରେ ବର୍ଷାଦିନେ ବନ୍ୟା ଆସିଥାଏ, ଯାହା ଦ୍ୱାରା ଫସଲରେ ଅନେକ ମାତ୍ରାରେ କ୍ଷତିଗ୍ରସ୍ତ ହୁଏ। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ ଆଦି ପାଇଁ ଚାଷୀ ପ୍ରଭାବିତ ହୋଇଥାଏ।



ପ୍ରାକୃତିକ ଦୁର୍ବିପାକ ତ କିଛି କିଛି ବର୍ଷ ଆସେ। କିନ୍ତୁ ବର୍ତ୍ତମାନ ଆଉ କିଛି ଅସୁବିଧା ଚାଷୀକୁ ବହୁତ କ୍ଷତି ପହଁଚାଉଛି। ପ୍ରାୟତଃ ଉପକୂଳ ଓଡ଼ିଶା ଓ ଗଡ଼ଜାତ ଅଞ୍ଚଳମାନଙ୍କରେ ଜଙ୍ଗଲୀ ବାରହାମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସେମାନଙ୍କ ଉପଦ୍ରବ ଦ୍ୱାରା ନଡ଼ିଆ, ଆଳୁ, କଖାରୁ ଆଦି ପନିପରିବା ଫସଲ ନଷ୍ଟ ହେଉଛି। ହାତୀମାନେ ମଧ୍ୟ ଖାଦ୍ୟ ଅଭାବ ଯୋଗୁଁ ଜଙ୍ଗଲ ଛାଡ଼ି ଜନବସତିମାନଙ୍କରେ ଥିବା ଚାଷ ଜମିର ଫସଲକୁ ନଷ୍ଟ କରୁଛନ୍ତି। ସେହିପରି ମାଙ୍କଡ଼ମାନଙ୍କର ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ଆମ୍ବ, କଦଳୀ, ନଡ଼ିଆ, କାକୁଡ଼ି, ଅମୃତଭଣ୍ଡା, କଖାରୁ ଆଦି ଫଳ ଓ ପନିପରିବା ସହିତ ମଣ୍ଡାଫୁଲ ଚାଷ କ୍ଷତିଗ୍ରସ୍ତ ହେଉଛି।

ଏହାଛଡ଼ା ସରକାରୀ ସ୍ତରରେ କେତେକ ସମସ୍ୟା ଚାଷୀଭାଇମାନଙ୍କ ପାଇଁ ଦୁଃଖ ଆଣୁଛି। ସରକାର ଯେଉଁ ବିହନ ରିହାତି ଦରରେ ଯୋଗାଉଛନ୍ତି ସେଥିରୁ ଗଜା ବାହାରୁ ନଥିବା ଅଭିଯୋଗ ହେଉଛି। ଚାଷୀମାନେ ବ୍ୟାଙ୍କରୁ ଋଣ କରିବା ବ୍ୟତୀତ ମହାଜନମାନଙ୍କଠାରୁ ମଧ୍ୟ ହାତ ସୁଧ କରିଥା'ନ୍ତି। କେତେକାଂଶରେ ଫସଲ ପର୍ଯ୍ୟାପ୍ତ ହେଉନଥିବାରୁ ଚାଷୀ ଋଣ ଶୁଝି ପାରେ ନାହିଁ। ଫଳରେ ଋଣଭାର ସହି ନ ପାରି ଆତ୍ମହତ୍ୟା କରେ। ଏଥିସହିତ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଷାର ପରିମାଣରେ ଅନେକ ପରିବର୍ତ୍ତନ ହୋଇଛି। ଫଳରେ ଚାଷ ପାଇଁ ଜଳସେଚନରେ ବ୍ୟାଘାତ ସୃଷ୍ଟି ହେଉଛି। ଅନେକ ଅଞ୍ଚଳରେ ଅତିରିକ୍ତ ବର୍ଷା ହେବା ଫଳରେ ମଧ୍ୟ ଚାଷ ନଷ୍ଟ ହେଉଛି। କେତେବେଳେ ବିଜୁଳି ଘଡ଼ଘଡ଼ି ଦ୍ୱାରା ପୁଣି ଆଉ କେତେବେଳେ ସର୍ପଦଂଶନ ଦ୍ୱାରା ଚାଷୀ ମରଣମୁହଁରେ ପଡ଼ୁଛି। ଏଭଳି ବହୁବିଧ ଅସୁବିଧା ଓ ପ୍ରତିବନ୍ଧକ ଯୋଗୁଁ ଚାଷୀ ଆଜି ହତାଶ ପ୍ରାୟ।

ଭାରତରେ ପ୍ରତିବର୍ଷ ହାରାହାରି ୪୦୦୦ ରୁ ୫୦୦୦ ଚାଷୀ ଆତ୍ମହତ୍ୟା କରୁଛନ୍ତି। ୨୦୨୩ ମସିହା ତଥ୍ୟ ଅନୁସାରେ ଭାରତରେ ୪, ୬୯୦ ଜଣ ଚାଷୀ ଓ ୬୦୯୬ ଜଣ କୃଷି ଶ୍ରମିକ ଆତ୍ମହତ୍ୟା କରିଥିଲେ। ସରକାରୀ ସ୍ତରରେ ପ୍ରଣୟନ ହୋଇଥିବା ଯୋଜନାଗୁଡ଼ିକ ଯଦି ତୃଣମୂଳସ୍ତରରେ ଠିକ୍ ଭାବେ ରୂପାୟନ ହୋଇପାରିବ ତେବେ ଚାଷୀଭାଇମାନେ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, କିଷାନ କ୍ରେଡିଟ କାର୍ଡ, କାଳିଆ ଯୋଜନା ଇତ୍ୟାଦିର ମୂଳ ଓ ମହତ୍ ଲକ୍ଷ୍ୟ ମଧ୍ୟ ସାଧିତ ହୋଇପାରିବ। ମଣିଷର ମାନସିକତାରେ ମଧ୍ୟ ପରିବର୍ତ୍ତନ ଦରକାର। ସର୍ବଦା ସରକାରୀ ସହାୟତାକୁ ଅପେକ୍ଷା ନକରି ନିଜର ବୁଦ୍ଧି ବଳରେ ଚାଷ କାମକୁ ଆଗେଇବା ଦରକାର। ସରକାରୀସ୍ତରରେ ନିଷ୍ଠାର ସହିତ ଚାଷୀଙ୍କୁ ସହାୟତା ଇତ୍ୟାଦି ସଠିକ୍ ରୂପେ ପରିଚାଳନା ହେବା ଆବଶ୍ୟକ। ଭାରତରେ କେନାଲ ଜଳସେଚନ ଦ୍ୱାରା ୨ ରୁ ୩ କୋଟି ଚାଷୀ ଉପକୃତ ହେଉଥିବା ବେଳେ ଓଡ଼ିଶାରେ ପ୍ରାୟ ୧୦ ରୁ ୧୨ ଲକ୍ଷ ଚାଷୀ ଉପକୃତ ହୁଅନ୍ତି। ତେଣୁ କେନାଲ ଜଳସେଚନର ସୁବିଧା ବୃଦ୍ଧି କଲେ ଅନ୍ୟ ଚାଷୀମାନଙ୍କର ମଧ୍ୟ ଚାଷକାର୍ଯ୍ୟରେ ଉନ୍ନତି ଆସିବ।

ଚାଷୀ ମଧ୍ୟ ଧୈର୍ଯ୍ୟଶୀଳ ହେବା ଜରୁରୀ। ଅଯଥା ଆତ୍ମହତ୍ୟା କଲେ ନିଜର ଏବଂ ନିଜ ପରିବାର ସହିତ ଦେଶର ମଧ୍ୟ ଅନେକ କ୍ଷତି ହୋଇଥାଏ। ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ ଚକ୍ରାକାର ଭାବରେ ମଣିଷ ଜୀବନରେ ଆସେ ଓ ଯାଏ। ତେଣୁ ଚାଷୀ ଧୈର୍ଯ୍ୟ ଧରି ନିଷ୍ଠାର ସହିତ ଚାଷ କାର୍ଯ୍ୟରେ ମନୋନିବେଶ କରିବା ଆବଶ୍ୟକ। ସରକାର ମଧ୍ୟ ଏଥିନିମିତ୍ତ ଯଥେଷ୍ଟ ଦୃଷ୍ଟି ଦେବା ବିଧେୟ।

ବୀରନରସିଂହପୁର(ପୁରୀ),
ମୋ: ୯୦୪୦୩୫୦୦୮୯

## ହରଚଣ୍ଡୀ ସାହିର ମାଆ ହରଚଣ୍ଡୀ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଯମେଶ୍ୱରପୁର ସାହିରେ ରାମଚନ୍ଦ୍ର ପ୍ରତିହାରୀ ନାମକ ମହାପ୍ରଭୁଙ୍କର ଜଣେ ସମର୍ପିତ ସେବାୟତ ଓ ଅନନ୍ୟ ଭକ୍ତ ବାସ କରୁଥିଲେ। ସେ ମାଆ ହରଚଣ୍ଡୀଙ୍କୁ ନିଜର ଇଷ୍ଟ ମାନ୍ୟ କରୁଥିଲେ। ଶ୍ରୀକ୍ଷେତ୍ରଠାରୁ ବାଇଶି କିଲୋମିଟର ଦୂର ବ୍ରହ୍ମଗିରି ନିକଟରେ ସମୁଦ୍ରକୂଳରେ ମାଆ ବାଲିହରଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ। ହରଚଣ୍ଡୀ ମଧ୍ୟ ମହାପ୍ରଭୁଙ୍କର ଜଣେ ଭକ୍ତ। ସେ ଦୈନିକ ସକାଳେ ଆମିଷ ନୈବେଦ୍ୟ ଗ୍ରହଣ କରୁଥିବା ବେଳେ ସନ୍ଧ୍ୟାବେଳେ ମହାପ୍ରସାଦ ସେବନ କରନ୍ତି। ସେ ସମୟରେ ବାଲିହରଚଣ୍ଡୀ ପୀଠକୁ ଗମନାଗମନର ସୁବିଧା ନ ଥିଲା। ଭକ୍ତ ରାମଚନ୍ଦ୍ର ପ୍ରତିଦିନ ବାଇଶି କିଲୋମିଟର ପାଦରେ ଚାଲି ଯା'ଆସ କରି ମାଆ ହରଚଣ୍ଡୀଙ୍କୁ ଦର୍ଶନ କରୁଥିଲେ ଏବଂ ମାଆଙ୍କୁ ମହାପ୍ରଭୁଙ୍କ ମହାପ୍ରସାଦ ଓ ଉଲାଗି ପୁଷ୍ପାଳଙ୍କାର ସମର୍ପଣ କରି ତୃପ୍ତ କରୁଥିଲେ। ବର୍ଷା ଋତୁ ଓ ଝଡ଼ ତୋଫାନ ବେଳେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବାରୁ ଗମନାଗମନ କଷ୍ଟସାଧ୍ୟ ହେଉଥିଲା। ଏହାସତ୍ତ୍ୱେ ସେ କୌଣସି ଦିନ ମାଆଙ୍କୁ ଦର୍ଶନ ଓ ମାଳମହାର୍ଦ୍ଦ ସମର୍ପଣରେ କେବେ ଅବହେଳା କରୁ ନ ଥିଲେ। ଏପରିକି ଦେହଦୁଃଖରେ ଥିଲେ ମଧ୍ୟ ମାଆଙ୍କ ଦର୍ଶନରୁ ସେ କେବେହେଲେ ବିରତ ହେଉ ନ ଥିଲେ।

ରାମଚନ୍ଦ୍ରଙ୍କ ବୟସ ବଢ଼ିବା ସହିତ ଏତେ ଦୂରବାଟ ଯିବାଆସିବା କଷ୍ଟକର ହେଲା। ତଥାପି ସେ ବାଟରେ ବସି ଉଠି ରାସ୍ତାକଡ଼ ଗଛମୂଳେ ବିଶ୍ରାମ ନେଇ ପୀଠକୁ ଯିବାଆସିବା କରୁଥିଲେ ଏବଂ ମାଆଙ୍କୁ ମାଳମାହାର୍ଦ୍ଦ ସମର୍ପଣ କରୁଥିଲେ। ଦିନେ ସେ ଭାବିଲେ ଯେ ମାଆଙ୍କୁ ଶ୍ରୀକ୍ଷେତ୍ର ଯାଇ ଅବସ୍ଥାନ କରିବା ପାଇଁ ପ୍ରାର୍ଥନା କଲେ, ମାଆ ହୁଏ ତ ରାଜି ହୋଇପାରନ୍ତି। ଜୀବନର ଶେଷସମୟ ପର୍ଯ୍ୟନ୍ତ ମାଆଙ୍କ ଦର୍ଶନ ଲାଭ କରିବା ସହଜ ହୁଅନ୍ତା। ସେଦିନ ସକାଳୁ ସକାଳୁ ରାମଚନ୍ଦ୍ର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ମନରେ ଥିବା ଅଭିଳାଷ ପୂରଣ କରିବା ପାଇଁ ପ୍ରାର୍ଥନା କଲେ। ତା'ପରେ ମାଳ ମାହାର୍ଦ୍ଦ ଧରି ବାଲିହରଚଣ୍ଡୀଙ୍କ ପୀଠକୁ ଯାତ୍ରା ଆରମ୍ଭ କଲେ। ସେଦିନ ପୀଠରେ ପହଞ୍ଚିବା ପାଇଁ ଅନ୍ୟ ଦିନଠାରୁ କମ ସମୟ ଲାଗିଲା। ତାଙ୍କୁ ହାଲିଆ ଲାଗୁ ନ ଥିଲା। ସେ ମାଆଙ୍କୁ ମାଳ ମାହାର୍ଦ୍ଦ ସମର୍ପଣ କରି ପ୍ରାର୍ଥନା କଲେ, 'ମାଆ! ମୋର ହେତୁ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ମୁଁ ତୋର ଦର୍ଶନ ଦୈନିକ କରି ଆସୁଛି। ତୋର ଅପାର କରୁଣାରୁ ଦିନେ ହେଲେ ତୁ ମୋତେ ତୋ ଦର୍ଶନରୁ ବଞ୍ଚିତ କରିନାହୁଁ। କିନ୍ତୁ ମୁଁ ଏବେ ବାର୍ଦ୍ଧକ୍ୟରେ ପହଞ୍ଚିସାରିଛି। ଆଉ ଏଣିକି ବାଇଶି କିଲୋମିଟର ଯିବାଆସିବା ସମ୍ଭବ ହୋଇପାରିବ ନାହିଁ। ଏ ଅକିଞ୍ଚନକୁ ଦର୍ଶନ ଦେବା ପାଇଁ ଶ୍ରୀକ୍ଷେତ୍ରରେ ବିଜେ କରିବା ପାଇଁ ପ୍ରାର୍ଥନା କରୁଛି।'

ମାଆ ପ୍ରତିହାରୀଙ୍କ ପ୍ରାର୍ଥନା ଶୁଣିଲେ ଓ ଶୂନ୍ୟବାଣୀ ମାଧ୍ୟମରେ କହିଲେ, 'ରାମଚନ୍ଦ୍ର! ତୋର ପ୍ରାର୍ଥନା ସ୍ୱୀକାର କରି କ୍ଷେତ୍ରରେ ବିରାଜମାନ କରିବା ପାଇଁ ମୁଁ ଆଗ୍ରହୀ। ତୋତେ ଦର୍ଶନ ଦେବା ସହିତ ମୁଁ ମହାପ୍ରଭୁଙ୍କର ସାନିଧ୍ୟ ଲାଭ କରିବି। ତୁ ବର୍ତ୍ତମାନ ଏକମୁହାଁ ହୋଇ ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିବା ଆରମ୍ଭ କର। ମୁଁ ତୋ ପଛେ ପଛେ ଚାଲିବି। କ୍ଷେତ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ତୁ ପଛକୁ ଚାହିଁବୁ ନାହିଁ। ଯଦି ଚାହିଁ ଦେବୁ, ମୁଁ ସେହିଠାରେ ପଥର ପାଲଟିଯିବି।' 'ହେଲେ ମାଆ! ତୁ ମୋ ପଛେ ପଛେ ଆସୁଛୁ ବୋଲି ମୁଁ ଜାଣିବି କିପରି?' ରାମଚନ୍ଦ୍ରଙ୍କ ଏହି ପ୍ରଶ୍ନରେ ମାଆ ଉତ୍ତର ଦେଲେ, 'ମୁଁ ଚାଲୁଥିବା ବେଳେ ମୋର ପାଉଁଝିର ରୁଣୁଝୁଣୁ ଶବ୍ଦ ମୋ ଯାତ୍ରା ବିଷୟରେ ତୋତେ ସୂଚିତ କରାଇବ।'

ମାଆଙ୍କ ନିର୍ଦ୍ଦେଶ ଅନୁସାରେ ରାମଚନ୍ଦ୍ର ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିବାକୁ ଆରମ୍ଭ କଲେ। ମାଆ ତାଙ୍କ ପଛେ ପଛେ ଚାଲିଲେ। ଶ୍ରୀକ୍ଷେତ୍ରର ସହରତଳି ଅଞ୍ଚଳରେ ପହଞ୍ଚିବା ପରେ ହଠାତ୍ ମାଆଙ୍କର ପାଉଁଝି ଶବ୍ଦ ପ୍ରତିହାରୀ ଶୁଣିପାରିଲେ ନାହିଁ। ସେ ପଛକୁ ଚାହିଁ ଦେଖିଲେ ଯେ ମାଆଙ୍କର ଦୁଇପାଦ ବାଲିରେ ବୁଡ଼ିଯାଇଛି। ତେଣୁ ପାଉଁଝିର ଶବ୍ଦ ଶୁଣା ଯାଉ ନ ଥିଲା। କିନ୍ତୁ ମାଆ ସେହି ଯାଗାରେ ପଥରମୂର୍ତ୍ତି ହୋଇ ବିରାଜମାନ କଲେ। ହଜାର ହଜାର ଲୋକ ମାଆଙ୍କ ଦର୍ଶନ ପାଇଁ ରୁଣ୍ଡ ହେଲେ। ରାଜା ମଧ୍ୟ ଖବର ପାଇ ମାଆଙ୍କ ବିଜେସ୍ଥଳୀରେ ପହଞ୍ଚିଲେ। ଏକ ଭବ୍ୟ ମନ୍ଦିର ନିର୍ମାଣ କରି ମାଆଙ୍କୁ ପ୍ରତିଷ୍ଠା କଲେ। ମାଆଙ୍କ ସେବାପୂଜା ପାଇଁ ପ୍ରତିହାରୀଙ୍କୁ ନିଯୁକ୍ତି ଦେଲେ। କାଳକ୍ରମେ ସେଠାରେ ଏକ ଜନବସତି ଗଢ଼ିଉଠିଲା ଏବଂ ମାଆଙ୍କ ନାମାନୁସାରେ ସେ ସାହିର ନାମ 'ହରଚଣ୍ଡୀ ସାହି' ରହିଲା। ପ୍ରତିହାରୀଙ୍କ ଉତ୍ତରପୁରୁଷମାନେ ଆଜି ପର୍ଯ୍ୟନ୍ତ ମାଆଙ୍କର ପୂଜାର୍ଚ୍ଚନା କରି ଆସୁଛନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜ୍ୟସଭା ନିର୍ବାଚନରେ ୨ ବିଜେପି ବିଧାୟକଙ୍କ ଦ୍ୱିତୀୟ ବାଲାଟ ବ୍ୟବହାର

# ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୮।୪(ସମିସ): ଗତ ମାର୍ଚ୍ଚ ୧୮ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟ ବାଲାଟ ପ୍ରଦାନକୁ ନେଇ କଡ଼ା ଆପତ୍ତି କରିଥିଲେ ବିଜେଡି ଓ କଂଗ୍ରେସ। ବିଧାନସଭା ପରିସରରେ ଭୋଟିଂ ଚାଲିଥିବା ବେଳେ ଉଭୟ ଦଳର ତୀବ୍ର ବିରୋଧ ଯୋଗୁଁ ଭୋଟିଂ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହା ସତ୍ତ୍ୱେ ରିଟର୍ଣ୍ଣିଂ ଅଫିସର ଦ୍ୱିତୀୟ ବାଲାଟରେ ଭୋଟ ଦେବାକୁ ଉଭୟ ବିଧାୟକଙ୍କୁ ଅନୁମତି ପ୍ରଦାନକୁ ଅନ୍ୟାୟ ଓ ବେଆଇନ ବୋଲି ଦର୍ଶାଇ ଏହା ବିରୋଧରେ ଆଇନଗତ ଲଢ଼େଇ ଲଢ଼ିବାକୁ ଚେତାବନୀ ଦେଇଥିଲଶ। ଏହିକ୍ରମରେ ମଙ୍ଗଳବାର ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଭାରତୀୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ଡ. ପାତ୍ର ସମ୍ପୂର୍ଣ୍ଣ ଘଟଣାକ୍ରମ ବିଷୟରେ ଉଲ୍ଲେଖ କରିବା ସହ ଦ୍ୱିତୀୟ ବାଲଟ ପେପରର ବେଆଇନ ପ୍ରଦାନ ଘଟଣାରେ ଏକ ସମୟବଦ୍ଧ, ସ୍ୱାଧୀନ ଏବଂ ସ୍ୱଚ୍ଛ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାସହ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ନିର୍ବାଚନ କମିଶନଙ୍କୁ ଭେଟିବାକୁ ଡ. ପାତ୍ର ଚିଠିରେ ଉଲ୍ଲେଖ କରିବା ସହ ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

ନିଜ ଚିଠିରେ ଡ. ପାତ୍ର ଦର୍ଶାଇଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତ ମାର୍ଚ୍ଚ ୧୮ ତାରିଖ ଅପରାହ୍ଣ ୧:୫୯ ମିନିଟରେ ବିଜେଡି ଇ-ମେଲ ଆଇଡ଼ିରୁ ଉପରୋକ୍ତ ପ୍ରସଙ୍ଗ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଆଣିଛନ୍ତି। ନିର୍ବାଚନ ପରିଚାଳନା ନିୟମ, ୧୯୬୧(କଣ୍ଡକ୍ଟ ଅଫ୍ ଇଲେକ୍ସନ ରୁଲ, ୧୯୬୧)ର ଉଲ୍ଲଙ୍ଘନ କରି ବିଧାୟକ ତଥା ଭୋଟର ପୂର୍ଣ୍ଣଚନ୍ଦ୍ର ସେଠୀ ଏବ ଉପାସନା ମହାପାତ୍ରଙ୍କୁ ବେଆଇନ ଭାବେ ଦ୍ୱିତୀୟ ବାଲଟ ପେପର ପ୍ରଦାନ ଏବଂ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଭୋଟକୁ ପ୍ରତ୍ୟାଖ୍ୟାନ କରିବା ସମ୍ବନ୍ଧୀୟ ଅଭିଯୋଗ ଏଥିରେ ସ୍ଥାନିତ ହୋଇଥିଲା। ଉକ୍ତ ଅଭିଯୋଗରେ ପ୍ରାର୍ଥୀ ଏବଂ ସେମାନଙ୍କର ନିର୍ବାଚନ ଏଜେଣ୍ଟଙ୍କ ଦ୍ୱାରା ଦାଖଲ ହୋଇଥିବା ଚାରୋଟି ସମସାମୟିକ ଅଭିଯୋଗକୁ ସଂଲଗ୍ନ କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ନିର୍ବାଚନ ସମୟ ସମାପ୍ତ ହେବା ପୂର୍ବରୁ ନିର୍ବାଚନ କମିଶନଙ୍କ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ପ୍ରିଜାଇଡିଂ ଅଫିସରଙ୍କ ନିକଟରେ ଦାଖଲ କରାଯାଇଥିଲା। ପ୍ରଥମ ବାଲଟ ପେପର ଭୋଟରଙ୍କ ଦ୍ୱାରା ଚିହ୍ନିତ ହେବା ପରେ ଦ୍ୱିତୀୟ ବାଲଟ ପେପର ପ୍ରଦାନ କରିବା ନିର୍ବାଚନ ପରିଚାଳନା ନିୟମ ୧୯୬୧ର ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି। ଏହି ପ୍ରକ୍ରିୟାଗତ ବିଚ୍ୟୁତି କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ବରଂ ଏହା ନିର୍ବାଚନର ମୂଳଦୁଆକୁ ପ୍ରଭାବିତ କରୁଛି। ରାଜ୍ୟସଭା ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ସୀମିତ ଏବଂ ପ୍ରତ୍ୟେକ ଭୋଟ ଅନେକ ଗୁରୁତ୍ୱ ବହନ କରିଥାଏ। ସେଠାରେ ଏଭଳି ବେଆଇନ କାର୍ଯ୍ୟ ନିର୍ବାଚନ ଫଳାଫଳକୁ ବଦଳାଇ ଦେଇପାରେ। ଡ. ସନ୍ତୃପ୍ତ ମିଶ୍ରଙ୍କ କାଉଣ୍ଟିଂ(ଗଣନା) ଏଜେଣ୍ଟ ଭାବେ ମୁଁ ସେଠାରେ ଉପସ୍ଥିତ ଥିଲି ଏବଂ ଭୋଟ ଗଣନା ଆରମ୍ଭ ପୂର୍ବରୁ ମୁଁ ପ୍ରିଜାଇଡିଂ ଅଫିସର ଏବଂ ପର୍ଯ୍ୟବେକ୍ଷକଙ୍କ ନିକଟରେ ଏନେଇ ପୂର୍ଣ୍ଣାଙ୍ଗ ତଥ୍ୟ ଉପସ୍ଥାପନ କରିଥିଲି। ଏ ସମ୍ବନ୍ଧରେ ଏକ ବିସ୍ତୃତ ଲିଖିତ ଦରଖାସ୍ତ ମଧ୍ୟ ଆମ ପକ୍ଷରୁ ପ୍ରଦାନ ଦିଆଯାଇଥିଲା। ସମସ୍ତ ଅଭିଯୋଗ ଏବଂ ଉପସ୍ଥାପନାଗୁଡ଼ିକୁ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀମାନେ ଭିଡ଼ିଓ ଏବଂ ଫଟୋଗ୍ରାଫ ମାଧ୍ୟମରେ ସରକାରୀ ରେକର୍ଡରେ ସଂରକ୍ଷିତ କରିଛନ୍ତି। ମତଦାନ ସମୟରେ ଅଭିଯୋଗ ଏବଂ ଆମ ଦଳର ସଭାପତିଙ୍କ ଦ୍ୱାରା ଏନେଇ ଅଭିଯୋଗ ହେବା ପରେ ମଧ୍ୟ, ଆଜି ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା, ସ୍ପଷ୍ଟୀକରଣ କିମ୍ବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଏଯାବତ୍ ପ୍ରଦାନ କରାଗଲା ନାହିଁ। ଏଭଳି ନିଷ୍କ୍ରିୟତା ନିର୍ବାଚନୀ ପ୍ରକ୍ରିୟାରେ ହୋଇଥିବା ବେଆଇନ କାର୍ଯ୍ୟକୁ ସମାଧାନ କରିବାରେ ପ୍ରତିଷ୍ଠାନଗତ ବିଫଳତାକୁ ସୂଚାଉଛି। ତେଣୁ ଗତ ମାର୍ଚ୍ଚ ୧୮ ତାରିଖର ଇମେଲ୍ ଏବଂ ସଂଲଗ୍ନ ଅଭିଯୋଗ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ପ୍ରକାଶ କରାଯାଉ। ଦ୍ୱିତୀୟ ବାଲଟ ପେପରର ବେଆଇନ ପ୍ରଦାନ ଘଟଣାରେ ଏକ ସମୟବଦ୍ଧ, ସ୍ୱାଧୀନ ଏବଂ ସ୍ୱଚ୍ଛ ତଦନ୍ତ କରାଯାଉ। ବାଲଟ ପେପର ହିସାବ, ଭିଡିଓ ରେକର୍ଡିଂ ଏବଂ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ସମେତ ସମସ୍ତ ପ୍ରାସଙ୍ଗିକ ଆଇନଗତ ରେକର୍ଡକୁ ସୁରକ୍ଷିତ ରଖାଯାଉ। ସେହିପରି ଭାବେ ନିର୍ବାଚନ କମିଶନ ନିଜର ସାମ୍ବିଧାନିକ କ୍ଷମତା ପ୍ରୟୋଗ କରି, ବେଆଇନ ଭାବେ ପ୍ରଦାନ କରାଯାଇଥିବା ଦ୍ୱିତୀୟ ବାଲଟ ପେପରରେ ପଡ଼ିଥିବା ଭୋଟଗୁଡ଼ିକ ଉପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

**■ ଏକ ସମୟବଦ୍ଧ, ସ୍ୱାଧୀନ ଓ ସ୍ୱଚ୍ଛ ତଦନ୍ତ ଲାଗି ଦାବି**

**■ ଆୟୁକ୍ତଙ୍କୁ ଭେଟିବା ପାଇଁ ଲୋଡ଼ିଲେ ତାରିଖ ଓ ସମୟ**

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଆପଣଙ୍କୁ ଭେଟି ଏହି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବାକୁ ଚାହୁଁଥିବା ବେଳେ ଏଥିପାଇଁ ଯଥାଶୀଘ୍ର ଏକ ତାରିଖ ଓ ସମୟ ନିର୍ଦ୍ଧାରଣ କରନ୍ତୁ ବୋଲି ଡ. ପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

---

**ଭଉଣୀର କଙ୍କାଳ ବ୍ୟାଙ୍କକୁ ବୋହିବା ଘଟଣା**

## ଏହି ଘଟଣା ସମଗ୍ର ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି: ବିଜେଡି

ଭୁବନେଶ୍ୱର,୨୮।୪(ସମିସ): କେନ୍ଦୁଝର ଜିଲ୍ଲାରେ ଜଣେ ଆଦିବାସୀ ଯୁବକ ଭଉଣୀର ଗଳିତ ଶରୀରକୁ ନେଇ ବ୍ୟାଙ୍କରେ ପହଞ୍ଚିବା ଘଟଣାକୁ ନେଇ କଡ଼ା ଉଦବେଗ ପ୍ରକାଶ କରିଛି ବିଜେଡି। ଏହି ଘଟଣା ସମଗ୍ର ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି। ତେଣୁ ଏପରି ସମ୍ବେଦନଶୀଳ ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ଏହି ଘଟଣା ବ୍ୟାଙ୍କ ଅଧିକାରୀଙ୍କ ସମ୍ବେଦନହୀନ ମନୋଭାବକୁ ପ୍ରଦର୍ଶିତ କରୁଥିବା ବେଳେ ଏହା ସମଗ୍ର ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ରାଜ୍ୟ ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଜଣେ ଅବହେଳିତ ଆଦିବାସୀ ମହିଳା ଚିକିତ୍ସା ପାଇଁ ଅବହେଳାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ତେଣୁ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହି ସମ୍ବେଦନଶୀଳ ଘଟଣାକୁ ଅଧିକ ଅନୁଧ୍ୟାନ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଯାଇ ଏକ ରିପୋର୍ଟ ପ୍ରସ୍ତୁତ କରି ସଭାପତିଙ୍କ ନିକଟରେ ହସ୍ତାନ୍ତର କରିବ।

**ଅଣବୈଷୟିକ ଡିପ୍ଲୋମା ନାମଲେଖା ପ୍ରସଙ୍ଗ**

## ସରକାରୀ ପୋର୍ଟାଲରେ ତାଲା

କଟକ, ୨୮।୪(ସମିସ): ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନାମଲେଖା ବିଜ୍ଞାପନ ପ୍ରକାଶ ପାଇଥିଲେ ହେଁ ଅଣବୈଷୟିକ ପାଠ୍ୟକ୍ରମରେ ପଢ଼ିବାକୁ ଚାହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏବେ ସରକାରୀ ଦ୍ୱାର ବନ୍ଦ ହୋଇଯାଇଛି। ସରକାରୀ ପଲିଟେକନିକ୍ ଅନୁଷ୍ଠାନଗୁଡ଼ିକରେ ଉପଲବ୍ଧ ଫାର୍ମାସି, ବିୟୁଟି କଲଚର୍, ଟୁରିଜିମ୍ ଏବଂ ଅଫିସ ମ୍ୟାନେଜମେଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମ ପାଇଁ ସାମ୍ସ ପୋର୍ଟାଲ ଖୋଲୁ ନ ଥିବାରୁ ହଜାର ହଜାର ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ସରକାରଙ୍କ ଏଭଳି ପକ୍ଷପାତ ନୀତି ବିରୋଧରେ ଏବେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ସମେତ ରାଜ୍ୟର ଅନ୍ୟ ସରକାରୀ ଅନୁଷ୍ଠାନରେ ଅଳ୍ପ ଖର୍ଚ୍ଚରେ ଫାର୍ମାସି ଓ ଅନ୍ୟାନ୍ୟ ଅଣବୈଷୟିକ ପାଠ ପଢ଼ିବାର ସୁଯୋଗ ରହିଥାଏ। ମାତ୍ର ଚଳିତବର୍ଷ ଆବେଦନ ପ୍ରକ୍ରିୟାରୁ ଏହି ସବୁ ପାଠ୍ୟକ୍ରମକୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ଘରୋଇ ଅନୁଷ୍ଠାନଗୁଡ଼ିକ ଏହି ସୁଯୋଗରେ ଛାତ୍ରଛାତ୍ରୀଙ୍କଠାରୁ ମନଇଚ୍ଛା ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ସରକାରଙ୍କ ଏହି ଦୂରଦୃଷ୍ଟିବିହୀନ ନିଷ୍ପତ୍ତି ପରୋକ୍ଷରେ ଘରୋଇ ଶିକ୍ଷା ମାଫିଆଙ୍କୁ ପ୍ରୋତ୍ସାହନ ଦେଉଥିବା ପରି ମନେ ହେଉଛି। ସାଧାରଣତଃ ଆର୍ଥିକ ଅନଗ୍ରସର ଓ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ପଲିଟେକନିକ୍‌ରେ ଶସ୍ତାରେ ପାଠ ପଢ଼ି ବିଭିନ୍ନ ହସ୍ପିଟାଲ ଓ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇଥା'ନ୍ତି। ମାତ୍ର ଏଥର ପୋର୍ଟାଲରେ ନାମଲେଖା ସୁବିଧା ଉପଲବ୍ଧ ନ ଥିବାରୁ ସେମାନେ ନିଜ ପସନ୍ଦର ବିଷୟରେ ଶିକ୍ଷା ଗ୍ରହଣ କରିବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ଏହି ନୀତି ଗରିବ ପିଲାଙ୍କ ମେଧା ପ୍ରତି ଏକ ଉପହାସ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ସାମ୍ସ ପୋର୍ଟାଲରେ ତୁରନ୍ତ ଫାର୍ମାସି ସମେତ ସମସ୍ତ ଅଣବୈଷୟିକ ପାଠ୍ୟକ୍ରମ ପାଇଁ ଆବେଦନ ଲିଙ୍କ୍ ଖୋଲିବାକୁ ଅଭିଭାବକ ସଂଘ ଓ ଛାତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି। ପୂର୍ବବର୍ଷମାନଙ୍କ ପରି ମେଧାବୀ ପିଲାଙ୍କୁ ସରକାରୀ ସୁବିଧା ଯୋଗାଇ ନଦେଲେ, ଆଗାମୀ ଦିନରେ ଏହା ଏକ ବଡ଼ ଜନଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

---

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପି ମନ୍ତ୍ରୀ ନୀତେଶ...

ହାତକୁ ନେବା କିମ୍ବା ସରକାରୀ କର୍ମଚାରୀଙ୍କୁ ସର୍ବସାଧାରଣରେ ଅପମାନିତ କରିବା ଗ୍ରହଣୀୟ ନୁହେଁ। ଏହା 'କ୍ଷମତାର ଅପବ୍ୟବହାର' ଏବଂ ଏପରି ପ୍ରବୃତ୍ତି ଉପରେ ରୋକ୍ ଲଗାଇବା ଜରୁରୀ। ଏହି ମାମଲାରେ ସମୁଦାୟ ୩୦ ଜଣ ଅଭିଯୁକ୍ତ ଥିଲେ। କୋର୍ଟ ପ୍ରମାଣ ଅଭାବରୁ ଅନ୍ୟ ୨୯ ଜଣଙ୍କୁ ଖଲାସ କରିଛନ୍ତି। ନୀତେଶ ରାଣେଙ୍କୁ ବିଏନ୍‌ଏସ୍ ଧାରା ୫୦୪ (ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଅପମାନିତ କରିବା) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି। ନୀତେଶ ରାଣେ ବର୍ତ୍ତମାନ ମହାରାଷ୍ଟ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ଏବଂ ବନ୍ଦର ବିଭାଗର ମନ୍ତ୍ରୀ ଅଛନ୍ତି।

### ସିବିଆଇ ନିର୍ଦ୍ଦେଶକଙ୍କୁ...

କରିବା ସମୟରେ ତାଙ୍କ ଉପରେ ଆକ୍ରମଣ କରିବା ସହ ନିୟମ ଉଲ୍ଲଙ୍ଘନ କରିଥିଲେ। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶଶାଙ୍କ ନନ୍ଦନ ଭଟ୍ଟ ଉଭୟଙ୍କୁ ୩ ମାସ ଜେଲ୍ ଦଣ୍ଡ ସହ ୫୦-୫୦ ହଜାର ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି।

### ପଶ୍ଚିମ ବଙ୍ଗରେ...

ଅଭିଯୋଗ କରିଛନ୍ତି ଯେ ଶାନ୍ତି ଶୃଙ୍ଖଳା ନାମରେ କେନ୍ଦ୍ରୀୟ ପୁଲିସ ଏବଂ ବାହାର ପୁଲିସ ଅଧିକାରୀ ବିଜେପି ପାଇଁ କାମ କରୁଛନ୍ତି। ସେମାନେ ଟିଏମସି ନେତା ଓ କର୍ମୀଙ୍କୁ ଧମକଚମକ ଦେଉଛନ୍ତି। ନିର୍ବାଚନ କମିସନ ନିକଟରେ ଟିଏମସି ଅଭିଯୋଗ କରିବା ପରେ କମିସନ ଉକ୍ତ ଅଞ୍ଚଳର ସହକାରୀ ନିର୍ବାଚନ ଅଧିକାରୀଙ୍କୁ ସସପେଣ୍ଡ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୩ ତାରିଖରେ ୧୫୨ଟି ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା ଏବଂ ୧୪୭୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୯୩ ପ୍ରତିଶତ ମତଦାନ ହୋଇଥିଲା, ଯାହାକି ସ୍ୱାଧୀନ ଭାରତରେ ପଶ୍ଚିମ ବଙ୍ଗ ନିର୍ବାଚନ ଇତିହାସରେ ପ୍ରଥମ ଘଟଣା। କେବଳ ଏତିକି ନୁହେଁ, ଏହି ପର୍ଯ୍ୟାୟରେ କୌଣସି ଭୋଟ ଗ୍ରହଣ କେନ୍ଦ୍ରରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦିଆଯାଇ ନାହିଁ। ରାଜ୍ୟ ଇତିହାସରେ ଏହା ମଧ୍ୟ ପ୍ରଥମ ଘଟଣା। ଆସନ୍ତା ମଇ ୪ ତାରିଖରେ ପଶ୍ଚିମ ବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହେବ।

### ଭୋଟ ଦେଇପାରିବେନି ୧୨ ଲକ୍ଷରୁ ଅଧିକ ଭୋଟର

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମତଦାନ ଆସନ୍ତାକାଲି ହେଉଥିବା ବେଳେ ଲକ୍ଷ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ପ୍ରାୟ ୧୨.୯ ଲକ୍ଷ ଆବେଦନ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏପର୍ଯ୍ୟନ୍ତ ମାତ୍ର ୧,୪୬୮ ଜଣ ଭୋଟରଙ୍କୁ ଅନୁମତି ମିଳିଥିବା ବେଳେ ୬ଟି ଆବେଦନକୁ ଖାରଜ କରାଯାଇଛି। ଦକ୍ଷିଣ କୋଲକାତାର ଜୋକାସ୍ଥିତ ଆପେଲେଟ୍ ଟ୍ରିବ୍ୟୁନାଲଗୁଡିକରେ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଏପର୍ଯ୍ୟନ୍ତ ସମୁଦାୟ ୧୪ ଲକ୍ଷ ଆବେଦନ ମଧ୍ୟରୁ ମାତ୍ର ୧୩୯ଟିର ସମ୍ପୂର୍ଣ୍ଣ ସମାଧାନ ହୋଇଛି, ଯାହା ଫଳରେ ଅଧିକାଂଶ ଲୋକ ଚଳିତ ନିର୍ବାଚନରେ ଭୋଟ୍ ଦେବାରୁ ବଞ୍ଚିତ ହେବେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ଆବେଦନ ପେଣ୍ଡିଂ ଥିବା ଆଧାରରେ କେହି ଭୋଟ୍ ଦେଇପାରିବେ ନାହିଁ। କୋଲକାତାର ପ୍ରଚଣ୍ଡ ଖରାରେ ହଜାର ହଜାର ଭୋଟର ଟ୍ରିବ୍ୟୁନାଲ ବାହାରେ ଧାଡ଼ି ବାନ୍ଧି ନିଜର ମତାଧିକାର ଫେରିପାଇବାକୁ ଅପେକ୍ଷା କରି ରହିଛନ୍ତି।

### ଓଡ଼ିଶାରୁ ପଶ୍ଚିମବଙ୍ଗ...

ଓ ବିହାରରୁ ପୁଲିସ୍ ବାହିନୀ ମଧ୍ୟ ଅଣାଯାଇ ପଶ୍ଚିମବଙ୍ଗ ନିର୍ବାଚନକୁ ପ୍ରଭାବିତ କରାଯାଉଥିବା ସେ କହିଛନ୍ତି।

ଏପ୍ରିଲ୍ ୨୯ ତାରିଖରେ ଭାବନୀପୁର ବିଧାନସଭା ଆସନ ପାଇଁ ଭୋଟ୍ ପଡ଼ିବ। ଏହା ପୂର୍ବରୁ ମମତାଙ୍କ ଏହି ଅଭିଯୋଗ ରାଜନୈତିକ ଉଷ୍ମତାକୁ ଆହୁରି ବଢ଼ାଇଛି। ମମତା ନିଜେ ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିଛି। ଅନ୍ୟପଟେ ଓଡ଼ିଶାର ଏକାଧିକ ବିଜେପି ବିଧାୟକ ଓ ମନ୍ତ୍ରୀ ପଶ୍ଚିମବଙ୍ଗରେ ଡେରା ପକାଇଥିବାରୁ ମମତାଙ୍କ ଅଭିଯୋଗକୁ ଆହୁରି ଖୋରାକ ଯୋଗାଉଛି। ପୂର୍ବରୁ ଓଡ଼ିଶାର ବିଭିନ୍ନ ନିର୍ବାଚନରେ ସୀମାନ୍ତବର୍ତ୍ତୀ ବିଜେପି ଶାସିତ ରାଜ୍ୟଗୁଡ଼ିକର ପ୍ରଭାବ ରହୁଥିବା ନେଇ ଅଭିଯୋଗ ହେବାର ନଜିର ରହିଛି। ଗତ ନୂଆପଡ଼ା ଉପନିର୍ବାଚନ ସମୟରେ ଛତିଶଗଡ଼ର ବିଜେପି ନେତାମାନେ ଅର୍ଥ ଓ ବାହୁବଳର ସହଯୋଗ ଯୋଗାଇଥିବା ଅଭିଯୋଗ ହୋଇଥିଲା। ଏବେ ପଶ୍ଚିମବଙ୍ଗ ନିର୍ବାଚନରେ ଓଡ଼ିଶା ବିଜେପି ଅନୁରୂପ ସହଯୋଗ ଯୋଗାଉଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମବଙ୍ଗରେ ବିଜେପି ପକ୍ଷରୁ ବିଭିନ୍ନ ନିର୍ବାଚନୀ ସଭାରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ ଓ ବିଜେପିର ଅନେକ ବିଧାୟକ ପଶ୍ଚିମବଙ୍ଗରେ ଡ଼େରା ପକାଇଛନ୍ତି। ଓଡ଼ିଆ ଭୋଟରଙ୍କୁ ଏମାନେ ପ୍ରଭାବିତ କିରବା ପାଇଁ ସଭା ସମିତି ଆୟୋଜନ କରୁଥିବା ବେଳେ ଦଳ ପାଇଁ ଜୋରଦାର ପରିଶ୍ରମ କରୁଛନ୍ତି। ମାତ୍ର ମମତାଙ୍କ ଅଭିଯୋଗ ସମ୍ପର୍କରେ ବିଜେପି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନାହିଁ। ତେବେ ରାଜ୍ୟର ଜଣେ ପ୍ରଭାବଶାଳୀ ବିଧାୟକ ନିକଟରେ ଏକ କଳାରଙ୍ଗର ସ୍କୋର୍ପିଓ କିଣିଥିବାରୁ ଓ ମମତା କଳା ରଙ୍ଗର ସ୍କୋର୍ପିଓ କଥା ଉଲ୍ଲେଖ କରିଥିବାରୁ ଓଡ଼ିଶାର ଅନେକ ଲୋକ ଏହି ଅଭିଯୋଗକୁ କାକତାଳୀୟ ବୋଲି ମନେ କରିପାରୁ ନାହାନ୍ତି।

### ଉଚ୍ଚବାଲିରେ ୧୬୪୭ କୋଟିର...

ଜରିଆରେ ୭୦ଟି ଗ୍ରୀଡ୍‌କୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୦୦ ମସିହାରେ ରାଜ୍ୟରେ ୧୬ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବା ବେଳେ ଆଜି ତାହା ୧ କୋଟିରେ ପହଞ୍ଚିଛି। ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ୍ କରାଯିବ। ବିଶେଷକରି, ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।

ଖଣି ଖାଦାନଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତା'ର ହକ୍ ଫେରାଇବାର। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍‌କୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢ଼ୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି।

'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର,'ଏହି ଶବ୍ଦ ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଆଗାମୀ ଦିନରେ କେନ୍ଦୁଝର ଅଞ୍ଚଳରେ ଥିବା ସମସ୍ତ ଉପାନ୍ତ ଅଞ୍ଚଳକୁ ବିଦ୍ୟୁତ୍ ପହଞ୍ଚାଇବା ଲକ୍ଷ୍ୟ ରଖିଛୁ। ୨୦୨୮ ସୁଦ୍ଧା ସମଗ୍ର ଓଡ଼ିଶା ବିଦ୍ୟୁତ୍ ସଙ୍କଟରୁ ବାହାରିବ। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମେତ ଓପିଟିସିଏଲ୍ ସିଏମ୍‌ଡି ଭାସ୍କରଜ୍ୟୋତି ଶର୍ମା, ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ଗାଡ଼ି କାଚ...

କରିଛନ୍ତି। ବିଜେପି ପକ୍ଷରୁ ମହିଳା ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବିଜେପି ବିଧାୟକଙ୍କ ଏହିପରି କାର୍ଯ୍ୟକଳାପ ନିନ୍ଦନୀୟ ଅଟେ ବୋଲି ଶ୍ରୀ ମୁର୍ମୁ କହିଛନ୍ତି। ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରିନି।

### ଝାରସୁଗୁଡ଼ା ବିଶ୍ୱର...

ସହ ବର୍ଷା ଓ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଏହା ବ୍ୟତୀତ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ପବନର ବେଗ ୪୦-୫୦ କିମି ରହିବା ସହ ଏଠାରେ ବର୍ଷା ଓ ବଜ୍ରପାତ ଆଶଙ୍କାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

କାଳବୈଶାଖୀ ପ୍ରଭାବ ଯୋଗୁଁ ବଙ୍ଗୋପସାଗର ଉପକୂଳ ମଧ୍ୟ ଅଶାନ୍ତ ରହିବ। ଓଡ଼ିଶା ଉପକୂଳ ସମୁଦ୍ର ୨୮ ରୁ ୩୦ ମଧ୍ୟରେ ୫୦-୬୦ କିମି ବେଗରେ ପବନ ବହିବା ସହିତ ଝଟକା ପବନ ୭୦ କିମି ଛୁଇଁବାର ଆଶଙ୍କା ରହିଛି। ଏହାସହିତ ୧ ତାରିଖ ଓ ୨ ତାରିଖରେ ପବନର ବେଗ ୪୫-୪୫ ଓ ଝଟକା ପବନ ୬୫ କିମି ଛୁଇଁବାକୁ ଥିବାରୁ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ତେବେ କାଳବୈଶାଖୀ ସମୟରେ ଭୀଷଣ ବଜ୍ରପାତ ଆଶଙ୍କା ରହୁଥିବାରୁ ଏହି ସମୟରେ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବା ବେଳେ କୁଆପଥରରୁ ସୁରକ୍ଷିତ ରହିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

### ଜୁନ୍ ୧୨ ପରେ...

ଦୁଇବର୍ଷ ପରେ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ କରାଯାଇଥିବା ଦେଖାଯାଇଛି। ଅନୁରୂପ ଭାବରେ ଓଡ଼ିଶାରେ ମଧ୍ୟ ବିଜେପି ସେହି ଢ଼ାଞ୍ଚା ପ୍ରୟୋଗ କରିବ ବୋଲି ସୂଚନା ମିଳିଛି। ୨୦୨୪ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କ ମଙ୍ଗ ମୋହନ ମାଝୀ ଧରିବା ପରେ ଗତ ୨୦ ମାସ ହେଲା ୬ଟି ମନ୍ତ୍ରୀ ପଦ ପୂରଣ ହୋଇ ନାହିଁ। ରାଜ୍ୟ ସରକାରଙ୍କ ଅଧୀନସ୍ଥ ୩୫ଟି ବିଭାଗ ୧୬ ଜଣ ମନ୍ତ୍ରୀଙ୍କ ଉପରେ ନ୍ୟସ୍ତ ରହିଛି ଏବଂ ଜଣେ ଜଣେ ମନ୍ତ୍ରୀ ଦୁଇ ତିନିଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ଯାହା ଫଳରେ ପ୍ରଶାସନିକ ସମସ୍ୟା ସୃଷ୍ଟି ହେଉଛି ଏବଂ ଏହାଦ୍ୱାରା ସେମାନଙ୍କର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ମଧ୍ୟ ପ୍ରଶ୍ନ ଉଠୁଛି। ଅନେକ ମନ୍ତ୍ରୀ ନିଜ ବିଭାଗ ସମ୍ଭାଳିବାରେ ଅକ୍ଷମ ହେଉଛନ୍ତି, ମାତ୍ର ଅନ୍ୟ ବିଭାଗର କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଦେଖାଯାଉଛି। ନୂଆ ମନ୍ତ୍ରିମଣ୍ଡଳରେ ଯେପରି ଏହି ସମସ୍ୟା ଦେଖାଯିବ ନାହିଁ, ତାହାକୁ ଦୃଷ୍ଟି ଦିଆଯିବ ବୋଲି ସୂଚନା ମିଳିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ୧୬ଜଣ ମନ୍ତ୍ରୀଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ମନ୍ତ୍ରୀଙ୍କ କାର୍ଯ୍ୟକୁ ନେଇ ନକରାତ୍ମକ ରିପୋର୍ଟ ଜାତୀୟ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଏହି ମନ୍ତ୍ରୀମାନେ ବିଭିନ୍ନ ସମୟରେ ବିବାଦୀୟ ଟିପ୍ପଣୀ ଓ କାର୍ଯ୍ୟ ସରକାରଙ୍କ ଛବିକୁ ମଳିନ କରିଛି। ତେଣୁ ସେମାନଙ୍କୁ ମନ୍ତ୍ରୀ ପରିଷଦରୁ ବାଦ ଦିଆଯାଇପାରେ ବା ସେମାନଙ୍କର ବିଭାଗ ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଉଛି।

---


**AFFIDAVIT**

By virtue of an affidavit **no.3972** before the **Executive Magistrate, Khordha, dtd. 17.12.2025,** I, Abdul Rajak, S/o Sukur Khan, resident of Vill: Haripur, PO: Anda, PS: Khordha Sadar, Dist: Khordha, Odisha, do hereby declare that my name is wrongly recorded as Rajak Khan in my Aadhaar Card. My correct name is Abdul Rajak as per my educational records. Henceforth, I shall be known as **Abdul Rajak** for all purposes in the Govt. / Non Govt. Levels.

**Abdul Rajak**

**ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଟ୍ଟାଙ୍ଗି, କୋରାପୁଟ**

ପତ୍ର ସଂଖ୍ୟା : GHSS/85/2026 ତା.୨୭.୦୪.୨୦୨୬

**ନିଯୁକ୍ତି ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଯୋଗ୍ୟ ଓ ଇଚ୍ଛୁକ ପ୍ରାର୍ଥୀ ମାନଙ୍କୁ ଜଣାଇ ଦିଆଯାଉଅଛି କି ଯେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଟ୍ଟାଙ୍ଗି "ମାଳି-ସହ-ରାତ୍ର ଜଗୁଆଳି" ଗୋଟିଏ ଚୁକ୍ତିଭିତ୍ତିକ ପଦ ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯାଉଛି। ଉପରୋକ୍ତ ପଦ ସକାଶେ ପ୍ରାର୍ଥୀଙ୍କ ଯୋଗ୍ୟତା, ଆବେଦନର ସମୟ ଓ ବୟସ ସୀମା ନିମ୍ନରେ ପ୍ରଦତ୍ତ ହେଲା:-

୦୧. ପଦ: ମାଳି-ସହ-ରାତ୍ର ଜଗୁଆଳି

୦୨. ଯୋଗ୍ୟତା : ୧୦ମ ପାସ୍

୦୩. ଆବେଦନ ସମୟ: ୨୯.୦୪.୨୦୨୬ରୁ ୧୩.୦୫.୨୦୨୬

୦୪. ବୟସ ସୀମା: ୨୧ ରୁ ୩୨ ବର୍ଷ ମଧ୍ୟରେ

ଆବେଦନ ପତ୍ର ରେଜିଷ୍ଟ୍ରି ଡାକ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟସୀମା ପରେ ଆବେଦନ ପତ୍ର ଗ୍ରହଣ ହେବ ନାହିଁ। ବିନା କାରଣ ଦର୍ଶାଇ ଅଧିକାରୀ ଆବେଦନ ପତ୍ର ରଦ୍ଦ କରିପାରିବେ। ମାସିକ ବେତନ ଅନୁଷ୍ଠାନର ନିୟମ ଅନୁସାରେ ପରିବର୍ତ୍ତନଶୀଳ।

ଅଧ୍ୟକ୍ଷ
ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ପଟ୍ଟାଙ୍ଗି, କୋରାପୁଟ - ୭୬୪୦୩୯

**OFFICE OF THE PANCHAYAT SAMITI, BIJATALA, MAYURBHANJ**

At/P.O.-Bijatala, Dist.-Mayurbhanj, Odisha, Pin-757048

E-Mail: ori-bijatola@od.gov.in

TCN NO-01/2026-27 Date: 29.04.2026

19001/35/2627

Advt.No: 01 Date: 29.04.2026

The Block Development Officer, BIJATALA BLOCK invites sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. conformity with the DTCN are invited from the "B", "C", & "D" Class contractors or equivalent for execution of works under Panchayat Samiti, BIJATALA BLOCK as detailed in Annexure-1. The tender document (DTCN & BOQ) can be obtained from district NIC website (www.mayurbhanj.nic.in) from Dt. 29.04.2026 to 11.05.2026 till 5.00 P.M. The tender document (BOQ) duly signed by the Contractors should be accompanied with the self-attested photo copy of valid GST certificate, PAN card, Registration Certificate and requisite EMD in shape of NSC / Time Deposit duly pledged in favour of BDO, BIJATALA BLOCK payable at "BIJATALA BLOCK", from any Nationalized Bank. The tender document (BOQ) should accompany with requisite tender paper cost in shape of Demand Draft drawn in favour of BDO, BIJATALA BLOCK, payable at "BIJATALA BLOCK" from any Nationalized Bank. The tenders will be received up to Dt. 11.05.2026 till 05.00 p.m. and addressed to O/O Block Development Officer, BIJATALA BLOCK, Mayurbhanj, 757048 through speed post only at Block Office. The tender to be opened on Dt. 13.05.2026 at 11.00 A.M. at Block Conference Hall, O/O the Block Development Officer, BIJATALA BLOCK Mayurbhanj, 757048 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials and go through the IFB & DTCN for required documents and other details. The detail terms and conditions can be seen at NIC Website (www.mayurbhanj.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof. Again the authority will not be held responsible for delivering of the documents or non-receipt of the same.

OIPR-19001/19103/1/26-27/0001

**Block Development Officer,**
**Bijatala Block, Mayurbhanj**

**NOTICE**

By this of an affidavit sworn before Executive Magistrate, Pipili, dated 27.04.2026, I Pokho Raj of Vill- Kudiary, Rajabazar, Po/Ps-Jatani, Dist-Khordha, Pin-752050 declare that I have changed the name from Shyamal Kumar Patra to Pokho Raj. Henceforth, I shall be known as **Pokho Raj** for all purposes.

**Pokho Raj**

**AFFIDAVIT**

I, **Pitambar Mohanty,** S/o-Subas Chandra Mohanty, At-Kushi(Korakora),Po-Lalbag,Ps/Dist-Jajpur, Odisha, Pin-755007, declare by this affidavit No-7100 Date-28.04.2026 that now onwards I Shall be known as **Pitambar Mohanty S/O Subash Chandra Mohanty** For all future purposes.

**Pitambar Mohanty**

**AFFIDAVIT**

I **DIPTY PRAKASH SUBUDHI** S/O BISWANATH SUBUDHI RESIDENT AT LB- 8, AT/PO-BADAGADA BRIT COLONY, PS- BADAGADA, BHUBANESWAR- 751018 , ODISHA DECLARE BY THIS AFFIDAVIT NO- 16916, DATE- 28.04.2026, THAT NOW ONWORDS I SHALL BE KNOWN AS **DIPTI PRAKASH SUBUDHI** FOR ALL FUTURE PURPOSES

**AFFIDAVIT**

By virtue of an Affidavit before Notary Public, Malkangiri, **I Muke Madi**, aged about 55 years, W/o: Bhima Madi, resident of village: Karastaguda, PO.: Tumusapalli, P.S.: Korukonda, Dist.: Malkangiri, Odisha, declare by this Affidavit No.: 1189, Dated: 28/04/2026 that I have changed my name from Mude Madi to Muke Madi. Henceforth I shall be known as **Muke Madi** for all future purposes.

**AFFIDAVIT**

I **SAROJ KUMAR MAHARANA** S/O HARIHAR MAHARANA RESIDENT AT/PO-HARIHARPUR, PS- SARANKUL, DIST-NAYAGARH- 752080 , ODISHA DECLARE BY THIS AFFIDAVIT NO- 16915, DATE- 28.04.2026, THAT NOW ONWORDS I SHALL BE KNOWN AS **SAROJ MAHARANA** FOR ALL FUTURE PURPOSES

**AFFIDAVIT**

I, Surendra Pr Mohanty, aged about 61 years, S/o- Narayan Mohanty, resident of At- Kulhi, Po-Goladia, Ps- Chandbali, Dist- Bhadrak, PIN-756133, Odisha declared by this affidavit No. 811, dtd- 23/04/2026 that now onwards I shall be known as **SURENDRA MOHANTY** for all future purposes.

**AFFIDAVIT**

I, Asma parveen, aged about 34 years, W/o-Mohammed Ashif, resident of At-Kumbharpara, Po/Ps-Raighar, Dist-Nabarangapur, PIN-764074, Odisha declared by this affidavit No. 831, dtd- 26/04/2026 that now onwards I shall be known as **ASMA PARBEEN** for all future purposes.

**AFFIDAVIT**

By virtue of an affidavit sworn before the Notary public, jagatsinghpur dated 08.04.2026, I, Himanshu Bhusan Nanda, aged about 56 yrs, son of Pramod Chandra Nanda village-Uttarsasan Mahajan Sahi, Madhyasasan PS-Biridi, Dist-Jagatsinghpur do hereby solemnly affirm and state as follows : That I am the permanent resident of above noted address having two other brothers. That due to too old age of my father, being 86 years of old, he is forgetting his consciousness and unable to do his work. That , in this situation of my father , if any other try to mislead the stable and unstable land in the name of my father, I and my other two brothers will not be responsible for the same. That, I swear this affidavit to be produced before the concerned authority as and where it will be required. That, the facts stated above are all true to the best of my knowledge and belief.

ସକାଳ THE SAKALA



### ଅମୃତ ଭାରତ ଯୋଜନାରେ ହେଉଛି ବେତନଟୀ ଷ୍ଟେସନର ନବୀକରଣ

# ଦୁଇବର୍ଷ ପରେ ବି ସରୁନି କାମ, ଯାତ୍ରୀଙ୍କ ଅସନ୍ତୋଷ

ବେତନଟୀ, ୨୮।୪(ସମିସ):



କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଳ ଷ୍ଟେସନର ନବୀକରଣ କାମ ଚାଲିଛି। ଇତିମଧ୍ୟରେ ଦୁଇବର୍ଷ ଅତିକ୍ରମ କରିଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇନାହିଁ। କାମ ବିଳମ୍ବ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି।

୨୦୨୪ ଜାନୁଆରୀରେ ଆରମ୍ଭ ହୋଇଥିବା ବେତନଟୀ ଷ୍ଟେସନ ନବୀକରଣ କାମ ପାଇଁ ୧୨ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ତତ୍କାଳୀନ କେନ୍ଦ୍ର ଜଳସେଚନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ ପ୍ରମୁଖ ଏହି ପ୍ରକଳ୍ପର ଶିଳାନ୍ୟାସ କରି ଅଞ୍ଚଳର ବିକାଶ ପାଇଁ ସ୍ୱପ୍ନ ଦେଖାଇଥିଲେ। ଏ ପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ନିରାଶ ହୋଇଛନ୍ତି। ବେତନଟୀ ଷ୍ଟେସନ ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନକୁ ରେଳ ସଂଯୋଗ ବିଷୟରେ ମଧ୍ୟ ଏବେ ପ୍ରଶ୍ନ ଉଠୁଛି। ରୁପ୍‌ସା-ବାଙ୍ଗିରିପୋଷି ରେଳ ରୁଟ (୮୯ କିମି) ୧୯୦୫ରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନିଜସ୍ୱ ପାଣ୍ଠିରେ ନିର୍ମିତ ହୋଇଥିଲା ଓ ଜିଲ୍ଲାର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଗେଜ ରୂପାନ୍ତରଣ ପରେ ଏହି ରୁଟ୍‌ରେ ସୀମିତ ଟ୍ରେନ ଚଳାଚଳ ହେଉଛି। ଗୋଟିଏ ଟ୍ରେନ ବାଙ୍ଗିରିପୋଷିରୁ ପୁରୀ ପର୍ଯ୍ୟନ୍ତ ଦୈନିକ ଓ ଅନ୍ୟଟି ସପ୍ତାହରେ ମାତ୍ର ଚାରିଦିନ ବାରିପଦା-ଭଞ୍ଜପୁରରୁ ସାଲିମାର ପର୍ଯ୍ୟନ୍ତ ଯାଉଛି। ଜିଲ୍ଲାରୁ ଦୂରଗାମୀ ଟ୍ରେନ ସେବା ଆରମ୍ଭ ହୋଇ ନ ଥିବାରୁ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଶ୍ରମ ପାଇଁ ଯାଉଛନ୍ତି। ଏଥିସହିତ ବେତନଟୀ ସହରରେ ରେଳପଥ ସହରକୁ ଦୁଇଭାଗରେ ବିଭକ୍ତ କରୁଛି। ଷ୍ଟେସନ ନିକଟରେ ଥିବା ରେଳ ଫାଟକ ବନ୍ଦ ରହିବା ଯୋଗୁଁ ଟ୍ରାଫିକ ଜାମ ହେଉଛି। ଓଭରବ୍ରିଜ ନିର୍ମାଣ ଦାବି ବାରମ୍ବାର ଉଠୁଛି। ନିକଟରେ ନିର୍ମାଣ ହେଉଥିବା ଗଳା ପୋଲର କାର୍ଯ୍ୟ ଦେଢ଼ ବର୍ଷ ଧରି ଚାଲୁଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ, ଯାହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଅସୁବିଧାଜନକ ହୋଇ ପଡିଛି। ସ୍ଥାନୀୟ ଲୋକେ ଓ ବିଭିନ୍ନ ମହଲରୁ ବେତନଟୀ ଷ୍ଟେସନ ନବୀକରଣ, ଓଭରବ୍ରିଜ ନିର୍ମାଣ, ଗଳା ପୋଲ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା, ବାଙ୍ଗିରିପୋଷିରୁ ବେଙ୍ଗାଲୁରୁ କିମ୍ବା ଚେନ୍ନାଇ ପର୍ଯ୍ୟନ୍ତ ଦୂରଗାମୀ ଟ୍ରେନ ଚଳାଚଳ ଆରମ୍ଭ କରାଇବା ପାଇଁ ଦାବି କରୁଛନ୍ତି। ଏହା ଜିଲ୍ଲାର ଅର୍ଥନୈତିକ ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ଆଶା କରିଛନ୍ତି।

## ପ୍ରାଣୀ ବିଜ୍ଞାନ ବିଭାଗର ପାଠଚକ୍ର



ବାରିପଦା, ୨୮।୪(ସମିସ): ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱରା ଏକ ବିଭାଗୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ରୋଗ ସହିତ କୋଷର ଭୂମିକା ଓ ଆମ ଶରୀରରେ ଥିବା କୋଷଗୁଡିକ ରୋଗର ପ୍ରାରମ୍ଭିକ ପର୍ଯ୍ୟାୟରେ କିପରି ସଙ୍କେତ ଦେଇଥାଆନ୍ତି, ସେ ସମ୍ପର୍କରେ ଏକ ସୁନ୍ଦର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପାଠଚକ୍ରରେ ମୁଖ୍ୟ ଆଲୋଚକ ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଗାର୍ଗୀ ମହାନ୍ତି ଯୋଗଦେଇ ଆମ ଶରୀରରେ କୋଷର ଭୂମିକା, ରୋଗ ହେଲେ ସେ ଆମକୁ କିପରି ବିଭିନ୍ନ ସଂକେତ ଦିଏ, ରୋଗ ଦ୍ୱାରା ପ୍ରଭାବିତ କୋଷ କିପରି ଅନ୍ୟ କୋଷକୁ ପ୍ରଭାବିତ କରେ ଇତ୍ୟାଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକ ସିଂହ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠଚକ୍ରର ମହତ୍ତ୍ୱ ଜ୍ଞାନର ବିକାଶରେ ଏହା କିପରି ସାହାଯ୍ୟ କରେ, ସେ ସମ୍ପର୍କରେ ଉଦବୋଧନ ଦେବା ସହିତ ପାଠଚକ୍ରର ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ସୁଶ୍ରୀ ସଂଗୀତା ପତି ପାଠଚକ୍ରର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ ସ୍ମରଣିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥି ଅଧ୍ୟାପିକା ସୁଶ୍ରୀ ଉମାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ।

## ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବେତନଟୀ, ୨୮।୪(ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ଆଗ୍ରିଆ ଛକ ଓଭରବ୍ରିଜ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଆଗ୍ରିଆ ଛକ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ବାଲେଶ୍ୱର ଅଭିମୁଖେ ଯାଉଥିବା ବାଇକ୍‌କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ବାଇକଟି ରାସ୍ତା ମଝିରେ ଥିବା ଡିଭାଇଡର ଉପରକୁ ଛିଟିକି ପଡ଼ିଥିଲା ଓ ବାଇକ ଚାଳକ ରାସ୍ତା ଉପରେ ଗାଡ଼ି ଆଗରେ ପଡ଼ିଯାଇଥିଲେ। ଉକ୍ତ ଗାଡ଼ି ତାଙ୍କ ଉପରେ ଚଢିଯାଇଥିଲା ଓ ବାଇକ୍ ଚାଳକ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ମୃତକଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ନାବାଳିକା ଗର୍ଭବତୀ ଅଭିଯୋଗ

କୁଆମରା,୨୮।୪(ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକା ୭ ମାସର ଗର୍ଭବତୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକର ବୟସ ୧୪ ବର୍ଷ ବୟସ ହୋଇଥିବାବେଳେ ନାବାଳକଙ୍କ ବୟସ ୧୭ ବର୍ଷ। କିଛି ମାସ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଶାରିରୀକ ସମ୍ପର୍କରୁ ନାବାଳିକା ଗର୍ଭବତୀ ହୋଇଛନ୍ତି। ପରିବାର ଲୋକ ଏହା ଜାଣିବା ପରେ ଉଭୟ ପରିବାରକୁ ନେଇ ଗ୍ରାମରେ ବୈଠକ ବସିଥିଲା। ମାତ୍ର ସମାଧାନ ରାସ୍ତା ବାହାରି ନ ପାରିବାରୁ ପୀଡିତାଙ୍କ ବାପା ଏ ନେଇ ଥାନାରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୧୧୨/୨୬ରେ ଏକ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

## ବଜ୍ରପାତରେ ମହିଳା ମୃତ

ଶୁଳିଆପଦା,୨୮।୪(ସମିସ): ଶୁଳିଆପଦା ବ୍ଲକ୍ ଚୁହାଟ ପଞ୍ଚାୟତ ଅଧୀନ ଧଖମଣ ଗ୍ରାମରେ ବଜ୍ରପାତ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଧଖମଣ ଗ୍ରାମର ସ୍ୱର୍ଗତ ବିଜୟ ମୁର୍ମୁଙ୍କ ଘରଠାରୁ ପ୍ରାୟ ଶହେ ମିଟର ଦୂରରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ବଜ୍ରାଘାତ ହୋଇ ଟ୍ରାନ୍ସଫର୍ମର ହୁତୁହୁତୁ ହୋଇ ଜଳିଯାଇଥିଲା। ଏହାର ପ୍ରଭାବରେ ଘର ଭିତରେ ଖାଉଥିବା ସ୍ୱର୍ଗତ ମୁର୍ମୁଙ୍କ ସ୍ତ୍ରୀ ଚୁଡାମଣୀ ସଂଜ୍ଞାହୀନ ହୋଇ ପଡିବା ସହିତ ତାଙ୍କ ଘରକୁ ଆସିଥିବା ପଶ୍ଚିମବଙ୍ଗ ଅଧୀନ ରାଖଣୀ ଗ୍ରାମର ଫୁଲମଣୀ ବେସ୍ରା ଆହତ ହେବା ସହିତ ଘରେ ଥିବା ଏକ ବିରାଟ ଘୁସୁରୀର ତତକ୍ଷଣାତ୍ ମୃତ୍ୟୁ ଘଟିଥିଲା। ବଜ୍ରପାତ ପ୍ରଭାବରେ ସ୍ୱର୍ଗତ ମୁର୍ମୁଙ୍କ ଘରର କାନ୍ଥ ଫାଟିଯିବା ସହିତ ବିଭିନ୍ନ ସ୍ଥାନରେ ଗାତ ହୋଇଥିବା ଦେଖିବାକୁ ମିଳିଛି। ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ପ୍ରଥମେ କୋଷ୍ଟା ଓ ପରେ ବାରିପଦାସ୍ଥ ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କୋଷ୍ଟା ଡାକ୍ତରଖାନାରେ ଡାକ୍ତର ଚୁଡାମଣୀଙ୍କୁ ମୃତ ଘୋଷଣା କରିଥିବାବେଳେ ଫୁଲମଣୀ ଚିକିତ୍ସିତ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ଶୁଳିଆପଦା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଗୋ-ସମ୍ମାନ ଆହ୍ୱାନ ଅଭିଯାନ

ବାରିପଦା,୨୮।୪(ସମିସ): ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଗୋ-ମାତାଙ୍କୁ ଉଚିତ ସମ୍ମାନ, ସୁରକ୍ଷା ଓ ସେବା ଯୋଗାଇଦେବା ଲକ୍ଷ୍ୟରେ ସୋମବାର ବାରିପଦା ସହରରେ "ଗୋ-ସମ୍ମାନ ଆହ୍ୱାନ ଅଭିଯାନ' କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋ-ମାତାଙ୍କୁ ରାଷ୍ଟ୍ରମାତା ଭାବେ ଘୋଷଣା କରିବା ସହ ଦେଶରେ ସଂପୂର୍ଣ୍ଣ ଗୋ-ହତ୍ୟା ନିଷେଧ କରିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଦାବି କରାଯାଇଛି। ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ଶତାଧିକ ଗୋପ୍ରେମୀଙ୍କ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ କମିଟିର କର୍ମକର୍ତ୍ତା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାରିପଦା ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଅଭିଯାନ କମିଟି ପକ୍ଷରୁ ଆନ୍ଦୋଳନର ତିନୋଟି ମୁଖ୍ୟ ବିଷୟ ଉପସ୍ଥାପନ କରାଯାଇଛି। ଗୋ-ମାତାଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ଗବେଷଣା ଓ ସରକାରୀ ଅନୁଦାନ ବ୍ୟବସ୍ଥା କରିବା, ସାରା ଭାରତବର୍ଷରେ ଗୋ-ହତ୍ୟାକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ଓ ଗୋ-ମାତାଙ୍କୁ ରାଷ୍ଟ୍ରମାତା ଭାବେ ସାମ୍ବିଧାନିକ ମାନ୍ୟତା ଓ ମୌଳିକ ଅଧିକାର ପ୍ରଦାନ କରିବା ଆଦି ରହିଛି । ଗୋ-ମାତାଙ୍କ ଶରୀରରେ ୩୩ କୋଟି ଦେବାଦେବୀଙ୍କ ଶକ୍ତି ନିହିତ। ଗୋବର, କ୍ଷୀର, ଦହି ଓ ଘିଅ ପରି ପଞ୍ଚଗବ୍ୟ କେବଳ ସୁଷମ ଖାଦ୍ୟ ନୁହେଁ, ବରଂ ଏହା ମହୌଷଧି ସଦୃଶ। ଏଥିସହ ଜୈବିକ କୃଷିର ମୂଳ ଆଧାର ହେଉଛି ଗୋବର ଓ ଗୋମୂତ୍ର। ତେଣୁ ଦେଶର ପ୍ରକୃତ ବିକାଶ ଓ ଶାନ୍ତି ପାଇଁ ଗୋ-ସୁରକ୍ଷା ଅପରିହାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ବାରିପଦା ଓ ଆଖପାଖ ଅଞ୍ଚଳର ବହୁ ଗୋ-ସେବକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଗୋ-ମାତାଙ୍କ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ।



● ଜିଲ୍ଲା ଶିଶୁ କଲ୍ୟାଣ କମିଟି ପୁନର୍ଗଠନ

## ଭାସ୍ୱତୀ ବାରିକ ନୂତନ ଅଧ୍ୟକ୍ଷା



ବାରିପଦା, ୨୮।୪(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ସୁରକ୍ଷା ଓ କଲ୍ୟାଣକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ପାଇଁ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ପୁନର୍ଗଠନ କରାଯାଇଛି। ନୂତନ କମିଟି ଅଧ୍ୟକ୍ଷା ଭାବେ ଭାସ୍ୱତୀ ବାରିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାରିପଦାର ଷ୍ଟେସନ ବଜାରସ୍ଥ କାର୍ଯ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ଘଡ଼େଇଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହିତ କମିଟିର ଅନ୍ୟ ସଦସ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର ହୋଇଛି। କମିଟି ସଦସ୍ୟ ଭାବେ ରଞ୍ଜିତା ପଣ୍ଡା, ସୁମିତ୍ରା ସ୍ୱାଇଁ, ସୁରଥ କୁମାର ପଟ୍ଟନାୟକ ଓ ଗିରିଜା ଶଙ୍କର ରାଉତ ନିଯୁକ୍ତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ନୂତନ କମିଟି ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିଶୁଙ୍କ ସୁରକ୍ଷା, ପୁନର୍ବାସ, ଶିକ୍ଷା ଓ ଅଧିକାର ସୁନିଶ୍ଚିତ କରିବାରେ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଥିଲା। ନୂତନ ଅଧ୍ୟକ୍ଷା ଭାସ୍ୱତୀ ବାରିକ କହିଥିଲେ, ଶିଶୁଙ୍କ ସମସ୍ୟା ତ୍ୱରିତ ସମାଧାନ, ସୁରକ୍ଷିତ ପରିବେଶ ଓ ସଚେତନତା ବୃଦ୍ଧି ପାଇଁ କମିଟି ସଦା ପ୍ରତିବଦ୍ଧ ରହିବ।

## ରାଜ୍ୟ ଚାମ୍ପିଅନସିପ୍‌ରେ ଉତ୍କଳ କରାଟେ ସ୍କୁଲକୁ ୧୫ ପଦକ

ବାରିପଦା, ୨୮।୪(ସମିସ): ଭୁବନେଶ୍ୱରସ୍ଥ ଉତ୍କଳ କରାଟେ ସ୍କୁଲରେ ୩୭ତମ ରାଜ୍ୟ କ୍ୟାଡେଟ୍, ଜୁନିୟର ଓ ୩୮ତମ ସବ୍‌ଜୁନିୟର କରାଟେ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡକ୍ଟର ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚାମ୍ପିଅନସିପ ଆୟୋଜିତ ହୋଇଥିଲା। ଏଥିରେ ବାରିପଦା ଉତ୍କଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାର୍ଗଡାହିସ୍ଥ ଜୁବ୍ଲି ପେଟ୍ରୋଲ ପମ୍ପ ପାଖ) ଖେଳାଳି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରଶିକ୍ଷକ ସୁଶାନ୍ତ ବାରିକଙ୍କ ନେତୃତ୍ୱରେ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ଭାର୍ଗଭ ବାସୁରି, ଆରାଧ୍ୟା ମହାର୍ଣ୍ଣ, ତାନ୍ୟା ତାପ୍ତି ମହାନ୍ତି କାତାରେ କାଂସ୍ୟ ପଦକ, ରିତିକାରାଣୀ ବେହେରା, କ୍ରିଶଦୀପ କୁଣ୍ଡୁ, କିଷ୍କିନ୍ଧ୍ୟା ସ୍କୁର୍ମୁ, ପ୍ରାଞ୍ଜଳି ବାସୁରୀ, ଆଦିର ଦେ କୁମିତେରେ ରୌପ୍ୟ, ଜିଜ୍ଞାସା ବାସୁରି, ପ୍ରାଞ୍ଜଳି ହେମ୍ବ୍ରମ, ସମୀକ୍ଷା ବାରିକ, ତାନ୍ୟା ତାପ୍ତି ମହାନ୍ତି କୁମିତେରେ କାଂସ୍ୟ ପଦକ ହାସଲ କରିଛନ୍ତି। ଇତିଶ୍ରୀ ନାଏକ, ଜିଜ୍ଞାସା ବାସୁରି, କିଷ୍କିନ୍ଧ୍ୟା ମୁର୍ମୁ ଦଳଗତ କାତାରେ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ, ସେକ୍ରେଟାରୀ ଯଦୁନାଥ ନାୟକ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ଶାମାଖୁଣ୍ଟା ବିଡିଓଙ୍କୁ ବେତନଟୀ ବ୍ଲକର ଅତିରିକ୍ତ ଦାୟିତ୍ୱ



ବେତନଟୀ, ୨୮।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକରେ ନୂତନ ବିଡିଓ ଭାବେ ମୁନା ସେଠୀ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ ଶାମାଖୁଣ୍ଟା ବ୍ଲକର ବିଡିଓ ଭାବେ କାର୍ଯ୍ୟରତ। ପୂର୍ବତନ ବିଡିଓ ସୁଶାନ୍ତ ସୂତାରଙ୍କ ନିଲମ୍ବନ ପରେ ଶ୍ରୀ ସେଠୀଙ୍କୁ ଦାୟିତ୍ୱ ମିଳିଛି। ଏ ଅବସରରେ ବେତନଟୀ ମିଡ଼ିଆ ଆସୋସିଏସନ ପକ୍ଷରୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ହୋଇଥିଲା। ସାକ୍ଷାତକାରରେ ମୁନା ସେଠୀ ବେତନଟୀ ବ୍ଲକର ବିକାଶମୂଳକ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ସମସ୍ୟା ଓ ପ୍ରଶାସନିକ କାର୍ଯ୍ୟକୁ ଆହୁରି ଗତିଶୀଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସେଠୀ କହିଥିଲେ, ଉଭୟ ବ୍ଲକରେ ସମନ୍ୱୟ ରଖି ସ୍ୱଚ୍ଛ ଓ ଦକ୍ଷ ପ୍ରଶାସନ ପ୍ରଦାନ କରିବା ତାଙ୍କର ଲକ୍ଷ୍ୟ ରହିବ। ବେତନଟୀ ବ୍ଲକର ବିଭିନ୍ନ ଯୋଜନା ପାନୀୟଜଳ ଯୋଗାଣ, ଦୀର୍ଘଦିନ ଧରି ସଫା ହୋଇ ନ ଥିବା ଡ୍ରେନ ସଫା, ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସେ ପ୍ରାଥମିକତା ଦେବେ ବୋଲି ସୂଚନା ଦେଇଛନ୍ତି। ବେତନଟୀ ମିଡ଼ିଆ ଆସୋସିଏସନ ସଦସ୍ୟ ଏହି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଘାଟିତ



ରାଇରଙ୍ଗପୁର,୨୮।୪(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଇରଙ୍ଗପୁର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ବଳରାମ ବାରିକ, ସିଆରସିସି ଧିରେନ ମହାନ୍ତ ଓ ଜିଲ୍ଲା ପ୍ରମୁଖ ବାବୁଲାଲ ଦାସ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ କେଦାରନାଥ ବାରିକ ସହଯୋଗ କରିଥିଲେ। ବିଦ୍ୟାଳୟର ଶିଶୁ ଓ ଭଉଣୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉକ୍ତ ସାମୂହିକ ଆଚାର୍ଯ୍ୟ କର୍ମଶାଳାରେ ସଙ୍କୁଳସମସ୍ତ ବିଦ୍ୟାଳୟ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଅବହେଳିତ ଐତିହାସିକ କଇଁସାରୀ ରାଜଗଡ଼

ଗୋପବନ୍ଧୁନଗର/ଉଦଳା,୨୮।୪(ସମିସ):





ବହୁ ପୁରାତନ ଐତିହାସିକ କଇଁସାରୀ ଗଡ଼ ସୋନନଦୀ କୂଳରେ ଅବସ୍ଥିତ ଥିଲା। ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ କଇଁସାରୀ ଏକ ରାଜାରାଜୁଡ଼ା ଗାଁ। ଏହି ଗାଁ ଏବେ ଅବହେଳିତ ଅବସ୍ଥାରେ ରହିଛି। ପ୍ରତ୍ନତତ୍ତ୍ୱବିତଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଫଳରେ ଏହି ଐତିହାସିକ ଗାଁ ତା'ର ସତ୍ତା ହରାଇବାକୁ ବସିଛି। ଏହି ଗ୍ରାମର ଉନ୍ନତି ପାଇଁ ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ଅତୀତରେ ଏଠାରେ ରାଜାଙ୍କର ଗଡ଼ ଥିଲା। ଏକ ଧନଧାନ୍ୟଭରା ରାଜ୍ୟର ରାଜଧାନୀ ଥିଲା କଇଁସାରୀ। ଜିଲ୍ଲା ଗେଜେଟିୟର ଓ ପଣ୍ଡିତ ଶ୍ରୀନାଥ ମିଶ୍ରଙ୍କ ବିରାଟ ବଂଶ କାବ୍ୟରୁ ମିଳୁଥିବା ତଥ୍ୟ ଅନୁସାରେ ଏହି ରାଜ୍ୟ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଜଣେ ବିତାଡ଼ିତ ସାମନ୍ତ ଫଣି ମୁକୁଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଏହି ଗଡ଼ର ଜଣେ ମହାପରାକ୍ରମୀ ରାଜା ବସନ୍ତ ବିରାଟ ଗଜପତି ପୁରୁଷୋତ୍ତମଦେବଙ୍କ ସେନାପତି ହୋଇ ଗଜପତିଙ୍କୁ ବିଜୟର ମୁକୁଟ ପିନ୍ଧାଇଥିଲେ। ଯୁଦ୍ଧରେ ବସନ୍ତ ବିରାଟଙ୍କ ପରାକ୍ରମ ଓ ପୌରୁଷରେ ମୁଗ୍ଧ ହୋଇ ଗଜପତିଙ୍କ ଦୁଇକନ୍ୟା ହଂସବତୀ ଓ କଳାବତୀ ତାଙ୍କୁ ବିବାହ କରିଥିଲେ। ତିନିଜଣ ସ୍ଥାନୀୟ ଜମିଦାରଙ୍କୁ ପରାଜିତ କରି ସେମାନଙ୍କର ଜମିଦାରି ଉପରେ ନୀଳଗିରି ରାଜ୍ୟ ସ୍ଥାପନ କରିଥିଲେ ବସନ୍ତ ବିରାଟ। ନୀଳଗିରି ରାଜ୍ୟର ଶାସନ ରାଣୀ କଳାବତୀଙ୍କ ସନ୍ତାନଙ୍କୁ ଦେଇଥିଲେ। ଗଜପତିଙ୍କ ସହ ତାଙ୍କର ସମ୍ପୃକ୍ତି ହେତୁ ତାଙ୍କ ଶାସନ କାଳରେ ଜଗନ୍ନାଥ ମହାପ୍ରଭୁ କଇଁସାରୀଠାରେ ସ୍ଥାପିତ ହୋଇଥିବା ଅନୁମାନ କରାଯାଏ।

୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ଼ର ଆକ୍ରମଣରେ କଇଁସାରୀ ଗଡ଼ ଓ ଜଗନ୍ନାଥ ମହାପ୍ରଭୁଙ୍କ ଦେଉଳ ଧ୍ୱଂସ ହୋଇଥିଲା। ପୁରୀର ଜଗନ୍ନାଥ ମହାପ୍ରଭୁ ପାତାଳି ହେଲା ଭଳି କଇଁସାରି ଗଡ଼ର ଜଗନ୍ନାଥ ମହାପ୍ରଭୁ ହାତୀସାହି, ଦେବଗାଁ, ପହଣ୍ଡା ଭଳି ପାଶ୍ୱର୍ବର୍ତ୍ତୀ ଗ୍ରାମରେ ପାତାଳି ହୋଇଥିଲେ। କର୍ପୁର ଉଡ଼ିଯାଇଛି,କନା ପଡ଼ି ରହିଛି। ସମୟ ସୁଅରେ ଭୂଲୁଣ୍ଠିତ ହୋଇଛି ଗଡ଼। ରାଜା ଗଲେଣି କିନ୍ତୁ ରାଜାଙ୍କ ହାତୀଶାଳ ହାତୀସାହି, ରାଜାଙ୍କ ସେବକଙ୍କ ଗ୍ରାମ ନହରପଦା ବାବୁସାହି ଏବେବି ରହିଛି। ଅତୀତର ରଥଦାଣ୍ଡ ଓ ମନ୍ଦିର ଏବେ ସୁନ ନଦୀ କୂଳରେ ଅବସ୍ଥିତ। କଳାପାହାଡ଼ ଆକ୍ରମଣର ମୁକସାକ୍ଷୀ ହୋଇ କମାଣଟିଏ ଗ୍ରାମଠାକୁରାଣି ଶାଳରେ ପଡ଼ିରହିଛି। କଳାପାହାଡ଼ର ନାମ ଅନୁସାରେ ଗଡ଼ ନିକଟସ୍ଥ ଏକ ଗ୍ରାମର ନାମ ବି କଳାପାହାଡ଼ ହୋଇଛି। କଇଁସାରୀ ଗଡ଼ରୁ ଆବିଷ୍କୃତ ଶୀଳାଲେଖା ଖଡ୍‌ଗ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ବସ୍ତୁ ଏଣେତେଣେ ପଡ଼ିଛି। ଏଠାରୁ ମିଳିଥିବା ୨ଟି ଉମା ମହେଶ୍ୱର ମୂର୍ତ୍ତି ଓ ଅଜୈକପାଦଙ୍କ ମୂର୍ତ୍ତି ବାରିପଦା ସଂଗ୍ରାହଳୟରେ ରହିଛି। ବିଧିବଦ୍ଧ ଭାବେ କଇଁସାରୀ ଗଡ଼ର ଇତିହାସକୁ ଯଦି ପ୍ରତ୍ନତତ୍ତ୍ୱବିତଙ୍କ ଦ୍ୱାରା ପୁନରୁଦ୍ଧାର କରାଯାଏ, ତେବେ ସମୃଦ୍ଧ ଅତୀତ ଉନ୍ମୋଚିତ ହୋଇପାରିବ ଏଥିରେ ଦ୍ୱିମତ ନାହିଁ।

**ଅଧାରେ ଅଟକିଛି ପାନୀୟଜଳ ପ୍ରକଳ୍ପ**

# ପିଇବା ପାଣି ପାଇଁ ୱାର୍ଡବାସୀ ହନ୍ତସନ୍ତ

ଉଦଳା,୨୮।୪(ସମିସ)



ଅଧାରେ ଅଟକିଛି ପାନୀୟଜଳ ପ୍ରକଳ୍ପ। କାମ ନ ସରୁଣୁ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହେଉଛି। ଲୋକେ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବାବେଳେ ପ୍ରଶାସନ ହାତବାନ୍ଧି ବସିଛି। ନିର୍ଦ୍ଦିଷ୍ଟ ସମୟରେ ପ୍ରକଳ୍ପ କାର୍ଯ୍ୟ ସରିବା କଥା ଥିବାବେଳେ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି, ଯାହାକୁ ନେଇ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଘରକୁ ଘର ପାଇପ ଲାଇନ ସଂଯୋଗ ହେଲା ଓ ମାସେ କି ଦୁଇ ମାସ ୱାର୍ଡବାସୀ ପାନୀୟ ଜଳର ସୁବିଧା ପାଇଲେ। ତେବେ ଆଜକୁ ତିନିବର୍ଷ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ବିଭିନ୍ନ ୱାଡର୍‌ର ବାସିନ୍ଦା। ୨୦୨୦ରେ ଉଦଳା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏନଏସିରେ ୨୬୦୦ ଘରକୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିଥିଲା। କିଛି ୱାର୍ଡରେ ପ୍ରଶାସନିକ ଅଣଦେଖା ଯୋଗୁଁ ପାନୀୟ ଜଳ ଯୋଗାଣରେ ଅସୁବିଧା ଯୋଗୁଁ ପାଇପ ଲାଇନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ୨୦୨୨ରେ ଉଦଳା ଏନଏସି ହିତାଧିକାରୀଙ୍କ ପାଇଁ ୧, ୨, ୩, ୪, ୫, ୬୬, ୭, ୮, ୯, ୧୦, ୧୧ ଓ ୧୨ ନମ୍ବର ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କାରେ ପାଇପ ଲାଇନ ସଂଯୋଗ ହୋଇଥିଲା। ତେବେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ଏବେବି କାର୍ଯ୍ୟକାରୀ ହୋଇ ନ ଥିବାବେଳେ ୱାର୍ଡବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ ଠିକା ସଂସ୍ଥା କାମ କରୁଥିଲା, ତାହା ଅତି ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ୪ ନମ୍ବର ଓ ୧୨ ନମ୍ବର ୱାର୍ଡରେ ଦୁଇଟି ପାନୀୟଜଳ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ସରକାର ପାନୀୟଜଳ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ଉଦଳା ଏନଏସି ପାନୀୟଜଳ ଯୋଜନା ଦିଗହରା ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଏକ ଠିକା ସଂସ୍ଥା ୪ ନମ୍ବର ଓ ୧୨ ନମ୍ବର ୱାର୍ଡରେ ୨୦୨୧ରେ ୨୨ କୋଟି ଟଙ୍କା ବ୍ୟୟରେ ଦୁଇଟି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲା। ୨୦୨୩ରେ କାର୍ଯ୍ୟ ଶେଷ ହେବାର ଅବଧି ଥିବାବେଳେ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କେବଳ ମୌଖିକ ଭାବେ ପାନୀୟ ଜଳର ସମସ୍ୟାର ସମାଧାନ ଖୁବଶୀଘ୍ର ହେବ ବୋଲି କହିଥିଲେ। ଉଦଳା ଏନଏସିରେ ୧୨ଟି ୱାର୍ଡ ପାଇଁ ୨୬୦୦ ହିତାଧିକାରୀଙ୍କୁ ପାଇପ ଲାଇନ ସଂଯୋଗ ହୋଇଥିବାବେଳେ ଆହୁରି ୨୦୦ ହିତାଧିକାରୀ ଏବେବି ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ୱାର୍ଡରେ ପାଇପ ଲାଇନର ମରାମତି ଅଭାବରୁ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଏ ସମସ୍ୟା ସମ୍ପର୍କରେ ଉଦଳା ଏନଏସି ଅଧିକ୍ଷାଙ୍କୁ ପଚାରିବାରୁ ପାନୀୟ ଜଳ ସମସ୍ୟା ବାବଦରେ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସହ କିପରି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ, ସେ ନେଇ ଚେଷ୍ଟା କରିବେ ବୋଲି କହିଛନ୍ତି। ୱାଟକୋ ଅଧିକାରୀ କିଛି ପ୍ରତିକ୍ରିୟା ଦେବେ ନାହିଁ ବୋଲି ସ୍ପଷ୍ଟ ମନା କରିଥିଲେ।

**ବିଏନ୍‌କେ ହାଇସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ**

# ୫ ଦଶନ୍ଧିର ସଂଘର୍ଷ, ସଫଳତା ଓ ପରିବର୍ତ୍ତନର ଗୌରବମୟ ଯାତ୍ରା



**୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ମାନ୍ୟତା ପାଇଁ ଦେଲେ ପ୍ରତିଶ୍ରୁତି**

ଚମ୍ପୁଆ, ୨୮।୪(ସମିସ): ଚମ୍ପୁଆ ବ୍ଲକ୍ ଉପାନ୍ତ କୁଟାରିପଶି ପଞ୍ଚାୟତର ପୁରୁଷୋତ୍ତମପୁରଠାରେ ଥିବା ବିଏନକେ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି।ଶ୍ରୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକିର ମୋହନ ନାଏକ, ଟାଟା କମ୍ପାନୀ ସିଏସଆର ଜେନେରାଲ ମ୍ୟାନେଜର ଦେବାଶିଷ ଜେନା ଓ ମୁଖ୍ୟବକ୍ତା ଭାବେ ଡଃ ଚିତରଂଜନ ମିଶ୍ର ଯୋଗ ଦେଇଥିଲେ। ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳମାଧବ ପୃଷ୍ଟି ୧୯୭୬ରେ ନିର୍ମିତ ଏହି ଉଚ୍ଚବିଦ୍ୟାଳୟର ସମସ୍ୟାକୁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଚମ୍ପୁଆ ବିଧାୟକ ଶ୍ରୀ ମହାକୁଡ ୭ଟି ଗ୍ରାମବାସୀଙ୍କ ସହଯୋଗ ଦ୍ୱାରା ଏବଂ ତତକାଳୀନ ବିଧାୟକ ସ୍ୱର୍ଗତ ସହରାଇ ଓରାମଙ୍କ ପ୍ରଚେଷ୍ଟାରେ ୧୫୮୨ ଟଙ୍କା ଆଦାୟ କରି ଏହି ବିଦ୍ୟାଳୟ ଆରମ୍ଭ କରାଯାଇଥିଲା ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଏନ୍‌କେ ଉଚ୍ଚବିଦ୍ୟାଳୟକୁ ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ଭାବେ ଉନ୍ନତୀକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହିତ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ ବୋଲି ଘୋଷଣା କରିଛନ୍ତି।

ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। ସଫଳତାର କୌଣସି ସର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍‌ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପୁରୁଷୋତ୍ତମପୁର ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପାଇଁ ଅତିରିକ୍ତ ଅନୁଦାନ ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଏବଂ ଅନ୍ୟାନ୍ୟ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ଶିକ୍ଷା ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

ବଡବିଲ,୨୮।୪(ସମିସ): କେନ୍ଦୁଝର ଜିଲ୍ଲା ବଡବିଲସ୍ଥିତ ବଡ଼ବିଲ ବୟେଜ୍ କ୍ଲବ୍ ଦ୍ୱାରା ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିବଙ୍ଗର ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପ୍ରବେଶ ରଞ୍ଜନ ନାୟକ, ରନେଶ କୁମାର ଦାସ ଯୋଡ଼ି ପ୍ରଥମ, ବିମନ୍ତ ସାମଦ, ପୀୟୁଷ କୁମାର ସାଓ ଯୋଡ଼ି ଦ୍ୱିତୀୟ, ଅନୁଲ୍ ହାସନ୍, ରମିଜ୍ ଆଲମ୍ ଯୋଡ଼ି ତୃତୀୟ ଓ ଅବତାର ସିଂ, ସରବଜିତ୍ ସିଂକାଲସୀ ଯୋଡ଼ି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ଯୋଡ଼ିକୁ ୧୮ ହଜାର, ଦ୍ୱିତୀୟ ଯୋଡ଼ିକୁ ୧୧ ହଜାର, ତୃତୀୟ ଯୋଡ଼ିକୁ ୭ ହଜାର ଓ ଚତୁର୍ଥ ଯୋଡ଼ିକୁ ୫ ହଜାର ନଗଦ ରାଶି ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ ମୁଖ୍ୟଅତିଥି ଓ ବଡବିଲ ବାର୍ ଆସୋସିଏସନ୍ ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ର ଦଳାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସଭାପତି ହରିହର ମିଶ୍ର, ବରିଷ୍ଠ ସଦସ୍ୟ ଦେବରଞ୍ଜନ ନାୟକ, ପ୍ରଭାକର ଗୁପ୍ତା, ଅଶୋକ ଠକ୍କର, ରସିଦ ଅହମ୍ମଦ, ସୁନିଲ ମହାନ୍ତ, ସବୀର୍ ହୁସେନ୍ ସହଯୋଗ କରିଥିଲେ।

# ପାଟଣା ଡିଆନାଳି ଘଟଣାରେ ଜିଲ୍ଲା ପ୍ରଶାସନର ସ୍ପଷ୍ଟୀକରଣ

କେନ୍ଦୁଝର, ୨୮।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଡିଆନାଳି ଗ୍ରାମରେ ଘଟିଥିବା ଅଭାବନୀୟ ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଗମ୍ଭୀର ବୋଲି ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସ୍ପଷ୍ଟ କରାଯାଇଛି। ଜନସାଧାରଣଙ୍କ ଅଧିକାର ଓ ସମ୍ମାନ ରକ୍ଷା କରିବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ପ୍ରକୃତ ସତ୍ୟ ଓ ପ୍ରଶାସନିକ ତତ୍ପରତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ନିୟମ ଅପେକ୍ଷା ମାନବିକତାକୁ ଗୁରୁତ୍ୱ ଦେଇଛି। ସ୍ୱର୍ଗତା କାଲରା ମୁଣ୍ଡାଙ୍କ ଭାଇ ଜିତୁ ମୁଣ୍ଡାଙ୍କୁ ତୁରନ୍ତ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହାସହ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନକୁ 'ଫାଷ୍ଟ ଟ୍ରାକ୍' ମୋଡ୍‌ରେ କାର୍ଯ୍ୟକାରୀ କରି ମେଡିକାଲ ଅଫିସର ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ଯୋଗାଯାଇଛି। ସେହିପରି ସୁଧ ସହ ସର୍ବମୋଟ ୧୯, ୪୦୨ ଟଙ୍କା ଆଜି ଶ୍ରୀ ମୁଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣା ବ୍ୟାଙ୍କିଙ୍ଗ୍ ସଚେତନତାର ଅଭାବ ଯୋଗୁଁ ଘଟିଥିବା କୁହାଯାଇଛି। ଭବିଷ୍ୟତରେ ଯେପରି କୌଣସି ନିରୀହ ବ୍ୟକ୍ତି ଏଭଳି ସ୍ଥିତିର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ଦୃଢ଼ ସଂକଳ୍ପବଦ୍ଧ ଏବଂ ଦୁର୍ଗମ ଅଞ୍ଚଳର ଲୋକମାନଙ୍କୁ ସରକାରୀ ଓ ବ୍ୟାଙ୍କିଙ୍ଗ୍ ସୁବିଧା ସହଜରେ ଯୋଗାଇଦେବା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ଅଧିକ ସମ୍ବେଦନଶୀଳ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ପ୍ରଶାସନର କୌଣସି ସ୍ତରରେ ଅବହେଳା ଅଛି କି ନାହିଁ ତାହାର ବିସ୍ତୃତ ତଦନ୍ତ କରାଯାଉଛି। ଜିଲ୍ଲା ପ୍ରଶାସନ ବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଝଡ଼ବର୍ଷା ଯୋଗୁଁ ଭିତରଆମଦାରେ ୧୬ ପରିବାର କ୍ଷତିଗ୍ରସ୍ତ



**ବ୍ଲକ ଅଧ୍ୟକ୍ଷା, ସରପଞ୍ଚ ଓ ପ୍ରଶାସନ କଲେ ପରିଦର୍ଶନ**

ବିଶୋଇ,୨୮।୪(ସମିସ): ବିଶୋଇ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଭିତରଆମଦା ଗାଁ ପାଇଁ ଗତ ରବିବାର ସନ୍ଧ୍ୟା ସମୟ ଥିଲା ଏକ କାଳ ସନ୍ଧ୍ୟା। କାଳବୈଶାଖୀ ପ୍ରଭାବରେ ହଠାତ ଗାଁକୁ ମାଡି ଆସିଥିଲା ଅଦିନିଆ ଝଡ଼ବର୍ଷା। ଏହି ଘଟଣାରେ ଗାଁ ଲୋକ ଙ୍କ ଆଖିରେ ଦେଖିବାକୁ ମିଳିଥିଲା ଦୁଃଖର ଲୁହ ସହିତ କାନ୍ଦବୋବାଳି। ଗାଁ ର ଅଧିକାଂଶ ଲୋକଙ୍କ ଚାଳଛପର ଉଡାଇ ନେବା ସହିତ ଘର ଉପରେ ରାସ୍ତାରେ, ବିଦ୍ୟୁତ ତାର ଉପରେ ଗଛ ଉପୁଡି ପଡି ଗାଁର ରୂପରେଖ ବଦଳି ଯାଇଛି। ବିଶେଷ ଭାବେ ଗାଁର ୧୬ ପରିବାରର ଲୋକଙ୍କ ଘର ଅଧିକ କ୍ଷୟକ୍ଷତି ହୋଇଥିବା ଖବର ହସ୍ତଗତ ହୋଇଛି। ଲୋକେ ଜଙ୍ଗଲ ପାଖରେ ଅନ୍ଧାରରେ ଟାୟାର ଜାଳି ରାତି କାଟିଲେ। ବହୁ ବୁଢାବୁଢୀ, ଛଟ ପିଲା, ଗର୍ଭବତୀ ମହିଳା କଷ୍ଟ ଭୋଗିଲେ। ଖବର ପାଇ ଆଜି ସକାଳେ ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା, ସ୍ଥାନୀୟ ଜଗନ୍ନାଥପୁର ପଞ୍ଚାୟତ ସରପଞ୍ଚ ମକରୁ ନାଏକଙ୍କ ସମେତ ବିଶୋଇ ବ୍ଲକ ପ୍ରଶାସନ, ତହସିଲଦାର ସତ୍ୟବାନ ନାୟକ ପ୍ରମୁଖ କ୍ଷତିଗ୍ରସ୍ତ ଗାଁରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ ଦୁଇଓଳି ରନ୍ଧା ଖାଦ୍ୟ ଲୋକଙ୍କୁ ଦେବାର ବ୍ୟବସ୍ଥା କରିଛନ୍ତି। ଘର ଭାଙ୍ଗିଥିବା ପରିବାରକୁ ପଲିଥିନ ପ୍ରଦାନ କରାଯାଇଛି। ଏହି ଝଡ଼ବର୍ଷାରେ ଅଧିକ କ୍ଷତି ହୋଇଥିବା ପରିବାର ମଧ୍ୟରେ ପିଥ ହାଁସଦା, ଅନନ୍ତ ହାଁସଦା, ଡୁମୁନି ମାର୍ଣ୍ଡି, ପିଥ ହାଁସଦା, ମୁଚିରାମ ମୁର୍ମୁ, ସାଲଖୁ ମୁର୍ମୁ, ବିଜୟ କୁମାର ମାଝୀ, ସିନଗ ସୋରେନ, ରଘୁନାଥ ଟୁଡୁ, ଭୁମା ସୋରେନ, ମଙ୍ଗଲ ହାଁସଦା, ପ୍ରଧାନ ମାର୍ଣ୍ଡି, ଗଜେନ୍ଦ୍ର ମାର୍ଣ୍ଡି, ଦୁଃଖିଶ୍ୟାମ ବେଶ୍ରା, ପ୍ରଧାନ ସୋରେନ, ସୁନାରାମ ମାର୍ଣ୍ଡି, ଫାଗୁ ହାଁସଦା, ଲକ୍ଷ୍ମଣ ସୋରେନ, ନିମାଇଁ ହାଁସଦା, ଠାକୁରା ଟୁଡୁଙ୍କ ପରିବାର ବୋଲି ଜଣା ପଡିଛି। ବିଜୟ କୁମାର ମାଝୀଙ୍କ ଦୋକାନ ଘର ଉପରେ ଏକ ମହୁଲ ଗଛ ପି? ତାଙ୍କର ଅଧିକ କ୍ଷତିଗ୍ରସ୍ତ ହୋଇଛି କ୍ଷ ବିଦ୍ୟୁତ ବିଭାଗର ଉଦ୍ୟମ ଯୋଗୁଁ ସୋମବାର ସନ୍ଧ୍ୟାରେ ଗାଁ ରେ ବିଦ୍ୟୁତ ଆଲୁଅ ଦେଖିବାକୁ ମିଳିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ରେ କ୍ଷତିଗ୍ରସ୍ତ ଲୋକଙ୍କ କ୍ଷତି ଆକଳନ ପ୍ରକ୍ରିୟା ଚାଲିଥିବା ବେଳେ ଏବେ ପ୍ରବଳ ଖରା କୁ ଦୃଷ୍ଟି ରେ ରଖି ସରକାରଙ୍କ ତରଫରୁ କ୍ଷତି ଗ୍ରସ୍ତ ଲୋକଙ୍କୁ ଅବିଳମ୍ବେ ଆବାସ ଗୃହ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରେମାଳ ଡ୍ୟାମ୍ ପରିଦର୍ଶନ କଲେ ସେଫ୍‌ଟି ଟିମ



**'ସକାଳ' ପ୍ରଭାବ**

ଆନନ୍ଦପୁର, ୨୮।୪ (ସମିସ): ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ରେମାଳ ଡ୍ୟାମ ବିପଦଜନକ ଅବସ୍ଥାରେ ଥିବା ଖବର ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କାନଝରି ଅଧୀକ୍ଷଣ ଯନ୍ତ୍ରୀ ଲିପିକା ଡି କାଶ୍ୟପଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରର ଡ୍ୟାମ ସେଫଟି ଟିମ ରେମାଳ ଡ୍ୟାମ ପରିଦର୍ଶନ କରି ସ୍ଥିତି ଆକଳନ କରିଥିବା ଜଣାଯାଇଛି। ଏହି ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ କିଶୋର ସାହୁ, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ମହାପାତ୍ର, ପ୍ରଶାନ୍ତ ଜେନା, ସଞ୍ଜିବ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ। ଜଳଭଣ୍ଡାରରେ ଗଚ୍ଛିତ ଜଳ ରହୁ ନଥିବାରୁ ଡ୍ୟାମରେ ଲିକେଜ ଥିବା ତଦନ୍ତକାରୀ ଦଳ ସନ୍ଦେହ ପ୍ରକଟ କରିଥିବା ଆଲୋଚନାରୁ ଜଣାଯାଇଛି। କେନ୍ଦୁଝର ଜିଲ୍ଲାର ରେମାଳ ଜଳସେଚନ ପ୍ରକଳ୍ପରୁ ଚାଷଜମିର ଉନ୍ନତି ପାଇଁ ସରକାର ଆବଶ୍ୟକ ଅନୁଦାନ ଯୋଗାଇଦେଉଥିଲେମଧ୍ୟ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ। ଚାଷୀଙ୍କ ମତାମତକୁ ଉପେକ୍ଷା କରାଯାଉଥିବା ବେଳେ ପାଣି ପଞ୍ଚାୟତ ସହିତ ଆଲୋଚନା ନକରି ଠିକାଦାରୀ ପ୍ରକ୍ରିୟାରେ କାର୍ଯ୍ୟ କରାଯାଉଥିବାରୁ ଉଦେଶ୍ୟଠାରୁ ଯୋଜନା ଦୂରେଇଥିବା ମନେ ହୋଇଛି।

# ଠାକୁରମୁଣ୍ଡାରେ ମଧୁବାବୁଙ୍କ ଜୟନ୍ତୀ




ମହୁଲଡିହା, ୨୮।୪ (ସମିସ): ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଗୀତିକାର ପଦ୍ମଲୋଚନ ନନ୍ଦ ଯୋଗଦେଇ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ବାଦ ସାହିତ୍ୟଘରର ସମ୍ପାଦକ ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ସୁରେନ୍ଦ୍ର ନାଥ ମହାନ୍ତ ଯୋଗ ଦେଇଥିଲେ। ସମ୍ବାଦ ପ୍ରତିନିଧି ଯୋଗେନ୍ଦ୍ର ପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଚକ୍ରଧର ଦାସ, ଭୋଳେଶ୍ୱର ସେଠୀ, ପ୍ରଦ୍ୟୁମ୍ନ ସାହୁ, ଶଶୀକାନ୍ତ ମହାନ୍ତି, କ୍ଷୀରମଣି ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ପିଆଶାଳ ଓ ଶାଳ ଗଣ୍ଡି ଜବତ

ଡୁରୁମୁଙ୍ଗା, ୨୮।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥବିଟ୍ କେନ୍ଦୁଯୋଡ଼ା ଗ୍ରାମର ସରକାରୀ ଗୋଚର ଜମିରୁ ମଙ୍ଗଳବାର ଗୋଟିଏ ପିଆଶାଳ ଏବଂ ଗୋଟିଏ ଶାଳ ଗଛ ଗଣ୍ଡିକୁ ବନ ବିଭାଗ ଜବତ କରି ପାଟଣା ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଜବତ କାଠଗୁଡ଼ିକ ମଧ୍ୟରେ ୭ଫୁଟ ଲମ୍ବର ୪ପିଆଶାଳ ଗଣ୍ଡି ଓ



୩ ଶାଳ ଗଣ୍ଡି ରହିଛି। ଜବତ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି। ଚଢଉରେ ସାହାରପଡା ବନପାଳ ଶ୍ରୀମନ୍ତ କୁମାର ବେହେରା, ବନରକ୍ଷୀ ଦୀପକ ରଣା, ମନସ୍ୱିନି ସାହୁ, ପାରାସ୍କ୍ୱାଡ ସାମିଲ ହୋଇଥିଲେ। ଘଟଣାରେ କାହାରିକୁ ବନ ବିଭାଗ ଧରିବାକୁ ସଫଳ ହୋଇ ପାରି ନାହିଁ।

# ଉଦଳା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

ଉଦଳା,୨୮।୪(ସମିସ): ଓଡ଼ିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ଉଦଳା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ୮.୩୦ ମିନିଟ ସମୟରେ ଉଦଳା ବାସନ୍ତୀ ମାର୍କେଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଉଦଳା ଓକିଲ ସଂଘ ସଭାଗୃହରେ ଏକ ସଭାର ଅୟୋଜନ ହୋଇଥିଲା। ଏଥିରେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ବସନ୍ତ କୁମାର ପରିଡ଼ା, ନିରାକାର ମହାପାତ୍ର, ମନୋଜ କୁମାର ଦାସ, ପ୍ରତୀମା ସାହୁ, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ମଧୁବାବୁ ଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢ଼େଇଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜଣାଯାଇଥିଲା। ବରିଷ୍ଠ ଆଇନଜୀବୀ ଉଦ୍ଧବ ଚନ୍ଦ୍ର ବାରିକ ଓ ଫାଲଗୁନୀ ମହାନ୍ତିଙ୍କୁ



ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନରେନ୍ଦ୍ର ରାଉତ, ଅବସରପ୍ରାପ୍ତ ଅଧ୍ୟକ୍ଷ ସୌମେନ୍ଦ୍ର ଦାଶ, ରବୀନ ପଟ୍ଟନାୟକ, ଦିଲ୍ଲୀପ ପରିଡ଼ା, ଦିଲ୍ଲୀପ ମହାନ୍ତି, ଲକ୍ଷ୍ମୀକାନ୍ତ ପୋଥାଳଙ୍କ ସମତେ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ। ସଂଘର ସହସମ୍ପାଦକ ରବୀନ୍ଦ୍ର ଜେନା ଧନ୍ୟବାଦ ଜଣାଇଥିଲେ।

# ବିଶ୍ୱବିଦ୍ୟାଳୟରେ 'କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଆଣ୍ଡ କ୍ରିପ୍ଟୋଗ୍ରାଫି' ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ




ବାରିପଦା,୨୮।୪(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗରେ 'କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଆଣ୍ଡ କ୍ରିପ୍ଟୋଗ୍ରାଫି' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ତିନିଦିନ ଧରି ହେବାକୁ ଥିବା ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ପ୍ରଯୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ମହାନ୍ତି କହିଥିଲେ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ହେଉଛି ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା। ବର୍ତ୍ତମାନକୁ କ୍ୱାଣ୍ଟମ୍ କମ୍ପ୍ୟୁଟର ବିଭିନ୍ନ ଲ୍ୟାବ୍ ଓ ଖ୍ୟାତିସମ୍ପନ୍ନ କମ୍ପାନୀରେ ଉପଲବ୍ଧ। କିନ୍ତୁ ଦିନ ଆସିବ ଆମେ ସମସ୍ତେ କ୍ୱାଣ୍ଟମ୍ କମ୍ପ୍ୟୁଟର ବ୍ୟବହାର କରିପାରିବା। କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଏକ ଆନ୍ତଃବିଷୟକ ଗବେଷଣା ଓ ଜାତୀୟ ଶିକ୍ଷାନୀତି ୨୦୨୦ରେ ଏଭଳି ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଜାତୀୟ କ୍ୱାଣ୍ଟମ୍ ମିଶନ କାର୍ଯ୍ୟକାରୀ କରୁଛି। ଏହି କାର୍ଯ୍ୟକ୍ରମ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍‌ରେ ଆନ୍ତଃବିଷୟିକ ଗବେଷଣାକୁ ନୂଆ ଦିଗ ଦେବ ଓ ଆମ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବ ବୋଲି ସେ ଆଶା ପୋଷଣ କରିଥିଲେ।

ମୁଖ୍ୟବକ୍ତା ବିଜୟନଗରମ୍‌ସ୍ଥ ଏସ୍‌ଆଇଟିଏମ୍‌ର ପ୍ରଫେସର ଭି.ଜି. ପ୍ରସୁନା କହିଥିଲେ, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଏବେ ଆଉ କେବଳ ଲ୍ୟାବର ଗବେଷଣାରେ ସୀମିତ ନ ରହି ଏକ ବାସ୍ତବତାର ରୂପ ନେଲାଣି। କ୍ୱାଣ୍ଟମ୍ କ୍ରିପ୍ଟୋଗ୍ରାଫି ପାରମ୍ପରିକ ଏନକ୍ରିପ୍ସନ୍ ପଦ୍ଧତିକୁ ପୁରୁଣା କରିଦେବା ସହ ଆମର ବୈଷୟିକ ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ ଆଣିବ। ବିଶ୍ୱବିଦ୍ୟାଳୟର ପିଏମ୍-ଉଷା ୟୁନିଭରସିଟି ନୋଡାଲ୍ ଅଫିସର ପ୍ରଫେସର୍ ଇନ୍ଦ୍ରଜିତ୍ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଏମ୍-ଉଷା ଯୋଜନା ଅଧୀନରେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଗୁଣବତ୍ତା ବୃଦ୍ଧି କରିବ ଓ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଓ କ୍ରିପ୍ଟୋଗ୍ରାଫି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି କହିଥିଲେ। ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍‌ର ବିକାଶ ଯୋଗୁଁ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଆହ୍ୱାନକୁ ମୁକାବିଲା କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ତଥା ଆବାହକ ପ୍ରଫେସର ଏମ୍ ହିମବିନ୍ଦୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ତଥା ସଂଯୋଜକ ଡ ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ସଂଯୋଜକ ଡ ସ୍ୱରୂପାନନ୍ଦ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ପାଠ୍ୟକ୍ରମ ସାମଗ୍ରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନିମନ୍ତ୍ରିତ ବକ୍ତା ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଉତ୍ପଳ ରାୟ, ସନ୍ଦୀପ ଦତ୍ତା, ଗୌରକ ବିଶ୍ୱାସ, ବିଜୟନଗରମ୍‌ସ୍ଥ ଏସ୍‌ଆଇଟିଏମ୍‌ର ସହକାରୀ ପ୍ରଫେସର ଆର୍ ଶ୍ୱେତା ଓ ଆଇବିଏମ୍ କ୍ୱାଣ୍ଟମ୍ ପ୍ରଶିକ୍ଷକ ଜୟକୁମାର ବୈତ୍ୟାଶଙ୍କର ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗବେଷକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

**ଦୁଆରଶୁଣି ଘାଟି ରାସ୍ତା ପ୍ରଶସ୍ତୀକରଣ**

# ବ୍ଲାଷ୍ଟିଂ କାର୍ଯ୍ୟ ସପ୍ତାହରେ ୩ ଦିନକୁ ବୃଦ୍ଧି

**ମଇ ପହିଲାରୁ ଗାଡ଼ି ଚଳାଚଳ କଟକଣା ନେଇ ବିଜ୍ଞପ୍ତି**

ବାରିପଦା, ୨୮।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି-ବିଶୋଇକୁ ଯୋଡୁଥିବା ୪୯ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ବ୍ଲାଷ୍ଟିଂ କାର୍ଯ୍ୟ ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ସପ୍ତାହରେ ୨ଦିନ ଗୁରୁ ଓ ଶୁକ୍ରବାର ବ୍ଲାଷ୍ଟିଂ କାର୍ଯ୍ୟ ଚାଲିଥିଲାବେଳେ ଏବେ ଶନିବାରକୁ ସାମିଲ କରାଯାଇ ୩ ଦିନ ବ୍ଲାଷ୍ଟିଂ କାର୍ଯ୍ୟ ହେବ ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଏନଏଚଏଆଇ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏଥିନିମନ୍ତେ ଚଳିତ ମେ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଯାନ ଚଳାଚଳ ଓ ପାଦଚାରୀଙ୍କ ଗମନା ଗମନକୁ ବନ୍ଦ କରାଯିବ ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ଚିଠି ନଂ ୧୧୭୨/୨୪.୪.୨୦୨୬ରେ ଘୋଷଣା କରିଛନ୍ତି। ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜାତୀୟ ରାଜପଥ ୪୯ନଂର ଦ୍ୱାରଶୁଣିର ବାଙ୍ଗିରିପୋଷିରୁ ଆରମ୍ଭ ହୋଇ ରାଜବାସା-ବିଶୋଇ ପର୍ଯ୍ୟନ୍ତ ପ୍ରାୟ ୯ କିମି ଲମ୍ବା ରାସ୍ତା ପ୍ରଶସ୍ତୀକରଣ(୪ଲେନ୍) କାର୍ଯ୍ୟ ଚାଲିଛି। ଯାହାର କାମ ଚାଲୁଥିବାବେଳେ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାପ୍ତ କରିବା ପାଇଁ କଣ୍ଟ୍ରୋଲ ବ୍ଲାଷ୍ଟିଙ୍ଗ୍ କାର୍ଯ୍ୟକୁ ଘାଟିର ବିଭିନ୍ନ ସ୍ଥାନରେ କରାଯାଉଛି । କଣ୍ଟ୍ରୋଲ୍ ବ୍ଲାଷ୍ଟିଙ୍ଗ୍ ସମୟରେ କୌଣସି ପଦଚାରୀ ଓ କୌଣସି ପ୍ରକାରର ୨ ଚକିଆ, ୩ ଚକିଆ, ଭାରୀଯାନଙ୍କ ପ୍ରବେଶ ଓ ଗତିବିଧିକୁ ଏନଏଚଆଇ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି। ଏଥିସହିତ ପଶୁପାଳକ ଓ ଅନ୍ୟାନ୍ୟ ଲୋକଙ୍କୁ ସେମାନଙ୍କ ଦ୍ୱାରା ପାଳନ କରାଯାଉଥିବା ଗାଈ ଗୋରୁ ଛେଳି ମେଣ୍ଢା ଇତ୍ୟାଦିଙ୍କୁ ଚରିବା ପାଇଁ ଛାଡିବାକୁ ବାରଣ କରାଯାଇଛି। ଏହାସହ ଭଙ୍ଗା ପଥର ଓ ବ୍ଲାଷ୍ଟିଂ ସାମଗ୍ରୀ ସ୍ଥାନାନ୍ତର କାର୍ଯ୍ୟରେ ବିଳମ୍ବ ହେବା ରୋକିବା ପାଇଁ ବିଶୋଇରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଦୁଇପଟ ରାସ୍ତା ଅସ୍ଥାୟୀ ଭାବେ ବନ୍ଦ ରଖିବା ପାଇଁ ଆବଶ୍ୟକ ହୋଇପଡିଛି। ତେଣୁ ଉପରୋକ୍ତ କଟକଣା ଜାରି କରାଯାଇଛି। ଏଥିରୁ ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନବାହନଙ୍କୁ ପରିସ୍ଥିତି ଅନୁସାରେ ଏନଏଚଆଇ/ପୁଲିସ୍ କ୍ଲିଅରାନ୍ସ ପରେ ଚଳାଚଳ ଅନୁମତି ମିଳିବ। ସମସ୍ତ ସାଧାରଣ ଲୋକଙ୍କୁ ପ୍ରକଳ୍ପ କାର୍ଯ୍ୟର ସଫଳତା ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଉଛି। ଏଥିସହ ବାଙ୍ଗିରିପୋଷି ଓ ବିଶୋଇ ପୁଲିସ୍ ଷ୍ଟେସନର ଥାନ ଅଧିକାରୀ ମାନଙ୍କୁ ବ୍ଲାଷ୍ଟିଙ୍ଗ୍ ସମୟରେ ଦୁଇ ପଟରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଛୋଟ ଯାନବାହନଗୁଡ଼ିକ ପାଇଁ ବିକଳ୍ପ ରାସ୍ତା ଭାବେ ବିଶୋଇଅର୍ଗଲବିନ୍ଧା ଶଙ୍ଖାଭଙ୍ଗା ଯୋକା ଚନ୍ଦନପୁର କାତରା ଛକ ଦେଇ ଯାତାୟାତ କରି ପାରିବେ ବୋଲି କୁହାଯାଇଛି। କଟକଣା ସମୟରେ ସାର୍ବଜନିକ ଯାନବାହନ ଦୁଇ ପଟରେ ରାସ୍ତାର ବାମ ପଟରେ ପାର୍କିଙ୍ଗ କରାଯାଇପାରିବ। ପୁଲିସ୍ ଓ ଅଧିକାରୀମାନେ ବ୍ଲାଷ୍ଟିଂ ସମାପ୍ତ ହେବା ପରେ ଯାତାୟାତ କୁ ସୁଗମ କରିବେ। ଏଥିପାଇଁ ବାଙ୍ଗିରିପୋଷି ଓ ବିଶୋଇ ତହସିଲଦାର ଓ ଆଇଆଇସି,ଏସଡିପିଓ ବାରିପଦା, ରାଇରଙ୍ଗପୁରକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ବ୍ଲାଷ୍ଟିଂ କାର୍ଯ୍ୟରେ ଜନ ସାଧାରଣଙ୍କୁ ପ୍ରଶାସନ ସହଯୋଗ କାମନା ମାଗିଛି।

ସକାଳ
THE SAKALA



## ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା



ବାଲେଶ୍ୱର, ୨୮।୪ (ସମିସ): ବାହାବଳପୁରଠାରେ ନେଟଫିସ, ଏମପିଇଡିଏ ଏବଂ ପାରାଦୀପ ବନ୍ଦର ସାମାଜିକ ମୂଲ୍ୟବୋଧ ବିଭାଗ ମିଳିତ ସହଯୋଗରେ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାହାବଳପୁର ଅଞ୍ଚଳର ଦୁଇଟି ଏସଓଜିର ୫୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଓ ଚିଙ୍ଗୁଡ଼ିର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ସଂପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏମ ପି ଇ ଡି ଏ ପକ୍ଷରୁ ଉପସ୍ଥିତ ମହିଳାଙ୍କୁ ଫିସ ଫିଙ୍ଗୋର୍, ଫିସ କୋଟଲଟ, ଚିଙ୍ଗୁଡ଼ି ଏବଂ ମାଛ ଆଚାର, ନୋବାସି, ଚିଙ୍ଗୁଡ଼ି ବଟରଫ୍ଲାଇ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ ନେଇ ତାଲିମ ଦିଆଯାଇଥିଲା। ପରେ ସଂପୃକ୍ତ ମହିଳା ମାନେ ନିଜେ ଏହି ଖାଦ୍ୟ ପ୍ରସ୍ତୁତ କରିଥିଲେ ଓ ଖାଦ୍ୟ ପ୍ରଦର୍ଶନରେ ଭାଗ ନେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଏମ ପି ଇ ଡି ଏ ର ସହ ନିର୍ଦ୍ଦେଶକ ଅର୍ଚିମନ୍ ଲାହିରି, ରାଜ୍ୟ ସଯୋଜକ ଶୁଭ୍ରକାନ୍ତ ମହାପାତ୍ର, ପଶ୍ଚିମବଙ୍ଗ ରାଜ୍ୟ ସଂଯୋଜକ ଅତନୁ ରାୟ, ମତ୍ସ୍ୟ ଅଧିକାରୀ କୁଞ୍ଜବିହାରି ଦାସ, ଦେବପ୍ରସାଦ ଆଚାର୍ଯ୍ୟ, ପ୍ରମୋଦ ସାହୁ, ସମ୍ପାଦକ ଗୋରାଚାନ୍ଦ ଜେନା, ଉପସଭାପତି ପ୍ରବିର ସାହୁ ଯୋଗ ଦେଇଥିଲେ।

● ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ୍

## ରାଉରକେଲା ଗଲା ବାଲେଶ୍ୱର ଉପ କନିଷ୍ଠ ବାଳକ ଦଳ



ବାଲେଶ୍ୱର, ୨୮।୪ (ସମିସ): ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ରାଜ୍ୟସ୍ତରୀୟ ଉପ କନିଷ୍ଠ ବାଳକ ହକି ଚାମ୍ପିଅନସିପ୍-୨୦୨୬ ରେ ଭାଗ ନେବା ପାଇଁ ବାଲେଶ୍ୱର ଜିଲ୍ଲା ଦଳ ରାଉରକେଲା ଯାତ୍ରା କରିଛି। ଏହି ପ୍ରତିଯୋଗିତା ଆସନ୍ତାକାଲି ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ବାଲେଶ୍ୱରର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଦଳକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ବାଲେଶ୍ୱରର ଏହି ପ୍ରତିଭାଶାଳୀ ଖେଳାଳିମାନେ ରାଜ୍ୟସ୍ତରରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବେ। ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ହକି ସଂଘ ଏହି ଯାତ୍ରା ସମୟରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ବାଲେଶ୍ୱରର କ୍ରୀଡ଼ା ପ୍ରେମୀ ମାନେ ଦଳର ସଫଳତା କାମନା କରିଛନ୍ତି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



କାଳିପଦା, ୨୮।୪ (ସମିସ): ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ମଙ୍ଗଳବାର ଶ୍ରୀହରି ମଣ୍ଡଳ ଙ୍କ ।ସ ଭବନରେ ମଧୁସୂଦନ ଦାସଙ୍କ ୧୭୫ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ସଭାପତି କୁଞ୍ଜକାନ୍ତ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଡ଼ଃ କାଳିକିଙ୍କର ଦାସ, ଡ଼ଃ ସୁକାନ୍ତ କୁମାର ଗିରି, ଶିକ୍ଷାବିତ ସୁବାସ ଚନ୍ଦ୍ର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ପ୍ରାକ୍ତନ ସେନା ଅଧିକାରୀ କମଳ ଲୋଚନ ପିଲା, ଗୀତିକାର ରବୀନ୍ଦ୍ର ଦତ୍ତ, ମନ୍ମଥ କୁମାର ସାହୁ, ବୀର ମାଧବ ଦାସ,ଅରବିନ୍ଦ ବେହେରା, ଶ୍ରୁତି ରେଖା ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମଧୁସୂଦନ ଦାସଙ୍କ ତ୍ୟାଗ ପୁତ୍ତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରଂଜନ ସେଠୀ, କବୀ ସବିତା ରାଣୀ ଦାସ,ପ୍ରଫୁଲ୍ଲ କୁମାର ବାଗ,ଆରତୀ ପାତ୍ର,ମନୋଜ କୁମାର ସି, ରାମ ଚନ୍ଦ୍ର ଜେନା, ଅକ୍ଷୟ କୁମାର ଦାସ, ଜୟନ୍ତୀ ଜେନା, ସାମ୍ବାଦିକା ରମିତା ବିଶ୍ୱାଳ,କବିତା ଗିରି , ସୌଭାଗିନୀ ମିଶ୍ର, ସଞ୍ଜୁବାଳ ଦାସ ଅଧିକାରୀ, ଉମାକାନ୍ତ ଜେନା, ଅଦ୍ୱୈତ କୁମାର ବାଗ, ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଦାସ, ନଳିନୀ କାନ୍ତ ପାଢ଼ୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ବିଜୟ କୁମାର ପାତ୍ର, ସବିତା ସାହୁ, ଅନିତା ପରିଡା, ପୁଷ୍ପଲତା ସାହୁ, ନମିତା ଜେନା, ଝରଣା ନାୟକ, ସନାତନ ଗଙ୍ଗାଇ, ରାମକୃଷ୍ଣ ଦାସ ଅଧିକାରୀ, କାଞ୍ଚନ ବାଳା ଦାସ, ମନୋରଞ୍ଜନ ବେହେରା, ସଂଜିତା ଜେନା, କମଳ ଲୋଚନ ଦତ୍ତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାରେ ବାଲିଆପାଳ ଶାଖାର ସମ୍ପାଦକ ସନ୍ୟାସୀ ବେହେରା ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଭାପତି ଶ୍ରୀହରି ମଣ୍ଡଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ବାଲେଶ୍ୱରରେ ଜନସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା

# ୧୫ ଦିନ ହେବ ଦୂଷିତ ପାଣି ପିଉଛନ୍ତି ଲୋକେ

ବାଲେଶ୍ୱର, ୨୮।୪ (ସମିସ)

ବାଲେଶ୍ୱର ସହରର ମୁଖ୍ୟ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଜନ ସ୍ୱାସ୍ଥ୍ୟ ବିଭାଗ (ପିଏଚଡ଼ି) ର ଗଭୀର ଅବହେଳା ଏବେ ସାଧାରଣ ଲୋକଙ୍କ ଉଭୟ ଜୀବନ ଓ ସ୍ୱାସ୍ଥ୍ୟକୁ ଗୁରୁତର ଭାବେ ପ୍ରଭାବ ପକାଇଛି। ଗତ ୧୫ ଦିନ ଧରି ପାଣି ବାଲେଶ୍ୱର ବସ ଷ୍ଟାଣ୍ଡ ସମ୍ମୁଖ ପୂର୍ତ୍ତ ରାସ୍ତା ମଝିରୁ ପାଇପ ଫାଟି ନିରନ୍ତର ଭାବେ ପାଣି ଝରୁଥିବା ସତ୍ତ୍ୱେ ଏହାର ସ୍ଥାୟୀ ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନ ନିଆଯାଇବା ଆଶ୍ଚର୍ଯ୍ୟଜନକ। ଏହି ଲିକେଜ ଫଳରେ ସହରର ବିଭିନ୍ନ ଅଞ୍ଚଳକୁ ପହଞ୍ଚୁଥିବା ବିଶୁଦ୍ଧ ପିଇବା ପାଣି ଦୂଷିତ ହେବାର ଗଭୀର ଆଶଙ୍କା ସୃଷ୍ଟି ହୋଇଛି, ଯାହା ଫଳରେ ଡାଇରିଆ, ଟାଇଫଏଡ଼ ଭଳି ଗୁରୁତର ଜଳଜନିତ ରୋଗକୁ ଆମନ୍ତ୍ରଣ ଦେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଦୀର୍ଘ ୧୫ ଦିନରୁ ଊର୍ଦ୍ଧ ସମୟ ଧରି ପାଇପ ଲିକେଜ ଯୋଗୁଁ ଲୋକେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ସେପଟେ ଲିକେଜ ବନ୍ଦ କରିବା ନାମରେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବସଷ୍ଟାଣ୍ଡ ମୁଖ୍ୟ ଫାଟକ ସମ୍ମୁଖ ରାସ୍ତା ମଝିରେ ବଡ଼ ଗାତ ଖୋଳି ଦିଆଯାଇଥିବା ସତ୍ତ୍ୱେ ଗତ ୮ ଦିନରୁ ଊର୍ଦ୍ଧ ସମୟ ପରେ ବି ଖୋଳିଥିବା ଗାତକୁ ଏହାକୁ ସଠିକ ଭାବେ ନ ପୋତି ଛାଡ଼ି ଦିଆଯାଇଛି। ସେପଟେ ପାଇପ ଲିକେଜକୁ ମରାମତି କରାଯାଇନଥିବାରୁ ପାଇପରୁ ପାଣି ଲିକେଜ ହୋଇ ରାସ୍ତା ମଝିରେ ଗାତରେ ପାଣି ଜମି ରହି ଏହା ଚିକ୍କଣ କାଦୁଅରେ ପରିଣତ ହୋଇଛି ଏବଂ ବସ ଷ୍ଟାଣ୍ଡ ସମ୍ମୁଖ ରାସ୍ତାଟି ଏବେ ଏକ ମରଣ ଯନ୍ତା ରୂପ ନେଇଛି। ଦିନକୁ ହଜାର ଲୋକ ଓ ହଜାର ହଜାର ଗାଡ଼ି ମଟର ଚଳାଚଳ କରୁଥିବା ଏହି ବ୍ୟସ୍ତ ବହୁଳ ସ୍ଥାନରେ ଏପରି ଅବସ୍ଥା ଥିବା ସତ୍ତ୍ୱେ



ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନେ ନିରବ ରହିଥିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସେପଟେ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ ହେଉନଥିବାର ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏହି ଗାତ ଅଧିକ ଭୟାବହ ରୂପ ନେବା ସହ ଯେକୌଣସି ସମୟରେ ଗୁରୁତର ଦୁର୍ଘଟଣା ଘଟିପାରେ। ଏହା କେବଳ ରାସ୍ତା ସମସ୍ୟା ନୁହେଁ, ବରଂ ଲୋକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ସହ ସିଧାସଳଖ ଖେଳ ବୋଲି ଅଭିଯୋଗ ଉଠୁଛି। ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନର ନିରବତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଦୀର୍ଘ ୧୫ ଦିନ ଧରି ସହରବାସୀ ଦୂଷିତ ପାଣି ପିଉଥିବା ବେଳେ ତୁରନ୍ତ ପାଇପ ମରାମତି କରି ପରିଷ୍କାର ପାଣି ଯୋଗାଣ କରାଯିବାକୁ ଦାବି କରିଛନ୍ତି ଉପଭୋକ୍ତା। ସେପଟେ, ରାସ୍ତାକୁ ସଠିକ ଭାବେ ପୁନଃନିର୍ମାଣ କରାଯାଉ ଏବଂ ଏହି ଅବହେଳା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟ ଗ୍ରହଣ କରାଯାଉ ବୋଲି ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ବାଲେଶ୍ୱର ଉପଖଣ୍ଡର ନିର୍ବାହୀ ଯନ୍ତ୍ରୀ ନବୀନ ଚନ୍ଦ୍ର ସିଂ ଙ୍କୁ ପଚାରିବାରୁ ସେ କୁହନ୍ତି, ପାଇପଟି

**ପାଇପ ଲିକ୍ ବନ୍ଦ ଆଳରେ ୮ ଦିନ ଧରି ରାସ୍ତାରେ ଗାତ ଖୋଳି ଛାଡ଼ି ଦେଲା ବିଭାଗ**

ରାସ୍ତା ମଝିରେ ରହିଛି, ସେଠାରୁ ପାଇପ ଲିକେଜ ହୋଇ ପାଣି ବାହାରୁଛି, ମରାମତି ପାଇଁ ଚେଷ୍ଟା କରାଯାଇଥିଲା, ବିଦ୍ୟୁତ ତାର ଥିବା ଯୋଗୁଁ ମରାମତି ହୋଇ ପାରିନି। ବିକଳ୍ପ ଭାବେ ଆମେ ରାସ୍ତା ପାଖରେ ନୂଆ ପାଇପ ଲାଇନ ବିଛାଇଛୁ, ଆସନ୍ତା ୨ ଦିନ ମଧ୍ୟରେ ପୁରୁଣା ଲିକେଜ ପାଇପ ବଦଳରେ ନୂତନ ପାଇପରେ ବିଶୁଦ୍ଧ ପାଣି ଯୋଗାଇବୁ ଏବଂ ରାସ୍ତାରେ ହୋଇଥିବା ଗାତକୁ ମଧ୍ୟ କଂକ୍ରିଟ କରିବୁ ବୋଲି ପ୍ରକାଶ କରିଛନ୍ତି।

## ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ



ଜଳେଶ୍ୱର,୨୮।୪ (ସମିସ): ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ୧୭ ୯ ତମ ଜୟନ୍ତୀ ପିଏମଶ୍ରୀ ଜଳେଶ୍ୱର ହାଇସ୍କୁଲ ପରିସରରେ ପୂର୍ବାହ୍ନରେ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି ତଥା ବରିଷ୍ଠ ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନିଲ କୁମାର ମହାନ୍ତି, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସେନାପତି, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ଭଞ୍ଜ ଓ ପ୍ରାକ୍ତନ ଅଧ୍ୟକ୍ଷ ସୁଧିର କୁମାର କର, ପିଏମଶ୍ରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡକ୍ଟର ଅଜିତ କୁମାର ମହାନ୍ତି, କଟକ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବି ରାମଚନ୍ଦ୍ର ଜେନା, ବରିଷ୍ଠ ସମାଜସେବୀ ଦିଲ୍ଲୀପ କୁମାର ଗିରି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର ନାଥ ବାରିକ ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ବାବଦରେ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ସବିତା ପାଠୀଙ୍କ ସହିତ ପିଲାମାନେ ଗାନ କରିଥିବା ବେଳେ ସହକାରୀ ଶିକ୍ଷକ ରାଧାଗୋବିନ୍ଦ ଜେନା ଓ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ସବିତା ପାଠୀ ମିଳିତ ଭାବେ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଆଇନଜୀବି ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ୨୦ ଜଣ ପିଲାଙ୍କ ମଧ୍ୟରେ ମଧୁବାବୁଙ୍କ ଜୀବନି ବାବଦରେ ବକ୍ତୃତା ପ୍ରତିଯୋଗିତା ହୋଇ ସେମାନଙ୍କ ମଧ୍ୟରୁ ନବମ ଶ୍ରେଣୀ ଛାତ୍ରୀ ନମିତା ଦାସ ପ୍ରଥମ, ସପ୍ତମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ସାହୁ ଦ୍ୱିତୀୟ, ଷଷ୍ଠ ଶ୍ରେଣୀ ଛାତ୍ରୀ ଦିବ୍ୟାଶା ପାଠୀ ତୃତୀୟ ସ୍ଥାନ ଗ୍ରହଣ କରି ସେମାନଙ୍କୁ ପୁରସ୍କାର ସହିତ ମଧୁବାବୁ ଜୀବନୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ବେଳେ ଅନ୍ୟ ୧୭ ଜଣ ପ୍ରତିଯୋଗୀଙ୍କୁ ମଧୁବାବୁ ଜୀବନୀ ପୁସ୍ତକ ପ୍ରଦାନ କରା ଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେଶ୍ୱର ମହାନ୍ତି, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷଧିକାରୀ ବନମାଳୀ ଧଳ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହି ଚୟନ କରିଥିଲେ। ପ୍ରଥମେ ସକାଳ ୮ ଘଟିକା ସମୟରେ ଜଳେଶ୍ୱର ପୁରୁଣା କୋର୍ଟ ପାଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

## ସଦର ବିଜେଡି ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ

ବାଲେଶ୍ୱର,୨୮।୪ (ସମିସ): ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସଙ୍କ ତତ୍ତ୍ୱାବଧାନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବାଲେଶ୍ୱର କଚେରୀ ହୋତାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗରିଶ ଚନ୍ଦ୍ର ଦାଶ, ବରିଷ୍ଠ ବିଜେଡି ନେତା ରଂଜନ ବାଗ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଟାଉନ ବିଜେଡି ସଭାପତି ମନୋଜ ରାଉତ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, କାଉନସିଲର ମୀନା ମହାନ୍ତି, ମୀତା ପଟ୍ଟନାୟକ, ସଂଧାରାଣୀ ଜେନା, ଶଶିରେଖା ମହାନ୍ତି, ରାଜଲକ୍ଷ୍ମୀ ଚାଟାର୍ଜୀ, କାର୍ତିକ ସାହୁ, ବିଜେଡି ନେତା ରିତିକ ଜୀ, ପୂର୍ବତନ




ଓଡ଼ିଶାର ସ୍ୱାଭିମାନ ଓ ନବ ନିର୍ମାଣର ସେ ଥିଲେ ମୁଖ୍ୟ ସୂତ୍ରଧର। ତାଙ୍କର ଆଦର୍ଶ ଓ ସଂଗ୍ରାମ ଆମ ସମସ୍ତଙ୍କ ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱରୂପ ଦାସଙ୍କ ସମେତ ବିଜେଡି ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ରମେଶ ମାଝି, ସଞ୍ଜୟ ବେହେରା, ନଳିନୀକାନ୍ତ ଦାସ, ଦେବାଶିଷ ଦାଶ, ଅତୁଲ ଶତପଥି, ସେକ ଅନସର, ଅଶୋକ ଦାସ, ପୂର୍ବତନ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଭୁଦତ୍ତ ପରିଡା, ତପନ ଦାସ, ବିକାଶ ବେହେରା, ସୌଭାଗ୍ୟ ଖୁଣ୍ଟିଆ, ହର୍ଷ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ୮ମ ଶ୍ରେଣୀ ଛାତ୍ରକୁ ଶିକ୍ଷକଙ୍କ ମାଡ଼ ଅଭିଯୋଗ

ସିମୁଳିଆ, ୨୮।୪ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ସବଙ୍ଗ ଗ୍ରାମର ବୈଜୟନ୍ତ ପାଲ ୭ ଦିନ ହେବ ଜ୍ଞାନ ଗଙ୍ଗା ପାଠ ଗାରା ରେ ରହି ଅନ୍ତରା ମହତିପୁର ସ୍କୁଲ ରେ ଅଷ୍ଟମ ଶ୍ରେଣୀ ରେ ପାଠ ପଢୁଥିଲେ। ଛାତ୍ରାବାସକୁ ବୈଜୟନ୍ତର ବଡ଼ ମାମୁ ଦେଖା କରିବାକୁ ଯାଇଥିବା ବେଳେ ଶିକ୍ଷକ ପ୍ରମୋଦ ଦାଶ ପ୍ରଥମେ ଦେଖା କରିବାକୁ ମନାକରିଥିଲେ। ପରେ ବୈଜୟନ୍ତର ବଡ଼ ମାମୁଁ ବୋଲି ପରିଚୟ ଦେଇଥିଲେ। ଦେଖାକରିବକୁ ଅନୁମତି ଦେଇଥିଲେ। ବୈଜୟନ୍ତ ମାମୁକୁ ଦେଖି କୁଣ୍ଢେଇ ଜୋର ରେ କାନ୍ଦି ଥିଲା। ଏହା ଦେଖି ପ୍ରମୋଦ ଦାଶ ଅତି ଅମାନୁଷିକ ଭାବେ ପିଲାକୁ ପିଟି ଥିଲେ। ମାମୁ ଆସି ନିଜ ଭଉଣୀ ସନ୍ଧ୍ୟାରାଣୀ ପାଲ ଙ୍କୁ ଛାତ୍ରାଆବାସର ସବୁ ଘଟଣା କହିବା ପରେ ସଂଧାରାଣୀ ପୁଅ ପାଖକୁ କୁ ଯାଇ ବୈଜୟନ୍ତ କୁ ଆଣିବାକୁ ଜିଦ କରିବାରୁ ମାଡ଼ ମାରିଥିବା ପ୍ରମୋଦ ଦାଶ ବୈଜୟନ୍ତ ମା' ସନ୍ଧ୍ୟାରାଣୀଙ୍କୁ ଗାଳି ଗୁଲଜ କରିଥିଲେ। ସଂଧାରାଣୀ ପିଲା କୁ ଆଣିବା ପାଇଁ ଜିଦ ଧରି ପିଲାକୁ ନେଇ ଆସିଥିଲେ। ନେଇ ଆସିବା ପରେ ପିଲାଟି ମାଡ଼ ହେବାର ମା'କୁ ସବୁ କଥା କହିଥିଲେ। ମା' ପିଲାର ଗୋଡ଼ ପିଠି ପର୍ଯ୍ୟନ୍ତ କ୍ଷତ ଦେଖି ତୁରନ୍ତ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀ ଚିକିତ୍ସା କରିବା ଶହ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିମୁଳିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଜିକେ ଭଟ୍ଟର ହସ୍ପିଟାଲରେ ନାହାନ୍ତି ସର୍ଜରୀ ଡାକ୍ତର

ଜଳେଶ୍ୱର,୨୮।୪ (ସମିସ): ଓଡ଼ିଶା ଉତ୍ତର ସୀମାନ୍ତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୋପୀକିଶାନ ହସ୍ପିଟାଲ ଜୀବନ ରେଖା ସଦୃଶ। କିନ୍ତୁ ଦୀର୍ଘଦିନ ଧରି ବିଭିନ୍ନ ବିଭାଗରେ ଡିକ୍ତର ନିଯୁକ୍ତି ନ ହେବା, କର୍ମଚାରୀ, ସେବିକା ଅଭାବ, ଅତ୍ୟାବଶ୍ୟକ ପରୀକ୍ଷା ଯନ୍ତ୍ରପାତି ଖରାପ ଯୋଗୁଁ ହଜାର ହଜାର ରୋଗ ନିରାଶ ହୋଇ ଘରୋଇ କ୍ଲିନିକ୍ ମୁହାଁ ହେଉଛନ୍ତି। ଦୁଇଟି ରାଜପଥ ରହିତ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଅସ୍ଥି ବିଶେଷଜ୍ଞ ଡ଼ାକ୍ତର ନଥିବା ବେଳେ ସର୍ଜରୀ ଡାକ୍ତର ପଦ ଫାଙ୍କା ପଡିଛି। ଟ୍ରମା ସେଣ୍ଟର ନଥିବାରୁ ଦୁର୍ଘଟଣା ହେଲେ ତୁରନ୍ତ ରେଫର କରାଯାଉଛି। ଅପରେସନ ପାଇଁ ଡାକ୍ତର ନ ଥିବାରୁ ବିପଦଜନକ ଭାବେ କର୍ମଚାରୀ ମାନଙ୍କ ଦ୍ୱାରା ଅପରେସନ, ସିଲେଇ ମଧ୍ୟ ହେଉଛି। ଗୁରୁତର ରୋଗୀଙ୍କୁ ୬୦ କିମି ଦୂର ବାଲେଶ୍ୱରରକୁ ସ୍ଥାନାନ୍ତର ବେଳେ ରାସ୍ତାରେ ଜୀବନ ଯାଉଛି ।ଅପରେସନ୍ ଥିଏଟର ଅଚଳ ହୋଇ ପଡିଥିବା ବେଳେ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଭଟ୍ଟର ହସପିଟାଲକୁ ଜଣେ ସର୍ଜରୀ ଡାକ୍ତର ସପ୍ତାହକୁ ଥରେ ଡେପୁଟେସନରେ ଆସୁଥିଲେ ମଧ୍ୟ ସର୍ଜରି ସୁବିଧା ନ ଥିବାରୁ ଅସ୍ତ୍ରୋପଚାର ହୋଇପାରୁନାହିଁ। ସର୍ଜନ ନ ଥିବାରୁ ଛୋଟ କିମ୍ବା ଜରୁରୀକାଳୀନ ଅସ୍ତ୍ରୋପଚାର ପାଇଁ ରୋଗୀଙ୍କୁ ବଡ଼ ହସ୍ପିଟାଲକୁ ରେଫର କରାଯାଉଛି। ଫଳରେ କେତେକ ରୋଗୀ ଉପାୟ ନପାଇ ଘରୋଇ ନର୍ସିଂ ହୋମ୍ ରେ ଚିକିତ୍ସିତ ହୋଇ ଶୋଷଣର ଶୀକାର ହେଉଛନ୍ତି। ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଲାଇନ୍ ଲଗାଇଥିବା ବେଳେ ଡାକ୍ତରଙ୍କ ଅଭାବରୁ ଚିକିତ୍ସା ପାଇପାରୁ ନାହାନ୍ତି। ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ, ରାଜନୈତିକ ନେତୃତ୍ୱଙ୍କ ନଜର ନଥିବା ବେଳେ ସାମାଜିକ ସଂଗଠନ ବାରମ୍ବାର ସ୍ୱର ଉତ୍ତୋଳନ କରି ଥକି ପଡିଛନ୍ତି।



**ରୋଗୀ ପାଉନି ସେବା**

### ବାହାନଗା ବ୍ଲକରେ ଠିକାଦାରଙ୍କ କୋଟି କୋଟି ଟଙ୍କା ବିଲ୍ ବକେୟା

# ୧.୫ କୋଟି ଟଙ୍କା ବିଲ୍ ନ କରି ବକେୟା ରଖିଛି ବ୍ଲକ ପ୍ରଶାସନ

ବାଲେଶ୍ୱର,୨୮।୪(ସମିସ)

ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିଥିବା ଜଣେ କାର୍ଯ୍ୟଗ୍ରାହୀ ବିଲ୍ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ଏମିତି କି କାର୍ଯ୍ୟ ସାରିଥିଲେ ସୁଦ୍ଧା ଗତ ୨ ରୁ ୩ ବର୍ଷ ଧରି ବକେୟା ଦେଢ଼ କୋଟି ଟଙ୍କା ବିଲ ପାଇବା ପାଇଁ କାର୍ଯ୍ୟଗ୍ରାହୀ ଜଣକ ବାହାନଗା ବ୍ଲକରେ ହେଉଥିବା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

୨୦୨୨-୨୩ ମସିହାରେ ସେ ବାହାନଗା ବ୍ଲକରେ ୫-ଟି ଯୋଜନାରେ ବିଭିନ୍ନ ସ୍କୁଲର ନିର୍ମାଣ କାର୍ଯ୍ୟ, ମନରେଗା କାର୍ଯ୍ୟ, ଅଙ୍ଗନବାଡ଼ି ନିର୍ମାଣ କାର୍ଯ୍ୟ ଓ ବ୍ଲକ କ୍ୟାମ୍ପସ ରିନୋଭେସନ ଭଳି ଅନେକ ଉନ୍ନୟନ କାର୍ଯ୍ୟ କରିଥିଲେ। ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ଲୋକେଶ କୁମାର ଦାସଙ୍କୁ କାର୍ଯ୍ୟଗ୍ରାହୀ ଭାବେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିଲା ବ୍ଲକ ପ୍ରଶାସନ। ସେପଟେ ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ତୁରନ୍ତ କାର୍ଯ୍ୟ ସାରିବାକୁ ତାଗିଦ ସହ ଚାପ ପକାଯାଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଶେଷ କରିଥିଲେ କାର୍ଯ୍ୟଗ୍ରାହୀ ଲୋକେଶ କୁମାର ଦାସ। କିନ୍ତୁ କାମ ସମାପ୍ତ ହେବାକୁ ଦୀର୍ଘ ୨ ରୁ ୩ ବର୍ଷ ବିତିଥିଲେ ସୁଦ୍ଧା ବ୍ଲକ ପ୍ରଶାସନର ଅଧିକାରୀ ନିଜର କାମ ହାସଲ ପରେ ବିଲ କରାଉନାହାନ୍ତି, ପାଖାପାଖି ୧.୫ କୋଟି ଟଙ୍କା ବିଲ ନକରି ବକେୟା ରଖିଛି ବ୍ଲକ ପ୍ରଶାସନ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ କାର୍ଯ୍ୟଗ୍ରାହୀ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ବେଳେ କେବଳ ପ୍ରତିଶ୍ରୁତି ଦେଉଛନ୍ତି ବ୍ଲକର ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀ। ବହୁ ଯନ୍ତ୍ରୀ ବଦଳି ହୋଇ ସାରିଥିଲେ ମଧ୍ୟ କାର୍ଯ୍ୟଗ୍ରାହୀଙ୍କୁ କାର୍ଯ୍ୟ କରାଇ ବିଲ୍ କରୁନାହାନ୍ତି। ଆଜକୁ ୨ରୁ ୩ ବର୍ଷ ଧରି କାର୍ଯ୍ୟଗ୍ରାହୀ କାର୍ଯ୍ୟ ସମାପ୍ତ କରିଥିଲେ ସୁଦ୍ଧା ବିଲ ପ୍ରଦାନ କରାଯାଉନାହିଁ। ସେ ଏହି କାର୍ଯ୍ୟ ବାବଦକୁ ପାଖାପାଖି ୧ କୋଟି ୫୦ ଲକ୍ଷ ଟଙ୍କା ପାଇବାକୁ ଥିବା ବେଳେ

**● ୩ ବର୍ଷ ହେଲା ବିଲ୍ ନ ହେବାରୁ ଅସନ୍ତୋଷ**

**● ୧୫ ଦିନ ମଧ୍ୟରେ ଟଙ୍କା ନ ମିଳିଲେ ଆମରଣ ଅନଶନ ଚେତାବନୀ**

ବିଭାଗୀୟ ଅଧିକାରୀମାନେ ଅବହେଳା କରି ବିଲ କରୁନଥିବାର କାର୍ଯ୍ୟଗ୍ରାହୀ ଅଭିଯୋଗ ଆଣିଛନ୍ତି। ବାରମ୍ବାର ନିଜର ବିଲ ଟଙ୍କା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ବିଡ଼ିଓ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟରେ କାର୍ଯ୍ୟାଗ୍ରାହୀ ଅଭିଯୋଗ ଆଣିଥିଲେ। ଏମିତିକି ଅନେକ ଫାଇଲରେ ଟଙ୍କା ନଥିବା ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟଗ୍ରାହୀଙ୍କୁ କହିଥିଲେ। ଶେଷରେ କାର୍ଯ୍ୟ କରାଇ ଟଙ୍କା ଦେଇନଥିବାରୁ ଅଭିଯୋଗ ପରେ ଏହାକୁ ହୃଦବୋଧ କରି ବ୍ଲକ ପ୍ରଶାସନ ୨୦୨୨ ମସିହା ନଭେମ୍ବର ୨୮ ତାରିଖରେ ପଞ୍ଚାୟତ ସମିତି ବୈଠକରେ ଟଙ୍କା ନଥିବା ଫାଇଲ (ବ୍ଲକ ରିନୋଭେସନ ଏବଂ ୫ଟି ସ୍କୁଲ) ଗୁଡ଼ିକୁ ବ୍ଲକର ଏସଏଫସି ଏବଂ ସିଏଫସି ଟଙ୍କାର ସୁଧ ଟଙ୍କାକୁ ବିନିଯୋଗ କରାଯିବ ଏବଂ ବିଲ ପ୍ରଦାନ କରାଯିବା ନେଇ ସମିତି ବୈଠକ ରେ ନିଷ୍ପତି ହେବା ସହ ରିଜୋଲେସନ ମଧ୍ୟ ହୋଇଥିଲା। ବିଗତ ୧ ବର୍ଷ ମଧ୍ୟରେ ବିଡ଼ିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଏଇଇ, ଯନ୍ତ୍ରୀ ମାନେ ୩ ଥର ମିଳିତ ବୈଠକ କରି ସବୁ ଥର ୩ ମାସ ମଧ୍ୟରେ କାର୍ଯ୍ୟଗ୍ରାହୀଙ୍କୁ ବକେୟା ବିଲ ଦେଇଦେବେ ବୋଲି ପ୍ରତିଶୃତି ଦେଇଥିଲେ। ହେଲେ ବ୍ଲକ ପ୍ରଶାସନର ପ୍ରତିଶୃତି ପାଣିର ଗାର ହୋଇଛି। ବିଭାଗୀୟ ଅଧିକାରୀ କାର୍ଯ୍ୟଗ୍ରାହୀଙ୍କୁ ଖର୍ଚ୍ଚାନ୍ତ କରି କାମ କରାଇ ଟଙ୍କା ଥିବା ଫାଇଲ ର ବିଲ କରୁନାହାନ୍ତି କି ଟଙ୍କା ନଥିବା ଫାଇଲ ଗୁଡିକରେ ସମିତି ବୈଠକର ରିଜୋଲେସନ ମୁତାବକ ବିଲ କରି ଟଙ୍କା ପ୍ରଦାନ କରୁନାହାନ୍ତି। ଦୀର୍ଘ ବର୍ଷ ବର୍ଷ ଧରି ବିଲ ପ୍ରଦାନ ନକରି କାର୍ଯ୍ୟଗ୍ରାହୀଙ୍କୁ ମାନସିକ ନିର୍ଯାତନା ଦେଇଆସୁଥିବାର କାର୍ଯ୍ୟଗ୍ରାହୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଆଣିଛନ୍ତି । ଏମିତି କି ଆସନ୍ତା ୧୫ ଦିନ ମଧ୍ୟରେ ବକେୟା ବିଲ୍‌କୁ ପ୍ରଦାନ କରାନଗଲେ କାର୍ଯ୍ୟଗ୍ରାହୀ କାର୍ଯ୍ୟ କରିଥିବା ସମସ୍ତ ସ୍କୁଲ, କଲେଜ ଏବଂ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ତାଲା ପକାଇବା ସହ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। ଏହି ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇପଡ଼ିଥିବା ବେଳେ ପ୍ରଶ୍ନ ଉଠୁଛି କାମ ସମାପ୍ତ ହେବା ପରେ ମଧ୍ୟ ବିଲ କାହିଁକି ଅଟକିଛି? ସମିତି ବୈଠକରେ ପାସ୍ ହୋଇଥିବା ପ୍ରସ୍ତାବ କାହିଁକି କାର୍ଯ୍ୟକାରୀ ହୋଇନାହିଁ? ଏହାର ପଛରେ କାହାର ହାତ ଅଛି? ଏହି ଘଟଣା ବ୍ଲକ ପ୍ରଶାସନ ଉପରେ ବିରାଟ ପ୍ରଶ୍ନବାଚୀ ଛିଡ଼ା କରିଛି।

## ତ୍ରିପୁରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

କାଳିପଦା, ୨୮।୪ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ନେପୁରା ଗ୍ରାମର ଶ୍ରୀ ଶ୍ରୀ ତ୍ରିପୁରେଶ୍ୱର ମହାଦେବଙ୍କ ଚାରି ଦିନିଆ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ପୂର୍ବାହ୍ନରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ୧୦୮ ମହିଳାଙ୍କ ଦ୍ୱାରା ସୁବର୍ଣ୍ଣରେଖା ନଦୀରୁ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇ ବାବାଙ୍କୁ ମହାସ୍ନାନ କରାଯାଇଥିଲା। ପରେ ମନ୍ଦିର ପ୍ରତିଷ୍ଠାର ନୀତିକାନ୍ତି, ପୂଜାର୍ଚ୍ଚନା କରାଯାଇ ମନ୍ଦିର ପ୍ରତିଷ୍ଠା କାର୍ଯକ୍ରମ ଆରମ୍ଭ ହୋଇ ଥିଲା। ଏହା ଆସନ୍ତା ଗୁରୁବାର ଦିନ ପୂର୍ଣ୍ଣ ଆହୁତି ପରେ ମନ୍ଦିର ପ୍ରତିଷ୍ଠା କାର୍ଯକ୍ରମ ସମାପନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ମଙ୍ଗଳବାର ମହାଦେବଙ୍କ ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୁରୁ ପୂଜା, ବେଦ ପାଠ, ଗୋବିନ୍ଦ ପୂଜା, ସ୍ନାନ, ମହାସ୍ନାନ, ଶୟନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ମହାଦେବଙ୍କ ସହିତ ନବଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ନଗର ପରିକ୍ରମା, ତ୍ରିଶୂଳ ସ୍ଥାପନ, ଧ୍ୱଜା ସ୍ଥାପନ, ପିଣ୍ଡିକା ସ୍ଥାପନ, ଭୋଗଶୀଳା ସ୍ଥାପନ, ଆଳତୀ, ପୁଷ୍ପାଞ୍ଜଳି, ରୁଦ୍ରାଭିଷେକ ଏବଂ ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୂତି ପ୍ରଦାନ ପରେ ଉତ୍ସବ ଉଦଯାପିତ ହେବା ସହିତ ଭକ୍ତ ମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଛି । ସମସ୍ତ କାର୍ଯ୍ୟକ୍ରମକୁ ତ୍ରିପୁରେଶ୍ୱର ଶିବ ମନ୍ଦିର କମିଟିର କାର୍ଯ୍ୟକର୍ତ୍ତା ତଥା ନେପୁରା ଗ୍ରାମବାସୀ ପରିଚାଳନରେ ସହଯୋଗ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୪୮ - ସୁପ୍ରସିଦ୍ଧ ଚିତ୍ରକର ରାଜା ରବି ବର୍ମାଙ୍କ ଜନ୍ମ।
- ୧୯୩୯ - ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସରୁ ଇସ୍ତଫା ଦେଲେ।
- ୧୯୪୫- ଜାପାନ ସେନା ରେଙ୍ଗୁନ୍ ଛାଡ଼ିଲା।
- ୧୯୯୧- ବାଂଲାଦେଶରେ ଆସିଥିବା ତୋଫାନ ଯୋଗୁଁ ଏକ ଲକ୍ଷ ୩୮ ହଜାର ଲୋକଙ୍କ ମୃତ୍ୟୁ, ଦଶ ଲକ୍ଷ ଲୋକ ବାସହରା ହୋଇଥିଲେ।

## ଆଜି ବାହୁଡ଼ିଥିଲେ

# ଧୂଳିମାଟିର ସନ୍ଥ



ଗୋପବନ୍ଧୁ ଚୌଧୁରୀ ଜଣେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ଏବଂ ଗାନ୍ଧୀବାଦୀ ନେତା ଥିଲେ। ତାଙ୍କର ନିରାଡ଼ମ୍ବର ଜୀବନଶୈଳୀ ଏବଂ ଜନସେବା ପାଇଁ ତାଙ୍କୁ 'ଧୂଳିମାଟିର ସନ୍ଥ' ବୋଲି କୁହାଯାଏ। ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ସେ ଆଜୀବନ ଚାଲିଥିଲେ। ସେ ଜୀବନର ୩୭ ବର୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ଗାନ୍ଧୀବାଦୀ କର୍ମଧାରାର ପ୍ରଚାର ପ୍ରସାର କରାଇଥିଲେ। ସେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଏବଂ ଭୂଦାନ ଆନ୍ଦୋଳନର ଅଗ୍ରଣୀ ନେତା ଥିଲେ। ବିଶେଷ କରି ଆଚାର୍ଯ୍ୟ ବିନୋବା ଭାବେଙ୍କ 'ଭୂଦାନ ଆନ୍ଦୋଳନ'କୁ ସେ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚାଇଥିଲେ। ଗୋପବନ୍ଧୁ ଚୌଧୁରୀ ୧୮୯୫ ମେ ୮ରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପୈତୃକ ଗ୍ରାମ ଜଗତସିଂହପୁର ଜିଲ୍ଲାର ଖେରସରେ ଶିକ୍ଷାରମ୍ଭ କରି, ସେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲ ଓ ରେଭେନ୍ସା ମହାବିଦ୍ୟାଳୟ ହୋଇ କଲିକତାର ପ୍ରେସିଡେନ୍ସି କଲେଜରୁ କୃତିତ୍ୱର ସହ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। କଲିକତାରେ ଆଇନ ପରୀକ୍ଷାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡେପୁଟି ମାଜିଷ୍ଟ୍ରେଟ୍ ଭାବେ ତାଙ୍କର ଚାକିରି ଜୀବନ ଆରମ୍ଭ ହୋଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନ ଭାଇ ଗୋପାଳବଲ୍ଲଭଙ୍କ କନ୍ୟା ରମାଦେବୀଙ୍କୁ ସେ ବିବାହ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ କାରାବରଣ କରିଥିଲେ। ଗୋପବନ୍ଧୁ ଯାଜପୁରର ଡେପୁଟି ମାଜିଷ୍ଟ୍ରେଟ୍ ଥିବା ସମୟରେ ବନ୍ୟା ବିଧ୍ୱସ୍ତ ଜେନାପୁର ଓ ଅନ୍ୟଗ୍ରାମକୁ ଦେଖି ସରକାରଙ୍କ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଅନୁଭବ କରି ଅଧିକ ସାହାଯ୍ୟ ଦାବି କରିଥିଲେ। ବ୍ରିଟିଶ ସରକାର ତାଙ୍କ ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ। ତା' ପରେ ସତ୍ୟବାଦୀ ଯାଇ ଗୋପବନ୍ଧୁ ଦାସଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ସେ ଗୋପବନ୍ଧୁଙ୍କ ପ୍ରେରଣା ପାଇ ଗାନ୍ଧିବାଦକୁ ଗ୍ରହଣ କରିଥିଲେ ଏବଂ ଓଡ଼ିଶାର ଗ୍ରାମାଞ୍ଚଳରେ ଗାନ୍ଧୀ ଚିନ୍ତନ ଓ କର୍ମଧାରାର ପ୍ରଚାର ପ୍ରସାର କରାଇଥିଲେ। ଜଗତସିଂହପୁରରେ 'ଅଳକାଶ୍ରମ' ଗଢ଼ି ଗୋପବନ୍ଧୁ ଦେଶସେବାରେ ନିଜକୁ ପୂର୍ଣ୍ଣ ସମର୍ପିତ କରିଥିଲେ। ଏ ଆଶ୍ରମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା, ଖଦି ସୂତା ପ୍ରସ୍ତୁତି, ଉନ୍ନତ ଚାଷ ପ୍ରଣାଳୀ, କୁଟୀର ଶିଳ୍ପର ବିକାଶ, ମ୍ୟାଲେରିଆ ଓ ହଇଜାରୁ ରକ୍ଷା ପାଇବା ପାଇଁ ଉପାୟ ଶିକ୍ଷା ଦିଆଗଲା। ଗୋପବନ୍ଧୁ ୧୯୨୧ରେ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସଭ୍ୟ ହେଲେ ଓ ସ୍ୱାଧୀନ ଭାରତ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପ୍ରୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ୧୯୫୮ ମସିହା ଏପ୍ରିଲ୍ ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା।

# ଅନ୍ତର୍ଜାତୀୟ ନୃତ୍ୟ ଦିବସ



ଯେତେପ୍ରକାରର ନୃତ୍ୟ ଧାରା ରହିଛି ତା'ର ପ୍ରଚାର ପ୍ରସାର କରିବା ତଥା ଏହି କଳାକୁ ବଞ୍ଚାଇ ରଖିବା ପାଇଁ ସରକାର ଏବଂ ବିଭିନ୍ନ ବର୍ଗର ଲୋକଙ୍କ ପ୍ରୋତ୍ସାହନ ହାସଲ କରିବା ଉଦ୍ଦେଶ୍ୟରେ ଏପ୍ରିଲ୍ ୨୯ ତାରିଖରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି। ୟୁନେସ୍କୋ ସହଯୋଗରେ ଇଣ୍ଟରନ୍ୟାସନାଲ୍ ଥିଏଟର୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ୧୯୮୨ ମସିହା ଏପ୍ରିଲ୍ ୨୯ ତାରିଖରେ ପାଳନ ପାଇଁ ନିଷ୍ପତ୍ତି ନେଇଥିଲା। ସେବେଠାରୁ ଏହି ଦିବସ ପାଳନ କରାଯାଉଛି।

ପ୍ରତିବର୍ଷ ଏପ୍ରିଲ ୨୯ ତାରିଖରେ ଆନ୍ତର୍ଜାତିକ ନୃତ୍ୟ ଦିବସ ପାଳନ କରାଯାଏ। ଏହି ଦିନଟି ନୃତ୍ୟ କଳାର ପ୍ରଚାର, ପ୍ରସାର ଏବଂ ଏହାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ନୃତ୍ୟ ଏପରି ଏକ କଳା ଯେଉଁଠି ନାଟ୍ୟ, ସଙ୍ଗୀତ, ଚିତ୍ରକଳା, ନୀରବତାର ଅପୂର୍ବ ସମ୍ମିଶ୍ରଣ ଦେଖିବାକୁ ମିଳେ। ସିନେମାରୁ ଆରମ୍ଭ କରି ଉତ୍ସବ, ମହୋତ୍ସବ ପର୍ଯ୍ୟନ୍ତ ନୃତ୍ୟ ବିନା ସବୁକିଛି ଅଧା ଅଧୁରା। ସାରା ବିଶ୍ୱରେ ଭାରତର କୋଣ ଅନୁକୋଣରେ ଅନେକ ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଚଳିତ। ଭାରତର ଶାସ୍ତ୍ରୀୟ ନୃତ୍ୟର ଆଦର ସାରା ବିଶ୍ୱରେ। ଯେଉଁଥିରେ ଓଡ଼ିଶୀ, ଭାରତନାଟ୍ୟମ୍, କଥକ, କୁଚୁପୁଡ଼ି, ମୋହିନୀଅଟ୍ଟମ୍, ମଣିପୁରୀ, କଥାକଳି ଆଦି ରହିଛି। ଆମ ଓଡ଼ିଶାରେ ମଧ୍ୟ ନୃତ୍ୟର ଅନେକ ଧାରା ରହିଛି। ଓଡ଼ିଶାରେ ଛଉ, ସମ୍ବଲପୁରୀ, ମାହାରୀ, ରଣପା ଏବଂ ବାଘ ନାଚ ଭଳି ଅନେକ ସମୃଦ୍ଧ ଲୋକ ନୃତ୍ୟ ପରମ୍ପରା ରହିଛି। ନୃତ୍ୟ କେବଳ ମନୋରଞ୍ଜନ ନୁହେଁ, ବରଂ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ଏହି ଦିବସ ବାର୍ତ୍ତା ଦେଇଥାଏ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ନୃତ୍ୟାନୁଷ୍ଠାନ, ବିଦ୍ୟାଳୟ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, କର୍ମଶାଳା ଏବଂ ପ୍ରଦର୍ଶନୀର ଆୟୋଜନ କରାଯାଏ।

# 'କକ୍‌ଟେଲ୍ ୨'ରେ ଦୀପିକା



ଯେବେଠୁ 'କକ୍‌ଟେଲ୍ ୨' ଫିଲ୍ମ ବିଷୟରେ ଘୋଷଣା କରାଯାଇଛି, ସେବେଠୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଶାହିଦ୍ କପୁର, କ୍ରିତି ସାନନ୍ ଓ ରଶ୍ମିକା ମନ୍ଦାନା ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଏବେ ଏଥିରେ ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ଦୀପିକା ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ସେ ମୂଳ ଫିଲ୍ମ(କକ୍‌ଟେଲ୍)ର ବେରୋନିକା ଭୂମିକାକୁ ଫେରିବେ। କିଛି ଦିନ ପୂର୍ବରୁ ଦୀପିକା ମ୍ୟାଡକକ୍ ଫିଲ୍ମସ୍ ଅଫିସ୍‌କୁ ଯାଇଥିଲେ। ଏଥିରୁ ସେ 'ମହାବତାର' ଫିଲ୍ମରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଦୀପିକାଙ୍କୁ 'କକ୍‌ଟେଲ୍ ୨'ରେ ବେରୋନିକା ଚରିତ୍ରକୁ ଫେରିବା ପାଇଁ ଅଫର୍ ଦିଆଯାଇଥିବା ଜଣାପଡ଼ିଛି। ଦୀପିକା ଇତିମଧ୍ୟରେ ତାଙ୍କ ଭାଗର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ଅବଶ୍ୟ ଫିଲ୍ମରେ ଦୀପିକାଙ୍କ ଏଣ୍ଟ୍ରି ବିଷୟରେ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ୨୦୧୨ ମସିହାରେ 'କକ୍‌ଟେଲ୍' ଫିଲ୍ମ ଆସିଥିଲା। ଏଥିରେ ବେରୋନିକା (ଦୀପିକା), ତାଙ୍କ ପ୍ରିୟ ବାନ୍ଧବୀ ମୀରା( ଡାଏନା ପେଣ୍ଟି) ଓ ତାଙ୍କ ପ୍ରେମିକ ଗୌତମ (ସୈଫ୍ ଅଲ୍ଲୀ ଖାନ୍)ଙ୍କ ପ୍ରେମ ମଧ୍ୟରେ ଫସି ଯାଉଥିବାର ଦେଖାଯାଇଥିଲା। 'କକ୍‌ଟେଲ୍ ୨' ଆସନ୍ତା ଜୁନ୍ ୧୯ରେ ପରଦାକୁ ଆସିବ। ହୋମି ଅଜଦାନିଆ ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'କକ୍‌ଟେଲ ୨' ୨୦୧୨ରେ ଆସିଥିବା ଫିଲ୍ମ 'କକ୍‌ଟେଲ୍'ର ସିକ୍ୱେଲ।

---

## ସମ୍ଭାବନା



# ସଫଳତା ପାଇଁ ନିଜକୁ ସୁଧାରନ୍ତୁ

**ସଫଳତା ପାଇବା ପାଇଁ ଜୀବନରେ ସନ୍ତୁଳନ ବଜାୟ ରଖିବା ଖୁବ୍ ଜରୁରି। ନିଜକୁ ସୁଧାରିବା, ନିଜ କ୍ଷମତାକୁ ଚିହ୍ନଟ କରିବା ଦରକାର। ଏହା ହିଁ ଜଣକୁ ଆଗକୁ ବଢ଼ିବାରେ ସାହାଯ୍ୟ କରେ। ତେଣୁ ଆତ୍ମ ସୁଧାର ବା ନିଜକୁ ସୁଧାରିବା ଦିଗରେ କ'ଣ କରାଯାଇପାରିବ, ସେ ସମ୍ପର୍କରେ ଜାଣିବା।**

- ନିଜ ଉପରେ ସମୟ ନିବେଶ କରନ୍ତୁ। ଜ୍ଞାନ ଓ ନୂତନ କୌଶଳ ଉପରେ ନିବେଶ କରାଯାଇଥିବା ସମୟ ଭବିଷ୍ୟତରେ ସଫଳତା ହାସଲ କରିବା ଦିଗରେ ସାହାଯ୍ୟ କରେ। ନିଜ ଉପରେ ଜଣେ ଯେତେ ସମୟ ନିବେଶ କରିବ, ସେତିକି ପରିମାଣରେ ଆତ୍ମ ସୁଧାର ହୋଇପାରିବ।
- ନିଜ କାମ ଓ ପଦ ପାଇଁ କେଉଁ କୌଶଳ ଦରକାର, ସେ ସମ୍ପର୍କରେ ଜାଣି ନିଜକୁ ସୁଧାରନ୍ତୁ।
- ସେହିପରି ସଫଳ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବା ଦରକାର। କାରଣ ପ୍ରତ୍ୟେକ ସଫଳ ବ୍ୟକ୍ତି ଅନ୍ୟ ସହିତ ନୁହେଁ, ନିଜ ସହିତ ପ୍ରତିଯୋଗିତା କରନ୍ତି। ସେଥିପାଇଁ ନିଜକୁ ସୁଧାରିବା ଦିଗରେ ଏହି ପ୍ରଚେଷ୍ଟା କରିବା ଦରକାର।
- କିଛି ଅଭାବ ନିଜ ଭିତରେ ଥାଏ, ଯାହାକୁ ଅଣଦେଖା କରାଯାଏ। ତେଣୁ ନିଜକୁ ସୁଧାରିବାର ପ୍ରୟାସ କଲେ ନିଜର ଦୁର୍ବଳତା ସାମ୍ନାକୁ ଆସେ।
- ନିଜ ପ୍ରଗତିର ସମୀକ୍ଷା କରନ୍ତୁ ଏବଂ ଆବଶ୍ୟକତା ଅନୁସାରେ ଏହାର ଦିଗ ପରିବର୍ତ୍ତନ କରନ୍ତୁ।
- ଅଭିଯୋଗ କରିବା ସ୍ୱଭାବ ଥିଲେ ସେଥିରେ ପରିବର୍ତ୍ତନ ଆଣନ୍ତୁ। ସକାରାତ୍ମକ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ।
- ନିଜର ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରଣ କରନ୍ତୁ। ନିଜର ଭୁଲ୍‌କୁ ଟ୍ରାକ୍ କଲେ ସଫଳତାର ରାସ୍ତା ଉନ୍ମୁକ୍ତ ହୁଏ।



# ହ୍ୱାଟ୍ସଆପ୍‌ରେ ମୋବାଇଲ ରିଚାର୍ଜ

**ହ୍ୱାଟ୍ସଆପ୍ ଭାରତରେ ବ୍ୟବହାରକାରୀଙ୍କ ଲାଗି 'ମୋବାଇଲ ରିଚାର୍ଜ ଫିଚର୍' ଲଞ୍ଚ କରିଛି। ଏହା ଦ୍ୱାରା ଚାଟିଂ କରିବା ସମୟରେ ଏହି ଆପ୍‌ରୁ ହିଁ ମୋବାଇଲ ରିଚାର୍ଜ କରାଯାଇପାରିବ। ଏ ଲାଗି ହ୍ୱାଟ୍ସଆପ୍ 'ପେ ୟୁ' ନାମକ ଏକ ପେମେଣ୍ଟ କମ୍ପାନି ସହିତ ହାତ ମିଶାଇଛି।**




ଏହି ନୂଆ ସୁବିଧା ବ୍ୟବହାରକାରୀଙ୍କୁ କିଛି ସପ୍ତାହ ମଧ୍ୟରେ ଆଣ୍ଡ୍ରଏଡ ଏବଂ ଆଇଫୋନରେ ଉପଲବ୍ଧ ହେବ। ପୂର୍ବରୁ ହ୍ୱାଟ୍ସଆପ୍‌ରେ ବିଲ୍ ଭରିବା ତଥା କିଛି ସହରରେ ମେଟ୍ରୋ ଟିକେଟ୍ ବୁକ୍ କରିବାର ସୁବିଧା ରହିଛି। ଏବେ ଏଥିରେ ରିଚାର୍ଜ କରିବା ସୁବିଧା ଯୋଡ଼ି ହୋଇଯିବା ପରେ ଏହା ଆହୁରି ଲୋକଙ୍କ ପାଇଁ ବ୍ୟବହାରଯୋଗ୍ୟ ହୋଇଯିବା କୁହାଯାଉଛି। ତେବେ ଏୟାରଟେଲ୍, ଜିଓ, ଭୋଡାଫୋନ୍-ଆଇଡିଆର ପ୍ରିପେଡ୍ ବ୍ୟବହାରକାରୀ ନିଜ ମନପସନ୍ଦର ପ୍ଲାନକୁ ବାଛି ମୋବାଇଲ ରିଚାର୍ଜ କରିପାରିବେ।

ବିଶେଷକଥା ହେଉଛି ଏ ଲାଗି ହ୍ୱାଟ୍ସଆପ୍‌କୁ ବନ୍ଦ କରି ଅନ୍ୟ କୌଣସି ଆପ୍‌କୁ ଯିବାକୁ ପଡ଼ିବ ନାହିଁ। ସେହିପରି ରିଚାର୍ଜ ଏବଂ ପେମେଣ୍ଟକୁ ସହଜ କରିବା ଲାଗି ଏଥିରେ ଏକ ଛୋଟ ପରିବର୍ତ୍ତନ କରାଯାଇଛି। ତେଣୁ ଏବେ ଏହି ଆପ୍‌ର ହୋମ୍‌ସ୍କ୍ରିନ୍‌ରେ କ୍ୟାମେରା ଆଇକନ୍ ପାର୍ଶ୍ୱରେ ଟଙ୍କାର ଏକ ନୂଆ ଆଇକନ୍ ଦୃଷ୍ଟିଗୋଚର ହେବ। ଏହା ଉପରେ କ୍ଲିକ୍ କଲେ ପେମେଣ୍ଟ ବିଭାଗରେ ପହଞ୍ଚିବେ। ଏଠାରୁ ମୋବାଇଲ ରିଚାର୍ଜ କରିବା, ୟୁପିଆଇରୁ ଟଙ୍କା ପଠାଇବା, ମେଟ୍ରୋ ଟିକେଟ୍ ବୁକ୍ କରିବା ଆଦି କାମ ଗୋଟିଏ ସ୍ଥାନରୁ ହୋଇଯିବ। ସେହିପରି ଏଥିରେ ରିଚାର୍ଜ ସଫଳତାପୂର୍ବକ ହୋଇଯାଇଥିଲେ ସ୍କ୍ରିନ୍‌କୁ କନଫରମେସନ ମେସେଜ ଆସିବ।

# ସୋସିଆଲ ମିଡିଆ ମ୍ୟାନେଜର୍‌ଙ୍କ ଚାହିଦା ବଢ଼ୁଛି

**ବିଭିନ୍ନ କମ୍ପାନିର ସୋସିଆଲ ମିଡିଆ ପ୍ରୋଫାଇଲକୁ ସୋସିଆଲ ମିଡିଆ ଏକ୍ସପର୍ଟ ତଥା ମ୍ୟାନେଜର ସମ୍ଭାଳି ଥାନ୍ତି। ତେବେ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାର ସଉକ ଥିଲେ ଡିଜିଟାଲ ମାର୍କେଟିଂ କୋର୍ସ ମାଧ୍ୟମରେ ସୋସିଆଲ ମିଡିଆ ମ୍ୟାନେଜର ପଦବିରେ ନିଯୁକ୍ତି ମିଳିପାରିବ।**



ସୋସିଆଲ ମିଡିଆ ମ୍ୟାନେଜରଙ୍କ କାମ ହେଉଛି ଯେକୌଣସି କମ୍ପାନିର ସୋସିଆଲ ମିଡିଆ ପୋଷ୍ଟ ପାଇଁ ରଣନୀତି ପ୍ରସ୍ତୁତ କରିବା। ବ୍ରାଣ୍ଡକୁ ନେଇ ସଚେତନତା ବୃଦ୍ଧି କରିବା, ଗ୍ରାହକ ସେବା ଉନ୍ନତ କରିବା, ୱେବସାଇଟ୍ ଟ୍ରାଫିକ୍‌ର ପ୍ରଗତି ଦିଗରେ କାର୍ଯ୍ୟ କରିବା। ସେହିପରି ସୋସିଆଲ ମିଡିଆ ପେଜ୍ ଲାଗି କଣ୍ଟେଣ୍ଟ ପ୍ରସ୍ତୁତ କରିବା, ସୋସିଆଲ ମିଡିଆ ବିଜ୍ଞାପନ କ୍ୟାମ୍ପେନକୁ ମ୍ୟାନେଜ କରିବାକୁ ହୋଇଥାଏ। ଏହାବାଦ୍ ୟୁଜରଙ୍କ କମେଣ୍ଟ ମେସେଜର ଉତ୍ତର ରଖିବାକୁ ପଡ଼େ।

କେବଳ ସେତିକି ନୁହେଁ, ସୋସିଆଲ ମିଡିଆର ନୂଆ ଟ୍ରେଣ୍ଡ, ଟେକ୍ନିକ୍ ପ୍ରତି ସଚେତନ ରହିବାକୁ ହୁଏ। ବ୍ରାଣ୍ଡ, ହେଉ ଅବା ଉତ୍ପାଦ କିମ୍ବା ସେଲିବ୍ରିଟି, ଯାହା ପାଇଁ କାମ କରିବା ଦରକାର, ସେସବକୁ ସୋସିଆଲ ମିଡିଆରେ ପ୍ରମୋଟ କରିବାକୁ ପଡ଼ିଥାଏ। ଏହା ହେଉଛି ଏମିତି ଏକ କାମ ଯେଉଁଥିରେ, ଫେସବୁକ୍, ଇନଷ୍ଟାଗ୍ରାମ୍, ଟ୍ୱିଟର ଆଦି ମାଧ୍ୟମରେ ଲୋକ ଏବଂ ବ୍ରାଣ୍ଡ ମଧ୍ୟରେ ଏକ ଉତ୍ତମ ସମ୍ବନ୍ଧ ସ୍ଥାପନ କରିବା। ସେହିପରି ଏ କ୍ଷେତ୍ରରେ ମାସକୁ ଦରମା ପ୍ରାରମ୍ଭିକ ସମୟରେ ୩୦ରୁ ୮୦ ହଜାର ରହିଥାଏ।

ତେବେ ସୋସିଆଲ ମିଡିଆରେ ବିଭିନ୍ନ କମ୍ପାନିର ଉତ୍ପାଦ, ପର୍ବପର୍ବାଣି କୁପନ୍ ବାବଦରେ ଦେଖିବାକୁ ମିଳିଥାଏ। କମ୍ପାନିମାନଙ୍କର ଏ ପ୍ରକାର ପ୍ରୋଫାଇଲ ମ୍ୟାନେଜ କରିବା ଲାଗି ସୋସିଆଲ ମିଡିଆ ଏକ୍ସପର୍ଟଙ୍କ ଆବଶ୍ୟକତା ପଡ଼ିଥାଏ। ଆଜିର ସମୟରେ ବଡ଼ ବଡ଼ ସୋସିଆଲ ମିଡିଆ ଇନଫ୍ଲୁଏନସରମାନେ ମଧ୍ୟ ନିଜର ପ୍ରୋଫାଇଲ ମ୍ୟାନେଜ କରିବା ଲାଗି ସୋସିଆଲ ମିଡିଆ ଏକ୍ସପର୍ଟ ଟିମ୍ ରଖୁଛନ୍ତି। ତେଣୁ ଏବେ ବଜାରରେ ସୋସିଆଲ ମିଡିଆ ମ୍ୟାନେଜରର ଚାହିଦା ବଢ଼ୁଛି।

# ଗୁରୁତ୍ୱ ବହନ କରେ ପ୍ରଥମ ଚାକିରି

ପ୍ରଥମ ଚାକିରି କ୍ୟାରିୟରର ଦିଗ ନିର୍ଣ୍ଣୟ କରେ। ପ୍ରଥମ ଚାକିରିରେ ଆଗକୁ ବଢ଼ିବାର ଅର୍ଥ କେବଳ କାମ ପୂରା କରିବାରେ ସୀମିତ ନ ଥାଏ। ପ୍ରାରମ୍ଭିକ ସମୟରେ ଅଫିସରେ ଟିମ୍ ପରିବେଶ, ମାଲିକଙ୍କ ଆଶା ଆଦିକୁ ବୁଝି ନିଜ କାମରେ ଆଗକୁ ବଢ଼ିବା ଦରକାର। ସେହିପରି ଅଫିସ୍ ତଥା କାମର ଶୈଳୀକୁ ବୁଝିବା, ଟିମ୍‌ରେ କିଭଳି କାମ କରାଯାଏ ଶିଖିବା, ବସ୍‌ଙ୍କ ଆଶା କାମକୁ ନେଇ କ'ଣ ରହିଛି, ସେକଥା ଜାଣିବାକୁ ପଡ଼େ। ଏ ଦୃଷ୍ଟିରୁ ଜୀବନରେ ପ୍ରଥମ ଚାକିରି ସବୁବେଳେ ଗୁରୁତ୍ୱ ବହନ କରେ।



- ନିଜ ପରିଶ୍ରମ ଏବଂ ଦାୟିତ୍ୱବୋଧ ଦ୍ୱାରା କାମକୁ ଆକୃଷ୍ଟ କରିବା ଦରକାର।
- ପ୍ରେଜେଣ୍ଟେସନକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଦେବା ଜରୁରି।
- ନିତିଦିନର କାମ ଓ ପ୍ରୋଜେକ୍ଟକୁ ଟିମ୍ ଓ ବରିଷ୍ଠ ଅଧିକାରୀଙ୍କ ସହିତ ସେୟାର୍ କରନ୍ତୁ। ଏହାଦ୍ୱାରା ନିଜର ଯୋଗଦାନ ଉପରେ ସମସ୍ତଙ୍କ ନଜର ରହିବ।
- କୌଣସି ଭରସାଯୋଗ୍ୟ ସହଯୋଗୀଙ୍କଠାରୁ ପ୍ରତିକ୍ରିୟା ନିଅନ୍ତୁ। ଏହା କାମର ବିକାଶରେ ସାହାଯ୍ୟ କରିବ। ଏହା ଦ୍ୱାରା ଶୀଘ୍ର ଶିଖିବା ସହ ଭୁଲ କମ୍ ହେବ। ତା' ସହ କାମର ଦକ୍ଷତା ବୃଦ୍ଧି ପାଏ।
- ଯଦି କୌଣସି କାମ କ୍ଷମତାଠୁ ବାହାରେ ଏବଂ କମ୍ ସମୟରେ କରିବାର ଥିଲେ ନମ୍ରତାପୂର୍ବକ ମନା କରିବା ଶିଖନ୍ତୁ। ଏହା କାମ ଠକିବାକୁ ଇଙ୍ଗିତ କରି ନ ଥାଏ।

ସକାଳ
THE SAKALA
www.sakalaepaper.com

# ଷ୍ଟୋଇନିସ-ପ୍ରଭସିମରନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ମୁଲାନପୁର, ୨୮ ।୪ (ଏଜେନ୍ସି):



ଚଳିତ ଆଇପିଏଲ୍‌ର ୪୦ତମ ଲିଗ୍ ମ୍ୟାଚରେ ମଙ୍ଗଳବାର ଘରୋଇ ପଞ୍ଜାବ କିଙ୍ଗସ ଓ ରାଜସ୍ଥାନ ରୟାଲ୍ସ ସାମ୍ନାସାମ୍ନି ହୋଇଛନ୍ତି । ସ୍ଥାନୀୟ ମହାରାଜ ଯାଦବିନ୍ଦର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଛି । ଇନଫର୍ମ ଓପନର ପ୍ରଭସିମରନ ସିଂହ ଓ ମାର୍କସ ଷ୍ଟୋଇନିସଙ୍କ ଅର୍ଦ୍ଧଶତକ ବଳରେ ପଞ୍ଜାବ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୨ ରନର ବିଶାଳ ସ୍କୋର ସଂଗ୍ରହ କରିଛି । ଆଇପିଏଲ୍‌ର ଚଳିତ ସିଜନରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ପଞ୍ଜାବ ଏହି ମ୍ୟାଚ୍ ପୂର୍ବରୁ ୭ ମ୍ୟାଚରୁ ୬ ବିଜୟ ଓ ଗୋଟିଏ ବାତିଲ ସହ ୧୩ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିଛି । ସେହିଭଳି ରାଜସ୍ଥାନ ୮ ମ୍ୟାଚରୁ ୫ ବିଜୟ ଓ ୩ ପରାଜୟ ସହ ଚତୁର୍ଥ ସ୍ଥାନ ହାସଲ କରିଛି ।

ଏହି ମ୍ୟାଚରେ ଟସ୍ ଜିତି ରାଜସ୍ଥାନ ଅଧିନାୟକ ରିୟାନ ପରାଗ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଦ୍ରୁତ ଆରମ୍ଭ କରିଥିଲା । ଦୁଇ ଓପନର୍ ପ୍ରଭସିମରନ ସିଂହ ଓ ପ୍ରିୟାଂଶ ଆର୍ଯ୍ୟ ପ୍ରଥମ ୱିକେଟ ଯୋଡ଼ିରେ ୧୭ ବଲରୁ ୩୭ ରନ ଉଠାଇଥିଲେ । ତେବେ ୧୧ ବଲରେ ୨୯ ରନ କରିଥିବାବେଳେ ପ୍ରିୟାଂଶଙ୍କୁ ଆଉଟ୍ କରି ଜୋଫ୍ରା ଆର୍ଚର ରାଜସ୍ଥାନକୁ ପ୍ରଥମ ବ୍ରେକଥ୍ରୁ ଦେଇଥିଲେ । ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କୁପର କୋନଲୀ ମଧ୍ୟ ବିସ୍ଫୋରକ ପାଳି ଖେଳିଥିଲେ । ସେ ୩ ଛକା ଓ ୨ଟି ଚୌକା ବଳରେ ୧୪ ବଲରେ ୩୦ ରନ କରିବା ଯୋଗୁଁ ପଞ୍ଜାବ ସ୍କୋର ୧୦୦ ରନ ନିକଟତର ହୋଇଥିଲା । ଦ୍ୱିତୀୟ ୱିକେଟ୍‌ରେ ସିମରନଙ୍କ ସହ କୋନଲୀ ୩୩ ବଲରୁ ୫୯ ରନ ଭାଗୀଦାରି ଗଢ଼ିଥିଲେ । ତେବେ କୋନଲୀଙ୍କୁ ଆଉଟ୍ କରି ଯୁବ ଲେଗ୍-ସ୍ପିନର ଯଶ ରାଜ ପୁନିଆ ଏହି ଯୋଡ଼ି ଭାଙ୍ଗିଥିଲେ । ପରେ ପୁନିଆ ତାଙ୍କ ୩ୟ ଓଭରରେ ସିମରନଙ୍କୁ ଆଉଟ କରିଥିଲେ । ୪୪ ବଲ ଖେଳିଥିବା ସିମରନ ୬ ଚୌକା ଓ ଗୋଟିଏ ଛକା ବଳରେ ୫୯ ରନ କରିଥିଲେ । ସେହିଭଳି ମାର୍କସ ଷ୍ଟୋଇନିସ ୨୨ ବଲରେ ୬୨ ରନ (୬ ଛକା ଓ ୪ ଚୌକା)ର ବିସ୍ଫୋରକ ପାଳି ଖେଳିବାରୁ ପଞ୍ଜାବ ୪ ୱିକେଟରେ ୨୨୨ ରନର ବିଶାଳ ସ୍କୋର କରିଥିଲା ।

## ଭୁବନେଶ୍ୱର-ହାଜଲେଉଡ୍ ଆର୍‌ସିବିକୁ ଜିତାଇଲେ

ନୂଆଦିଲ୍ଲୀ: ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ଏକ ଲୋ-ସ୍କୋରିଂ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଆର୍‌ସିବିର ଦୁଇ ଡାହାଣହାତୀ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (୩-୦-୫-୩) ଓ ଜୋଶ୍ ହାଜଲେଉଡ (୩.୩-୦-୧୨-୪)ଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦିଲ୍ଲୀ ୧୬.୩ ଓଭରରେ ମାତ୍ର ୭୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ ୬.୩ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଦେବୀଦତ୍ତ ପାଡିକଲ ୧୩ ବଲରେ ୩୪ ରନ (୩ଟି ଲେଖାଏ ଚୌକା ଓ ଛକା) ଓ ବିରାଟ କୋହଲି ୧୫ ବଲରେ ୨୩ ରନ (୨ ଛକା ଓ ଗୋଟିଏ ଚୌକା) କରି ଅପରାଜିତ ରହିଥିଲେ । ଓପନର୍ ଜାକବ ବେଥେଲ ୧୧ ବଲରେ ୨୦ ରନ କରି କାଏଲ ଜାମିନସନଙ୍କ ବଲରେ ଆଉଟ୍ ହୋଇଥିଲେ ।

**ଆଜିର ଆଇପିଏଲ୍ ମ୍ୟାଚ୍**

ମୁମ୍ବଇ ବନାମ ହାଇଦରାବାଦ୍
ଭେନ୍ୟୁ - ମୁମ୍ବଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ* | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ* | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୮ | ୩ | ୫ | ୦ | ୬ | -୧.୦୬୦ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଫିଟ୍‌ଥିଲେ ମଧ୍ୟ କାହିଁକି ଖେଳିଲେନି ଲୁଙ୍ଗି ଏନ୍‌ଗିଡି

ନୂଆଦିଲ୍ଲୀ, ୨୮ ।୪(ସମିସ): ଦିଲ୍ଲୀ କ୍ୟାପିଟାଲ୍ସର ଆହତ ଫାଷ୍ଟ ବୋଲର ଲୁଙ୍ଗି ଏନ୍‌ଗିଡି ଫିଟ୍ ଥିଲେ ମଧ୍ୟ ଏପ୍ରିଲ ୨୭ରେ ଅନୁଷ୍ଠିତ ଆର୍‌ସିବି ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ । ଏପ୍ରିଲ ୨୫ ତାରିଖରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଖେଳୁଥିଲାବେଳେ ଫିଲ୍ଡିଂ କରିବାକୁ ଯାଇ ସେ ଆହତ ହୋଇଥିଲେ । ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ୧୦ ମିନିଟ୍ ଖେଳ ବନ୍ଦ ରହିବା ପରେ ପଡ଼ିଆରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା । ସେଠାରେ ମୁଣ୍ଡ ସ୍କାନ ହେବା ପରେ ଗୁରୁତର ଆଘାତ ନ ଥିବାରୁ ତାଙ୍କୁ ହସ୍ପିଟାଲ୍‌ରୁ ଛାଡିଦିଆଯାଇଥିଲା । ଏହା ପରେ ଟିମ୍ ଡାକ୍ତର ତାଙ୍କୁ ଫିଟ୍ ଘୋଷଣା କରିଥିଲେ । କିନ୍ତୁ ଦୁଇଦିନ ପରେ ଆର୍‌ସିବି ବପକ୍ଷରେ ତାଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା, କିମ୍ବା ମେ' ୧ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ତାଙ୍କୁ ଖେଳିବାକୁ ସୁଯୋଗ ମିଳିବ ନାହିଁ । ଏହାର କାରଣ ହେଲା ଆଇସିସି ନିୟମ । ଆଇସିସି ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ କନକସନ ଘୋଷଣା କରାଯିବା ପରେ ତାଙ୍କୁ ଅତିକମ୍‌ରେ ୭ ଦିନ ବିଶ୍ରାମ ଦେବା ବାଧ୍ୟତାମୂଳକ । ଏଣୁ ଫିଟ୍ ଥିଲେ ମଧ୍ୟ ତାଙ୍କୁ ଦିଲ୍ଲୀର ପରବର୍ତ୍ତୀ ମ୍ୟାଚ୍ ଦୁଇଟିରେ ଖେଳିବାକୁ ସୁଯୋଗ ମିଳିଲା ନାହିଁ । ଆଇପିଏଲ୍ ପ୍ଲେଇଂ କଣ୍ଡିସନରେ ଏଭି କିଛି ନିୟମ ନାହିଁ ।

## ସାଣ୍ଟନର ବିଦା, ମହାରାଜ ସାମିଲ

ନୂଆଦିଲ୍ଲୀ,୨୮ ।୪(ଏଜେନ୍ସି): ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା ନ୍ୟୁଜିଲାଣ୍ଡ ଟି-୨୦ ଦଳର ଅଧିନାୟକ ତଥା ବାମହାତୀ ସ୍ପିନର ମିଚେଲ ସାଣ୍ଟନର ଚଳିତ ଆଇପିଏଲ୍‌ରେ ଅବଶିଷ୍ଟ ମ୍ୟାଚ୍ ଖେଳିପାରିବେ ନାହିଁ । ତାଙ୍କ କାନ୍ଧରେ ଆଘାତ ଲାaଗିଥିବାରୁ ମୁମ୍ବଇ ଇଣ୍ଡିଆନ୍ସ ତାଙ୍କୁ ଦଳରୁ ବାଦ୍ ଦେଇଛି । ସାଣ୍ଟନରଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବରିଷ୍ଠ ଖେଳାଳି କେଶବ ମହାରାଜଙ୍କୁ ଅବଶିଷ୍ଟ ମ୍ୟାଚ୍ ଲାଗି ମୁମ୍ବଇ ଇଣ୍ଡିଆନ୍ସ ଦଳରେ ସାମିଲ କରିଛି । ଏପ୍ରିଲ ୨୯ରେ ସନ୍‌ରାଇଜର୍ସ ସହ ମୁମ୍ବଇ ତାହାର ପରବର୍ତ୍ତୀ ମ୍ୟାଚ୍ ଖେଳିବ । ୭ଟି ମ୍ୟାଚ୍ ପରେ ମୁମ୍ବଇ ୫ଟି ପରାଜୟ ସହ ପଏଣ୍ଟ ଟେବଲର ୯ମ ସ୍ଥାନରେ ରହିଛି ।

● ଟି-୨୦ ମହିଳା ବିଶ୍ୱକପ୍ କ୍ରିକେଟ

## ଇଂଲଣ୍ଡ ଦଳରେ ଅନ୍‌କ୍ୟାପ୍‌ଡ ଟିଲି



ଲଣ୍ଡନ, ୨୮ ।୪(ସମିସ): ସରେର ୧୮ ବର୍ଷିୟା ଅନ୍‌କ୍ୟାପ୍‌ଡ ବା କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ବାମହାତୀ ସ୍ପିନର ଟିଲି କୋର୍ଟିନ-କୋଲମ୍ୟାନ୍‌ଙ୍କୁ ଟି-୨୦ ମହିଳା ବିଶ୍ୱକପ୍ ଲାଗି ଇଂଲଣ୍ଡ ଦଳରେ ସାମିଲ କରାଯାଇଛି । ୧୬ ବର୍ଷ ବୟସରୁ କ୍ରିକେଟ ଖେଳୁଥିବା ଏହି ପ୍ରତିଭାବାନ ଖେଳାଳି ନିକଟରେ ଶେଷ ହୋଇଥିବା ଦ ହଣ୍ଡ୍ରେଡ୍‌ରେ ୯ଟି ମ୍ୟାଚ୍ ଖେଳି ୧୧ଟି ୱିକେଟ ପାଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଓଭରପ୍ରତି ୫.୭୫ ହାରରେ ରନ୍ ବ୍ୟୟ କରିଥିଲେ । ଘରୋଇ ଦିନିକିଆ ମ୍ୟାଚ୍‌ରେ ମଧ୍ୟ ସେ ୭ଟି ମ୍ୟାଚ୍ ଖେଳି ୧୦ଟି ୱିକେଟ ପାଇଥିଲେ । ଘରୋଇ ମାଟିରେ ଟି-୨୦ ବିଶ୍ୱକପ୍ ଖେଳାଯାଉଥିବାରୁ ଟିଲିଙ୍କ ଉପସ୍ଥିତି ଦଳ ଲାଗି ଲାଭଜନକ ହେବ ବୋଲି ଇଂଲଣ୍ଡ ଚୟନକର୍ତ୍ତମାନେ ଆଶା କରୁଛନ୍ତି । ନାତାଲି ସିଭର-ବ୍ରଣ୍ଟଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ପ୍ରାୟ ଅନ୍ୟ ସମସ୍ତ ନିୟମିତ ଖେଳାଳି ସ୍ଥାନ ପାଇଛନ୍ତି । ପୂର୍ବତନ ଅଧିନାୟିକା ଟାମି ବିଉମାଉଣ୍ଟଙ୍କୁ ଦଳରେ ସ୍ଥାନ ମିଳି ନ ଥିଲାବେଳେ ଏହି ଦଳ ନ୍ୟୁଜିଲାଣ୍ଡ ଓ ଭାରତ ବିପକ୍ଷରେ ମଧ୍ୟ ଟି-୨୦ ସିରିଜ୍ ଖେଳିବ । ଇଂଲଣ୍ଡ ଓ ୱେଲ୍ସରେ ଟି-୨୦ ମହିଳା ବିଶ୍ୱକପ୍ ଜୁନ୍ ୧୨ରୁ ଜୁଲାଇ ୫ ଯାଏ ଖେଳାଯିବ ।

● ଉବର କପ୍ ବ୍ୟାଡମିଣ୍ଟନ

## ଚୀନଠାରୁ ହାରି ଭାରତ ବିଦା

ହର୍ଷେନ୍ସ, ଡେନ୍‌ମାର୍କ, ୨୮ ।୪(ଏଜେନ୍ସି): ଶକ୍ତିଶାଳୀ ଚୀନ୍‌ଠାରୁ ୫-୦ ଗେମ୍‌ରେ ପରାଜିତ ହୋଇ ଭାରତ ଏଠାରେ ଚାଲିଥିବା ଉବରକପ୍ ମହିଳା ଟିମ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରୁ ବିଦାୟ ନେଇଛି । ଚୀନ୍‌ଠାରୁ ହାରିବା ପରେ ଦଳ ଗ୍ରୁପ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଥିଲା । ଫଳରେ ନକ୍‌ଆଉଟକୁ ଯାଇ ନ ପାରି ଲିଗ୍ ପର୍ଯ୍ୟାୟରୁ ବିଦା ହୋଇଛି ଭାରତ । ପିଭି ସିନ୍ଧୁଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ପ୍ରଥମ ମୁକାବିଲାରେ ଡେନମାର୍କଠାରୁ ୨-୩ ଗେମ୍‌ରେ ପରାଜିତ ହୋଇଥିଲା । ଏହା ପରେ ୪-୧ରେ ୟୁକ୍ରେନ୍‌କୁ ପରାସ୍ତ କରି ଦଳ ପ୍ରତ୍ୟାବର୍ତ୍ତନ କରିଥିଲା । ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ଦଳ ଲଢ଼ୁଆ ଖେଳିବ ବୋଲି ଆଶା କରାଯାଉଥିଲା । କିନ୍ତୁ ସିନ୍ଧୁ ଓ ଈଶାରାଣୀ ବରୁଆଙ୍କୁ ବାଦ୍‌ଦେଲେ ଅନ୍ୟ କେହି ଲଢ଼ିପାରି ନ ଥିଲେ । ୧୬ଥରର ଚାମ୍ପିଅନ ଚୀନ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ପୂର୍ବରୁ ଭାରତୀୟ ପୁରୁଷ ଦଳ ମଧ୍ୟ ଥୋମାସ କପ୍‌ରେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

**ଆଇପିଏଲ୍-୧୯**

## ଚର୍ଚ୍ଚାରେ ଅମ୍ପାୟାର ଅଜିତେଷ ଓ ଏସିପି ସଞ୍ଜୟ

ନୂଆଦିଲ୍ଲୀ, ୨୮ ।୪ (ଏଜେନ୍ସି): ଆଇପିଏଲ୍ ୧୯ତମ ସଂସ୍କରଣର ଅଧାରୁ ଅଧିକ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି । ଏହି ଅବସରରେ ଆଉ ଦୁଇଜଣଙ୍କୁ ନେଇ ସବୁଠି ଚର୍ଚ୍ଚା । ସେମାନେ ହେଲେ ଅମ୍ପାୟର ଅଜିତେଷ ଅର୍ଗଲ ଓ ଦିଲ୍ଲୀ ପୋଲିସ ଏସିପି ସଞ୍ଜୟ ସିଂ । ଗତକାଲି ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ଜିତିବା ପରେ ଫିଲ୍ଡ ଅମ୍ପାୟର ଅଜିତେଷଙ୍କ ସହ କୋହଲି ବହୁ ସମୟ ଧରି ହସଖୁସିରେ ବାର୍ତ୍ତାଳାପ କରୁଥିବାର ଦେଖିବାକୁ ମିଳିଥିଲା । ଏହି ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଅମ୍ପାୟାର ଅଜିତେଷଙ୍କ ସମ୍ପର୍କରେ କ୍ରିକେଟପ୍ରେମୀ ଜାଣିବାକୁ ଆଗ୍ରହୀ ହୋଇପଡ଼ିଥିଲେ । ପରେ ଜଣାପଡ଼ିଥିଲା ଯେ ଅମ୍ପାୟାର ଅଜିତେଷ ହେଉଛନ୍ତି ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ପୂର୍ବତନ ଖେଳାଳି । ୨୦୦୮ରେ କୋହଲିଙ୍କ ନେତୃତ୍ୱରେ ଭାରତ ଯେତେବେଳେ ଯୁବ ବିଶ୍ୱକପ୍ ଜିତିଥିଲା ଅଜିତେଷ ଜଣେ ପ୍ରମୁଖ ଖେଳାଳି ଥିଲେ । ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ସେ ୫



ଓଭର ବୋଲିଂ କରି ୭ ରନ ବ୍ୟୟରେ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ । ବରୋଦାର ଅଜିତେଷ ଇନକମ୍ ଟ୍ୟାକ୍ସ ବିଭାଗରେ କ୍ରୀଡ଼ା କୋଟାରେ ଚାକିରି ପାଇଥିଲେ । ପରେ ୨୦୨୩ରେ ସେ ବିସିସିଆଇ ଅମ୍ପାୟାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ଅପରପକ୍ଷରେ ଦିଲ୍ଲୀ ପୁଲିସର ଏସିପି ସଞ୍ଜୟ ସିଂ ମଧ୍ୟ ଗ୍ରୀନ କରିଡର କରି ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଲୁନଗି ଏନଗିଡିଙ୍କ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ଏପ୍ରିଲ ୨୫ରେ ଅରୁଣ ଜେଟଲୀରେ ପଞ୍ଜାବ ବିପକ୍ଷ ମ୍ୟାଚରେ ଦିଲ୍ଲୀର ଦ୍ରୁତ ବୋଲର ଏନଗିଡି ଫିଲ୍ଡିଂ କରୁଥିବାବେଳ ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ । ଏହି ସମୟରେ ଷ୍ଟାଡିୟମରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ଦିଲ୍ଲୀର ବ୍ୟସ୍ତବହୁଳ ଟ୍ରାଫିକ ସମସ୍ୟା ମଧ୍ୟରେ ଗ୍ରୀନ କରିଡର କରି ଏସିପି ସଞ୍ଜୟ ଆମ୍ବୁଲାନ୍ସକୁ ୩୦ ମିନିଟ ବଦଳରେ ମାତ୍ର ୧୧ ମିନିଟରେ ହସ୍ପିଟାଲରେ ପହଞ୍ଚାଇ ଦେଇଥିଲେ । ଫଳରେ ଏନଗିଡିଙ୍କୁ ଜରୁରୀକାଳୀନ ଚିକିତ୍ସା ଠିକ୍ ସମୟରେ ମିଳିପାରିଥିଲା । ଉଲ୍ଲେଖନୀୟ କଥା ହେଉଛି ଏସିପି ସଞ୍ଜୟ ଜଣେ ପୂର୍ବତନ କ୍ରିକେଟର୍ । ସେ ଗୌତମ ଗମ୍ଭୀର ଓ କୋହଲିଙ୍କ ସହ ଏକାଠି କ୍ଲବସ୍ତରରେ ମ୍ୟାଚ୍ ଖେଳିଥିଲେ । ତେଣୁ ଏନଗିଡିଙ୍କ ଆଘାତ ସମସ୍ୟାକୁ ବୁଝି ତାଙ୍କୁ ଠିକ୍ ସମୟରେ ହସ୍ପିଟାଲ ପହଞ୍ଚାଇବା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ସେ ବୁଝିଥିଲେ ।

**କଳିଙ୍ଗରେ ନ୍ୟାସନାଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍**

## ୟୁପିର ଦାମୋଦରନ ୫ମ ସ୍ୱର୍ଣ୍ଣ ଜିତିଲେ

ଭୁବନେଶ୍ୱର,୨୮ ।୪ (ସମିସ): ଉତ୍ତରପ୍ରଦେଶର ହର୍ଷିତ୍ ଦାମୋଦରନ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍‌ରେ ରେକର୍ଡ ୫ମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଅଲରାଉଣ୍ଡ ସଫଳତା ପାଇଥିବା ଦାମୋଦରନ ପରେ ଅନୁଷ୍ଠିତ ଇଣ୍ଡିଭିଜୁଆଲ ଆପାରଟସର ୪ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । କନିଷ୍ଠ ବିଭାଗ ଫ୍ଲୋର ଏକ୍ସରସାଇଜ୍, ରିଙ୍ଗ୍‌ସ, ଭଲ୍ଟ ଓ ହୋରାଇଜୋଣ୍ଟାଲ ବାର୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କେବଳ ପୋମେଲ ହର୍ଷରେ ଏମ୍‌ପିର ସ୍ୱର୍ଣ୍ଣିକ ଜୟସ୍ୱାଲ ଓ ପାରାଲେଲ ବାରରେ ମହାରାଷ୍ଟ୍ରର ନିଶାଦ ନର୍ବାଣେ ପ୍ରଥମ ହୋଇଥିଲେ ।



ପୁରୁଷ ବିଭାଗ ଇଣ୍ଡିଭିଜୁଆଲ ଆପାରଟସରେ ରେଲୱେର ସତ୍ୟଜିତ ମଣ୍ଡଳ ୨ଟି ବିଭାଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ସେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ତାଙ୍କ ସହ ରେଲୱେକୁ ୪ଟି ବିଭାଗରେ ସ୍ୱର୍ଣ୍ଣପଦକ ମିଳିଛି । ଅନ୍ୟ ଦୁଇଟି ହେଲା ପୋମେଲ ହର୍ଷରେ ସିଦ୍ଧାର୍ଥ ବର୍ମା ଓ ହୋରାଇଜୋଣ୍ଟାଲ ବାର୍‌ରେ ଶାୟାନ ଶର୍ମା । ପାରାଲେଲ ବାରସରେ ସର୍ଭିସେସ୍‌ର ଗୌରବ କୁମାର ଓ ରିଙ୍ଗରେ ଛତିଶଗଡ଼ର ଆଦାରି ନବୀନ ସାଇ କ୍ରିଷ୍ଣା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଓଡ଼ିଶାରୁ କୌଣସି ଖେଳାଳି ଆଜି ଉଭୟ ବିଭାଗରେ ପଦକ ଜିତିବାରେ ସମର୍ଥ ହୋଇ ପାରି ନାହାନ୍ତି ।

## ଗୋଟିଏ ମ୍ୟାଚ୍ ଜିତିଲେ ୧୭ ବର୍ଷରୁ ଫିଫା ବିଶ୍ୱକପ୍ ଖେଳିବ ଭାରତ



ନୂଆଦିଲ୍ଲୀ, ୨୮ ।୪(ଏଜେନ୍ସି): ୧୭ ବର୍ଷରୁ କମ୍ ଏସିଆନ୍ କପ୍ ମୁକାବିଲାରୁ ଉତ୍ତର କୋରିଆ ଓହରିଯିବା ପରେ ଭାରତର ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବା ସୁଯୋଗ ସୃଷ୍ଟି ହୋଇଛି । ୨୦୧୭ରେ ଆୟୋଜକ ଭାବେ ଭାରତ ପ୍ରଥମଥର ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ଖେଳିଥିଲା । ଏଥର ଆୟୋଜକ କତାର ସମେତ ଏସିଆ ମହାଦେଶରୁ ୯ଟି ଦଳ ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇବେ । ଏବେ ଅଂଶଗ୍ରହଣକାରୀ ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ । ଏବେ ଭାରତ ସାମିଲ ହୋଇଥିବା ଗ୍ରୁପ୍‌ରୁ ଉତ୍ତର କୋରିଆ ଓହରିଯାଇଛି । ଏବେ ଗ୍ରୁପ୍‌ରେ ଭାରତ, ଅଷ୍ଟ୍ରେଲିଆ ଓ ଉଜ୍‌ବେକିସ୍ତାନ ରହିଛନ୍ତି । ପ୍ରତ୍ୟେକ ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିବେ । ଏହା ଫଳରେ ଗୋଟିଏ ମ୍ୟାଚ୍ ଜିତି ଅନ୍ୟଟି ଡ୍ର ରଖିପାରିଲେ ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ । ଗ୍ରୁପ୍‌ରେ ଯଦି ପ୍ରଥମ ଦୁଇଟି ଦଳ ମଧ୍ୟରେ ଭାରତ ସ୍ଥାନ ହାସଲ କରେ ତେବେ ଦଳ ନିଶ୍ଚିତ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବ ।

**ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## ସେମିଫାଇନାଲରେ ସୁନ୍ଦରଗଡ଼

ଭୁବନେଶ୍ୱର, ୨୮ ।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହୋଇଛି । ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଭୁବନେଶ୍ୱର-ଏ, କଟକ-ଏ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି ।

ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୧୦ ରନରେ ଗଞ୍ଜାମକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୪୩.୨ ଓଭରରେ ୧୭୪ ରନରେ ଅଲ୍‌ଆଉଟ୍ ହୋଇଥିଲା । ଗଞ୍ଜାମର ସୁପ୍ରିତ ପାଢ଼ୀ ଓ ରାହୁଲ ପରିଡ଼ା ୪ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ଗଞ୍ଜାମ ୨୧.୧ ଓଭରରେ ୬୪ ରନରେ ସୀମିତ ରହିଥିଲା । ବିଜୟୀ ଭୁବନେଶ୍ୱର-ଏ'ର ନୀଲେଶ ଦାସ (୩ ୱିକେଟ୍) ଓ ଲିଓନେଲ ମେହେର (୩୮ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କଟକ-ଏ ବିପକ୍ଷରେ ଯାଜପୁର ୧୬୩ ରନରେ ଅଲଆଉଟ୍ ହୋଇଥିଲା । ଦଳ ପକ୍ଷରୁ ସେଖ ଟି ଅହମ୍ମଦ୍ ୪୧ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ପ୍ରୀତିଶ ମିଶ୍ର ୫ ୱିକେଟ୍ ସଫଳତା ପାଇଥିଲେ । ପ୍ରତ୍ୟୁତ୍ତରରେ କଟକ-ଏ ପ୍ରିୟାଂଶୁ ସାମଲଙ୍କ ୩୯ ରନ ବଳରେ ୪ ୱିକେଟ ହରାଇ ୩୯.୩ ଓଭରରେ ବିଜୟୀ ହୋଇଥିଲା । ନିମପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ପକ୍ଷରୁ ଧାର୍ଯ୍ୟ ୧୬୯ ରନର ଲକ୍ଷ୍ୟକୁ ପିଛା କରି ଭୁବନେଶ୍ୱର-ବି ଦଳ ୪୩ ଓଭରରେ ୧୧୮ ରନରେ ସମସ୍ତ ୱିକେଟ୍ ହରାଇଥିଲା । ସୁନ୍ଦରଗଡ଼ର ଶିବମ୍ ଏଚ୍ ରାମ ୪ଟି ୱିକେଟ୍ ନେଇଥିଲେ । ସନସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ୫୨ ରନରେ କେନ୍ଦୁଝରକୁ ପରାସ୍ତ କରି ସେମିକୁ ଅଗ୍ରଗତି କରିଛି । ଖୋର୍ଦ୍ଧାର ଶୁଭ୍ରାଂଶୁ ଭୋଇ ୩ଟି ୱିକେଟ୍ ନେଇଥିଲେ ।



ପ୍ରୀତିଶ ମିଶ୍ର



ଶିବମ୍ ଏଚ୍ ରାମ

## ଏସିଆନ ବିଚ୍ ଗେମ୍ସ: କବାଡ଼ିରେ ଭାରତକୁ ସ୍ୱର୍ଣ୍ଣ ଓ ରୌପ୍ୟ

ନୂଆଦିଲ୍ଲୀ, ୨୮ ।୪ (ଏଜେନ୍ସି): ଚାଇନାର ସାନ୍ୟାରେ ଚାଲିଥିବା ଏସିଆନ ବିଚ୍ ଗେମ୍ସରେ ଭାରତ କବାଡ଼ିରେ ଦୁଇଟି ପଦକ ଜିତିବାରେ ସଫଳ ହୋଇଛି । ଭାରତୀୟ ମହିଳା ଦଳ ଚାମ୍ପିଅନ ହୋଇଥିବାବେଳେ ପୁରୁଷ ଦଳ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି । ମହିଳା କବାଡ଼ି ଫାଇନାଲରେ ଭାରତ ୪୭-୩୧ ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲା । ଏଥିପୂର୍ବରୁ ସେମିଫାଇନାଲରେ ଭାରତ ୫୦-୩୧ରେ ବାଂଲାଦେଶକୁ ହରାଇ ଫାଇନାଲକୁ ଉଠିଥିଲା । ଅପରପକ୍ଷରେ ଭାରତୀୟ ପୁରୁଷ ଦଳ ଫାଇନାଲରେ ୩୧-୪୪ରେ ଶକ୍ତିଶାଳୀ ଇରାନ ନିକଟରୁ ହାରି ରୌପ୍ୟ ପଦକ ହାସଲ କରିଛି ।

## ନୀଳାଚଳ ଟ୍ରଫି ଫାଇନାଲରେ ୟୁନିଅନ୍ ସ୍ପୋର୍ଟିଂ

ପୁରୀ,୨୮ ।୪(ସମିସ)

କଟକର ୟୁନିଅନ ସ୍ପୋର୍ଟିଂ ୧୭ତମ ଜଗଦୀଶଚନ୍ଦ୍ର ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି । ପୁରୀର ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ଆଜି ଖେଳାଯାଇଥିବା ରୋମାଞ୍ଚକ ପ୍ରଥମ ସେମିଫାଇନାଲରେ ୟୁନିଅନ୍ ସ୍ପୋର୍ଟିଂ ମାତ୍ର ୭ ରନ୍‌ରେ ଭୁବନେଶ୍ୱରର ତାରକା ଖଚିତ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଏହି ମ୍ୟାଚ୍‌ରେ ବିଜୟୀ ୟୁନିଅନ ସ୍ପୋର୍ଟିଂ ପକ୍ଷରୁ ଦେବୀପ୍ରସାଦ ମହାପାତ୍ର ୫୫ ରନ୍ କରିବା ସହ ୨୦ରନ୍‌ରେ ୩ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହି ମ୍ୟାଚରେ ମାତ୍ର ୧୮ ରନ୍ ଦେଇ ୪ଟି ୱିକେଟ ନେଇଥିବା ଆଶୁତେଶ ମାରାଣ୍ଡିଙ୍କୁ ଶ୍ରେଷ୍ଠ ଇମ୍ପାକ୍ଟ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ଆସନ୍ତାକାଲିଠାରୁ ଗ୍ରୁପ୍-ବି'ର ଲିଗ୍ ପର୍ଯ୍ୟାୟ ବା ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯିବ । ଏଥିରେ କୋଲକାତାର ଲକ୍ଷ୍ମୀରତନ ଶୁକ୍ଲା କ୍ରିକେଟ ଏକାଡେମୀ ସହ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମୁକାବିଲା କରିବେ ।




ଆଜି ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୟୁନିଅନ ସ୍ପୋର୍ଟିଂ ୩୬.୩ ଓଭରରେ ୧୭୫ରନ୍ କରି ଅଲଆଉଟ ହୋଇଥିଲା । ଦେବୀଙ୍କ ୫୫ରନ୍ ବ୍ୟତୀତ ସୁଜିତ କୁମାର ଲେଙ୍କା ୫୪ ରନ୍ କରିଥିଲେ । ମୁକ୍ତେଶ୍ୱରର ଆଶୁତୋଷ ୪ ୱିକେଟ ବ୍ୟତୀତ ସ୍ୱପ୍ ଏସ୍ ଭୂୟାଁ, ପ୍ରତୀକ ସ୍ୱାଇଁ ଓ ଚନ୍ଦ୍ରାଂଶୁ ବାଘେଲ ୨ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ମୁକ୍ତେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୯ ୱିକେଟ ହରାଇ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଓପନର ତନୟକୁମାର ବିଶ୍ୱାଳ ସର୍ବାଧିକ ୭୭ ଓ ଦିନେଶ କୁମାର ମାଝୀ ୨୯ ରନ୍ କରିଥିଲେ । ବିଜୟୀ କଟକ ଦଳ ପକ୍ଷରୁ ଦେବୀ ୩ଟି, ବିଶ୍ୱଜିତ ପ୍ରଧାନ ଓ ପ୍ରଶାନ୍ତ କୁମାର ରଣା ୨ଟି ଲେଖାଏଁ ୱିକେଟ ପାଇଥିଲେ ।

ଖେଳ ଶେଷରେ ୱଣ୍ଡର ୱାର୍ଲ୍ଡର ଏମ୍‌ଡି ନିରଞ୍ଜନ ପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍‌କୁ, ଡାଏକିନ୍‌ର ମୁଖ୍ୟ ପ୍ରଦୀପ୍ତ ମିଶ୍ର ଓ ସତ୍ୟକେତନ ମିଶ୍ର ଇମ୍ପାକ୍ଟ ଖେଳାଳିଙ୍କୁ ଓ ଦର୍ଶକଙ୍କ ମଧ୍ୟରେ ଲକି ଡ୍ର'ରେ ମୋବାଇଲ ଜିତିଥିବା ଶୁଭମ ସିଂଙ୍କୁ ଷ୍ଟର୍ଲିଂ ରିସର୍ଟର ଉପସଭାପତି ସିତାଂଶୁ ଭାର୍ଗବ ପୁରସ୍କୃତ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS